# ତାଲିମ ପୁସ୍ତିକା

# ବୈଜ୍ଞାନିକ ପଦ୍ଧତିରେ ଗାଈ ପାଳନ




କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨, ବ୍ରହ୍ମପୁର

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,

ଭୁବନେଶ୍ୱର - ୭୫୧୦୦୩


भाकृअनुप
ICAR

ସମ୍ପାଦନା ମଣ୍ଡଳୀ :
ଡା ଲିପିଲେଖା ସ୍ୱାଇଁ
ଡ. ସିଦ୍ଧାର୍ଥ ଶଙ୍କର ଦାସ

ସମ୍ପାଦନା ମୁଖ୍ୟ :
ଡ. ସୁଜିତ କୁମାର ନାଥ

**Edited By :**
**Dr. Lipilekha Swain**
DTC, CDVO, Ganjam
**Dr. Sidhartha Sankar Das**
Scientist (Fishery Science)

**Chief Editor :**
**Dr. Sujit Kumar Nath**
Sr. Scientist & Head
Krishi Vigyan Kendra, Ganjam - II

**Published by :**
Krishi Vigyan Kendra, Ganjam - II

# ଗାଈ ଫାର୍ମ ପ୍ରତିଷ୍ଠା ପୂର୍ବ ପ୍ରସ୍ତୁତି

ଗାଈ ଫାର୍ମ କରିବା ପୂର୍ବରୁ ଗୁହାଳ ନିର୍ମାଣ, ଦୁଧିଆଳୀ ଗାଈ ବାଛିବା, ମୂଳ ପୁଞ୍ଜୀର ଆକଳନ ବିଷୟରେ ଜାଣିବା ଆବଶ୍ୟକ। ଜଣେ ସଚେତନ ଚାଷୀ ଗୋପାଳନ କରିବାକୁ ହେଲେ ଏସବୁ ବିଷୟରେ ଧାରଣା ଥିବା ଜରୁରୀ।

**ଗୁହାଳ:**

ଗାଈ ବାଛୁରୀ ଆରାମଦାୟକ ଗୁହାଳରେ ରହିଲେ ଅଧିକ କ୍ଷୀର ଦିଅନ୍ତି । ବର୍ଷା, ଖରା ଓ ଶୀତରୁ ନିରାପଦ ରଖିବା ହିଁ ଗୁହାଳର ଉଦ୍ଦେଶ୍ୟ। ଧ୍ୟାନ ଦେବା କଥାଯେ ଉତ୍ତମ ବାୟୁଚଳାଚଳ ଓ ଆଲୋକର ବ୍ୟବସ୍ଥା ଗୁହାଳରେ ଥିବା ଦରକାର । ଗାଁ ଗହଳିରେ ଗାଈଗୋରୁଙ୍କୁ ସାଧାରଣତଃ ଲୋକେ ଗୋଠରେ କିମ୍ବା ଘରେ ଏକ ଛୋଟ ବଖରାରେ ରଖିଥାନ୍ତି । ଏହି ଗୁହାଳ ବଖରାଟି ଘରର ଦାଣ୍ଡ ମୁହଁରେ କିମ୍ବା ଶେଷରେ ତିଆରି ହୋଇଥାଏ । ଗୁହାଳ ସାଧାରଣତଃ ନଡ଼ାଛପରରେ ତିଆରି କରାଯାଏ। ଗୁହାଳର କାନ୍ଥ ମୁଖ୍ୟତଃ ମାଟି/ଇଟା ଦ୍ୱାରା ତିଆରି କରାଯାଇଥାଏ। ଚଟାଣ ଇଟା/ପଥରରେ ଦ୍ୱାରା ତିଆରି କରିଲେ ଭଲ ମାତ୍ର ଏହା ସମତଳ ଓ ସାମାନ୍ୟ ଗଡ଼ାଣିଆ ହେବା ଉଚିତ। ଗୁହାଳରେ ଖାଦ୍ୟପାତ୍ରର ବ୍ୟବସ୍ଥା ରଖିବା ଉଚିତ୍। କାଠ ଡଙ୍ଗା କିମ୍ବା କୁଣ୍ଡକୁ ଖାଦ୍ୟପାତ୍ର ଭାବରେ ବ୍ୟବହାର କରାଯାଇପାରିବ। ଠିକ୍ ସେହିପରି ପିଇବା ପାଣି ରଖିବା ପାଇଁ ବାଲ୍‌ଟି/ସିମେଣ୍ଟ କୁଣ୍ଡକୁ ବ୍ୟବହାର କରାଯାଇପାରିବ।

**ଏକ ଭଲ ଗୁହାଳ କିପରି ହେବା କଥା ?**

- କାନ୍ଥଟି ସାଧା ପଲସ୍ତରା/ଚିକ୍କଣ ହୋଇଥିବ, ଗାଡ଼ କିମ୍ବା ଆବଡ଼ା ଖାବଡ଼ା ହୋଇ ନଥିବ ।
- ଉତ୍ତମ ବାୟୁଚଳାଚଳ ପାଇଁ ଝରକାମାନ ଥିବ ଓ ଆଲୋକ ପଡୁଥିବ, ଯେପରି ଚଟାଣ ଶୁଖିଲା ରହିବ।
- ପରିସ୍ରା ଓ ଗୁହାଳସଫା ପାଣି ବହିଯିବା ପାଇଁ ଗୁହାଳରେ ଥିବା ପାଣି ନାଳ ଢାଲୁ ରହିବା ଦରକାର ।
- ଗୁହାଳ ପୂର୍ବ-ପଶ୍ଚିମାଭିମୁଖୀ ହେବା ଦରକାର ଯେପରିକି ସୂର୍ଯ୍ୟକିରଣ ଗୁହାଳ ଭିତରେ ଭଲ ଭାବରେ ପଡ଼ିବ ।
- ଭିନ୍ନ ଭିନ୍ନ ପ୍ରକାରର ଗୋରୁ ପାଇଁ ଭିନ୍ନ ଭିନ୍ନ ପରିମାଣର ଜାଗା ଆବଶ୍ୟକତା ପଡିଥାଏ।

## ଉତ୍ତମ ଗାଈ ଚିହ୍ନିବେ କିପରି ?

ଗୋଟିଏ ଦୁଧିଆଳୀ ଗାଈ କିଣିବା ବେଳେ ନିମ୍ନୋକ୍ତ ବିଷୟକୁ ଧ୍ୟାନରେ ରଖିବା ଉଚିତ ।

**୧. ଗାଈର ମୋଟାମୋଟି ଚେହେରା :-**

ଉଜ୍ଜ୍ୱଳ ଆଖି, ସୁନ୍ଦର ଚେହେରା, ମାତୃ ସୁଲଭ ଶାନ୍ତ ବ୍ୟବହାର, ନିଜ ଜାତି ବା ପ୍ରଜାତି ରୂପ ରଙ୍ଗ, ବଡ ବଡ ଉଜ୍ଜ୍ୱଳ ଆଖି ସହ ଶରୀର ତୁଳନାରେ ହାଲୁକା ମୁଣ୍ଡ । ଷଣ୍ଢ ପରି ମାଂସାଳ ଦେଖାଯାଉନଥିବ । ପେଟ ବଡ, ବର୍ତ୍ତୁଳ, ପିଠି ଓସାରିଆ, ପଞ୍ଜରା ହାଡ ଅଳ୍ପ ଦେଖାଯାଇ ଅନୁଭବ କରିବା ପରି ମାତ୍ର ଚର୍ବି ବା ମାଂସାଳ ହୋଇନଥିବ । ଠେଙ୍ଗେଣୀ ହାଡ ଓ ଲାଞ୍ଜ ତଳ ହାଡଦ୍ୱୟ ପରସ୍ପରଠାରୁ ଯେତେ ଓସାରିଆ ହେବ ସେତେ ଭଲ । ଆଗ ଗୋଡ ଦୁଇଟି ମଧ୍ୟରେ ବ୍ୟବଧାନ ବେଶୀ ହେଲେ ଛାତି ଚଉଡା ହୁଏ । ସେହିପରି ପଛ ଦୁଇ ଗୋଡ ମଧ୍ୟରେ ବ୍ୟବଧାନ ଯେତେ ତଫାତ ହେବ, ପହ୍ନା ସେତେ ବଡ ଓ ଆଗ ପଛ ବିସ୍ତାରିତ ହେବ ।

ପତଳା ଓ ଚିକ୍କଣ ନରମ ଚର୍ମ, ଯାହା ଟିପରେ ଧରିଲେ ଧୋକଡା ହୋଇ ଟାଣି ହୋଇ ଆସେ । ପତଳା ବେକ । ଛୋଟ ଚୂଳ କାରଣ ବଡ ଚୂଳ ଚର୍ବି ଓ ମାଂସାଳ ଲକ୍ଷଣଯୁକ୍ତ,ଚର୍ବି ଓ ମାଂସାଳ ଶରୀର ହୋଇ ନଥିବ ।

**୩. ପେଟ ପିଠି ଆକାର :-**

ଗାଈକୁ ଚାହିଁ ପେଟ ବଡ ହେବା ଫଳରେ ଗାଈ ବେଶୀ ଖାଇ ଭଲ ହଜମ କରିବା ଫଳରେ ବେଶୀ ଦୁଗ୍ଧ ଦେଇପାରିବ । ଚୂଳ ତଳକୁ ଯେଉଁ ଗାଈର ପିଠି ଓ ଛାତିର ଗୋଲେଇ ଅଧିକ ତାର ଶ୍ୱାସକ୍ରିୟା ଓ ରକ୍ତ ସଂଚାଳନ ଅଧିକ । ସେହି ଗାଈ ବେଶୀ କ୍ଷୀର ଦିଅନ୍ତି ।

**୪. ପହ୍ନା ଓ ଚିର :-**

ବେଶୀ କ୍ଷୀର ଦେଇପାରୁଥିବା ଗାଈର ପହ୍ନା ବଡ । ଏହା ଆଗକୁ ନାହି ପର୍ଯ୍ୟନ୍ତ ଓ ପଛକୁ ପରିସ୍ରାଦ୍ୱାର ପର୍ଯ୍ୟନ୍ତ ଏବଂ ଦୁଇ କଡକୁ ଯଥେଷ୍ଟ ବ୍ୟାପିଥିବ । ପ୍ରତି ଚିର ହିସାବରେ, ପହ୍ନା ୪ ଭାଗରେ ସମାନ ଭାବେ ବିଭକ୍ତ ହେଲାପରି ଜଣାପଡୁଥିବ । ଚାରିଟିଯାକ ଚିର ସମାନ ଓ ଏକ ସମତଳରେ ଓହଳିଥିବ, ସରୁ ବା ମୋଟା ହୋଇନଥିବ । କ୍ଷୀର ଦୁହିଁ ସାରିଲା ପରେ ପହ୍ନା ସ୍ପଞ୍ଜ ପରି ସୁକୁଟି ଛୋଟ ହୋଇଯାଉଥିବ, ଚିର ଗୁଡ଼ିକ ମଧ ହାତକୁ ନରମ ଲାଗି ଛୋଟ ହୋଇଯାଉଥିବ । ପହ୍ନା ବା ଚିରର କୌଣସି ଅଂଶ ହାତକୁ ଟାଣ ଲାଗୁନଥିବ । ପହ୍ନା ଉପରକୁ ଛୋଟ ଛୋଟ ଶିରା ଓ ଦୁଇ କଡରେ ନାହି ପର୍ଯ୍ୟନ୍ତ ମୋଟା ମୋଟା ଦୁଇଟି ଶିରା ଅଙ୍କାବଙ୍କା ହୋଇ ଲମ୍ବି ଯାଇଥିବ । ଏ ଶିରାଗୁଡିକ ଯେତେ ମୋଟା ଓ ଶାଖା ପ୍ରଶାଖା ବିଶିଷ୍ଟ ହୋଇଥିବ ସେ ଗାଈ ସେତେ ବେଶୀ କ୍ଷୀର ଦେଉଥିବ ।

ଦୁଧିଆଳୀ ଗାଈ ବାଛିବା ସମୟରେ ପ୍ରଥମେ ଗାଈର ବୟସ ଅନୁମାନ କରିବା ନିହାତି ଆବଶ୍ୟକ । ସାଧାରଣତଃ ଗାଈମାନଙ୍କର ତିନି ପ୍ରକାର ଦାନ୍ତ ଦେଖାଯାଏ ଯଥା ଚର୍ବଣ ଦାନ୍ତ, ମଝି ଦାନ୍ତ ଏବଂ କଳ ଦାନ୍ତ । ଗାଈମାନଙ୍କଠାରେ ଦେଖାଯାଉଥିବା ଦାନ୍ତର ସୂତ୍ର (ଚର୍ବଣ ୦/୪, ମଝି ୩/୩, କଳ ୩/୩ ) ଅର୍ଥାତ ଗାଈମାନଙ୍କଠାରେ ଉପର ମାଢ଼ିରେ କିଛି ଚର୍ବଣ ଦାନ୍ତ ନ ଥାଏ ଏବଂ ତଳ ମାଢ଼ିରେ ଆଠଟି ଚର୍ବଣ ଦାନ୍ତ ଥାଏ ।

**ଗାଈର ବୟସ ଓ ଦାନ୍ତ :**

ଗାଈର ବୟସକୁ ସାଧାରଣତଃ ଗାଈର ସାମନା ଦାନ୍ତ ବା ଛାମୁ ଦାନ୍ତ ଗଣି ଜାଣିହୁଏ । ନିମ୍ନରେ ଦାନ୍ତ ସଂଖ୍ୟା ଓ ବୟସର ଏକ ହିସାବ ଦିଆଗଲା:-

| ଛାମୁ ଦାନ୍ତ ସଂଖ୍ୟା | ବୟସ |
|---|---|
| ୨ ଦାନ୍ତ | ୨ ବର୍ଷ |
| ୪ ଦାନ୍ତ | ୨ରୁ ଅଢେଇ ବର୍ଷ |
| ୬ ଦାନ୍ତ | ୩ ବର୍ଷ |
| ୮ ଦାନ୍ତ | ୪ ବର୍ଷ |



୨ ବର୍ଷ - ଦୁଇଟି ସ୍ଥାୟୀ ଛାମୁଦାନ୍ତ ସମ୍ପୂର୍ଣ୍ଣ ରୂପେ ବିକଶିତ।



୨ ୧/୨ ବର୍ଷ ଦ୍ୱିତୀୟ ହଳ ଛାମୁଦାନ୍ତ (ସବୁଜ), ଦୁଇ ଓ ଦୁଇବର୍ଷ ୬ ମାସ ବେଳକୁ ଆସିଥାଏ।



୩ ବର୍ଷ - ୬ଟି ସ୍ଥାୟୀ ଛାମୁଦାନ୍ତ ୩ ବର୍ଷ ବେଳକୁ ପୂର୍ଣ୍ଣ ମାତ୍ରାରେ ବିକଶିତ ହୋଇଥାଏ।



୪ ବର୍ଷ - ଗାଈମାନଙ୍କର ସମୁଦାୟ ୮ଟି ସ୍ଥାୟୀ ଛାମୁଦାନ୍ତ ରହିଥାଏ।



୪ -୪ ୧/୨ ବର୍ଷ - ୮ଟି ସ୍ଥାୟୀ ଛାମୁ ଦାନ୍ତ ଧିରେ ଧିରେ କ୍ଷୟ ହେବା ଆରମ୍ଭ ହୁଏ। ଦାନ୍ତ ଗୁଡ଼ିକରେ ଅଗ୍ରଭାଗ ତୀକ୍ଷ୍ଣ ଥାଏ।



୬ ବର୍ଷ - ଦାନ୍ତ ଘୋରି ହୋଇଯାଏ ଓ ଅଧିକ ଗୋଲାକାର ଦେଖାଯାଏ। ୬ ବର୍ଷ ବୟସରେ ଦାନ୍ତ ଅଲଗା ହେବା ଆରମ୍ଭ ହୁଏ।

୬ ରୁ ୭ ବର୍ଷ ବୟସରେ ଏହି ଦାନ୍ତଗୁଡ଼ିକ ଘୋରି ହେବା ଆରମ୍ଭ ହୋଇଥାଏ ଏବଂ ଦାନ୍ତଗୁଡ଼ିକ କ୍ରମଶଃ ଛୋଟିଆ ଏବଂ ଗୋଜିଆ ହୋଇଥାଏ । ଏଣୁ ଦୁଇ ଦାନ୍ତ କିମ୍ବା ଅତି ବେଶୀରେ ୪ ଦାନ୍ତ ଥିବା ଗାଈ ବାଛିବା ଉଚିତ । ଗାଈର କ୍ଷୀର ମାପି ଦୁଧିଆଳୀ ଗାଈ ବାଛିବା ନିହାତି ଆବଶ୍ୟକ । ଗୋଟିଏ ଗାଈକୁ ଅତି କମରେ କ୍ରମାନ୍ୱୟରେ/ଲଗାତାର ଚାରିଥର ଦୁହିଁବା ଦରକାର । ତନ୍ମଧ୍ୟରୁ ପ୍ରଥମ ଦୁହାଁରେ ମିଳିଥିବା କ୍ଷୀରର ପରିମାଣକୁ ବାଦ ଦେଇ, ଅନ୍ୟ ତିନିଥରରେ ଦୁହାଁ ଯାଇଥିବା କ୍ଷୀରର ପରିମାଣକୁ ମୋଟ କରାଯାଏ । ଉକ୍ତ ମୋଟ ପରିମାଣକୁ  ତିନି ସଂଖ୍ୟା ଦ୍ୱାରା ଭାଗ କରାଯାଇଥାଏ ଏବଂ ସେହି ପରିମାଣକୁ ଦୁଇ ଗୁଣ କରାଯାଏ ଯାହାକି ଗାଈର ଦୈନିକ ବା ଦୁଇ ଓଳି କ୍ଷୀର ଦେବାର ପରିମାଣ ବିଷୟରେ ସୂଚନା ଦେଇଥାଏ । ତଦନୁଯାୟୀ ଗାଈର କ୍ରୟ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ । ଗାଈ ଦୁହିଁବାର କିଛି ସମୟ ପରେ କ୍ଷୀର ମାପିବା ଉଚିତ ନଚେତ ଫେଣ ଅଧିକ କ୍ଷୀର ଦେବାର ଭ୍ରମ ସୃଷ୍ଟି କରିଥାଏ।

**ଦୁଧିଆଳୀ ଗାଈର ଲକ୍ଷଣର ମାପକାଠି**

ସାଧାରଣତଃ ଗୋଟିଏ ଦୁଧିଆଳୀ ଗାଈକୁ ବାଛିବା ସମୟରେ ନିମ୍ନୋକ୍ତ ଦିଗ ପ୍ରତି ଧ୍ୟାନ ଦେବାକୁ ପଡିଥାଏ । ଗୋଟିଏ ଗାଈର ସମଗ୍ର ଶରୀରକୁ ନିମ୍ନଲିଖିତ ପାଞ୍ଚ ଭାଗରେ ବିଭକ୍ତ କରାଯାଇ ଭାଗ ପ୍ରତି ସାଙ୍କେତିକ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ ।

**ଶରୀରର ବିଭିନ୍ନ ଅଂଶ ଅନୁଯାୟୀ ମାପକ (ନମ୍ବର)**

| କ୍ର. ସଂ. | ଅଂଶ | ନମ୍ବର |
|---|---|---|
| ୧ | ଗାଈର ମୋଟାମୋଟି ଚେହେରା | ୧୫ |
| ୨ | ଦୁଧିଆଳୀ ଲକ୍ଷଣ | ୨୦ |
| ୩ | ପେଟ ଓ ପିଠି ଆକାର | ୧୦ |
| ୪ | ପାଦ ଓ ଗୋଡ | ୧୫ |
| ୫ | ପହ୍ନା ଓ ଚିର | ୪୦ |
| | ମୋଟ | ୧୦୦ |

ଦୁଧିଆଳୀ ଗାଈ ବାଛିବାର ଉପାୟ

ଗୋରୁମାନଙ୍କୁ ସାଧାରଣତଃ ସେମାନଙ୍କର ଉପଯୋଗୀତା ଅନୁସାରେ ତିନି ଭାଗରେ ବିଭକ୍ତ କରାଯାଇଥାଏ ଯଥା :-

୧. ଦୁଧିଆଳୀ　　　　୨. ପରିଶ୍ରମୀ　　　　୩. ଉଭୟ ଦୁଧିଆଳୀ ଓ ପରିଶ୍ରମୀ

ଭାରତ ବର୍ଷରେ ପାଳନ କରାଯାଇଥିବା ବିଭିନ୍ନ ଗୋରୁ ପ୍ରଜାତି ଗୁଡିକ ନିମ୍ନରେ ପ୍ରଦାନ କରାଗଲା ।

ଓଡ଼ିଶାରେ ପ୍ରଜନନ ପାଇଁ ବ୍ୟବହାର ହେଉଥିବା ବିଭିନ୍ନ ଗୋ-ପ୍ରଜାତିର ବୈଶିଷ୍ଟ୍ୟ

ହରିଆନା:



ହରିଆନା ଗାଈ ଏକ ଉତ୍ତମ କ୍ଷୀର ଦେଉଥିବା ଗାଈ ତଥା ଚଷକାମ କରୁଥିବା ଶ୍ରେଣୀ ପାଇଁ ଏହାର ଅଣ୍ଡିରା ବାଛୁରୀ ଭଲ ବଳଦ ରୂପେ ବ୍ୟବହାର ହୋଇଥାନ୍ତି। ରଙ୍ଗ ଧଳା ବା ଇଷତ୍ କଳ୍ପଳା, ବେକ ଲମ୍ବା, ଶରୀର ଡ଼େଙ୍ଗା। ଏହି ଗାଈକୁ ନଡା, କୁଣ୍ଡା, ଘାସ ଓ ଦାନା ଦେଇ ପାଳନ କରିହେବ।ଏହି ପ୍ରଜାତିର ଗାଈ ଏକ ଫଳରେ ୬୦୦ରୁ ୮୦୦ ଲିଟର ଦୁଗ୍ଧ ଦେଇଥାନ୍ତି। ଯଦି ଚାଷୀମାନେ ଆଗ୍ରହ ପ୍ରକାଶ କରନ୍ତି, ଓଡ଼ିଶାର ଆଂଚଳିକ ଦେଶୀ ଗାଈ ମାନଙ୍କୁ କୃତ୍ରିମ ପ୍ରଜନନ ମାଧ୍ୟମରେ ହରିଆନାର ଷଣ୍ଢର ଶୁକ୍ରାଣୁ ବ୍ୟବହାର କରି ଉନ୍ନତ କରାଯାଇ ପାରିବ।

ରେଡ୍ ସିନ୍ଧି :



ଏହି ଗାଈ ଏକ ଦୁଧିଆଳୀ ପ୍ରଜାତିର ଦେଶୀ ଗାଈ । ଏହି ଗାଈମାନଙ୍କର ରଙ୍ଗ ଇଷତ୍ ଲାଲରୁ ଗାଢ଼ ଲାଲ୍ ହୋଇଥାଏ। କେତେକ କ୍ଷେତ୍ରରେ ଧଳା ଚିହ୍ନ ମଧ୍ୟ ଥାଏ। ଏହି ଗାଈମାନେ ସାଧାରଣତଃ ୧୨୫୦ ରୁ ୧୮୦୦ କି.ଗ୍ରା ପ୍ରତି ଫଳରେ ଦୁଗ୍ଧ ଦେଇଥାନ୍ତି।

ସାହିଓ୍ୱାଲ୍ :



ସାହିଓ୍ୱାଲ୍ ସର୍ବୋତ୍କୃଷ୍ଟ ଭାରତୀୟ ଦୁଧିଆଳୀ ଗାଈ ଅଟେ। ଏହାର ରଙ୍ଗ ସାଧାରଣତଃ ଇଷତ୍ ଲାଲ ହୋଇଥାଏ। ଏହା ଏକ ଓଜନିଆ ଦୁଧିଆଳୀ ପ୍ରଜାତିର ଗାଈ ଏବଂ ଗାଈର ଚର୍ମ ଢ଼ିଲାଥାଏ। ହାରାହାରି ୧୪୦୦ - ୨୫୦୦ କି.ଗ୍ରା. ଦୁଗ୍ଧ ପ୍ରତି ବେତରେ ଦେଇଥାନ୍ତି।

ଥାର୍‌ପାର୍‌କର :



ଏହା ମଧ୍ୟମ ଧରଣର ଏବଂ ଶରୀର ରଙ୍ଗ ଧଳା କିମ୍ବା ଈଷତ୍ ପାଉଁଶିଆ ହୋଇଥାଏ। ଏହା ଦୁଗ୍ଧ ଦେଉଥିବା ଗାଈ ଓ ଚାଷ କରୁଥିବା ବଳଦ ପାଇଁ ଉପଯୁକ୍ତ। ଗାଈ ହାରାହାରି ୧୮୦୦ - ୨୬୦୦ ଦୁଗ୍ଧପ୍ରତି ଫଳରେ ଦେଇଥାନ୍ତି।

ଗିର୍:



ଗିର୍ ହେଉଛି ଭାରତୀୟ ଦୁଧିଆଳୀ ପ୍ରଜାତିର। ଶରାରର ରଙ୍ଗ ଗାଢ଼ ଲାଲ୍। ଚକ୍‌ଲେଟ ଧୂସରରଙ୍ଗ ଠାଏ ଠାଏ ରହିଥାଏ, ବେଳେ ବେଳେ କଳା କିମ୍ବା ପୁରା ଲାଲ୍ ରଙ୍ଗ ଥାଏ। ଶରୀର ତୁଳନାରେ ମୁଣ୍ଡ ବଡ ଓ କପାଳ ଖୁବ ଉଚ୍ଚ ଏବଂ ଚଉଡା । ମୁହଁଟି ସରୁ । କାନ ଲମ୍ବା ଓ ତଳକୁ ଝୁଲୁଥାଏ । ଶିଙ୍ଗ ପଛକୁ ବଙ୍କାହୋଇ ଉପରକୁ ମୋଡି ହୋଇଥାଏ । ଦେହ ରଙ୍ଗ ଲାଲ, କଳା ଓ ଧଳା । ବଳଦ, ଚାଷ ପାଇଁ ଓ ଶଗଡ ଟାଣିବା ପାଇଁ ଉପଯୁକ୍ତ । ଗୁଜୁରାଟରେ ଏହା ଦେଖାଯାଏ । ଏହି ପ୍ରଜାତି ସାଧାରଣତଃ ଏକ ହୃଷ୍ଟପୃଷ୍ଟ ଓ ରୋଗ ସହଣି ପ୍ରଜାତିର ଅଟନ୍ତି।

ଦୁଗ୍ଧ ଦେବା କ୍ଷମତା - ୧୨୦୦ – ୧୮୦୦ କି.ଗ୍ରା. ପ୍ରତି ଫଳରେ

**ବିଦେଶୀ ଦୁଧିଆଳୀ ପ୍ରଜାତିର ଗାଈ**

ମୁଖ୍ୟତଃ ସଙ୍କରିକରଣ ପାଇଁ ଏହି ଜାତିର ଗୋରୁ ବ୍ୟବହାର କରାଯାଏ ।

**ହଲ୍‌ଷ୍ଟିନ୍:**



ଏହା ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ବ୍ୟବହାର କରାଯାଏ।

ରଙ୍ଗ କଳା, ଦେହ ଉପରେ ଧଳା ଧଳା ଛାପା ଚିହ୍ନ ଦେଖାଯାଏ। ଏମାନଙ୍କର ଚୂଳ ନଥାଏ, ଲାଞ୍ଜ ଚଅଁର ଧଳା। ଏହା ଦେଖିବାକୁ ଅପେକ୍ଷାକୃତ ବଡ଼ ଏବଂ ଶରୀର ବିରାଟକାୟ, ପହ୍ନା ବଡ଼।

ହାରାହାରୀ ଦୁଗ୍ଧ ଉତ୍ପାଦନ ଅବଧି: - ୩୦୫ ଦିନ

ପ୍ରଥମ ବାଛୁରୀ ଜନ୍ମ ସାଧାରଣତଃ ୨୮ - ୩୦ ମାସରେ ହୋଇଥାଏ।

ଦୁଗ୍ଧ ଦେବା କ୍ଷମତା - ଗୋଟିଏ ବେତରେ ୭୨୦୦ ରୁ ୯୦୦୦ କି.ଗ୍ରା. କ୍ଷୀର ଉତ୍ପାଦନ ହୋଇଥାଏ।

ଜର୍ସି:



ବିଦେଶୀ ଦୁଧିଆଳୀ ଗାଇ। ଆଂଚଳିକ ଗାଇ ମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ବୃଦ୍ଧି ନିମନ୍ତେ ବ୍ୟବହାର କରାଯାଏ। ଏମାନଙ୍କ ଚୂଳ ନଥାଏ । ଆଖି ବଡ। ମୁହଁ ଚଉଡା ଓ ଶିଙ୍ଗ ଛୋଟ, ରଙ୍ଗ ଲାଲ, ଧୂସର।

ପ୍ରଥମ ବାଛୁରୀ ଜନ୍ମ - ୨୮ - ୩୦ ମାସ ମଧ୍ୟରେ

ଦୁଗ୍ଧ ଦେବା କ୍ଷମତା – ଗୋଟିଏ ବେତରେ (୩୦୫ ଦିନରେ) ୫୦୦୦ ରୁ ୮୦୦୦ କିଗ୍ରା ହୋଇଥାଏ।

**ମଇଁଷି ପ୍ରଜାତି**

ମଇଁଷିମାନଙ୍କ ମଧ୍ୟରେ ମୁରା ସର୍ବୋତ୍କୃଷ୍ଟ ଦୁଧିଆଳୀ ଜାତୀୟ ମଇଁଷି ଭାରତବର୍ଷରେ ଦେଖାଯାଆନ୍ତି ।

(କ) ମୁରା :- ହରିଆନା ଓ ପଞ୍ଜାବରେ ଦେଖାଯାଆନ୍ତି । ମୁଣ୍ଡ ଛୋଟ । ଶିଙ୍ଗ ବଙ୍କା ହୋଇ ପଛକୁ ଉପରକୁ ମୋଡି ମୋଡି ହୋଇ ରହିଥାଏ । ଶରୀର ଲମ୍ୱ ଅଧିକ । ୩୦୦ ଦିନରେ ୨୦୦୦ ଲିଟର ଦୁଗ୍ଧ ଦିଅନ୍ତି । ଶରୀର କଳା, ପହ୍ନା ବଡ଼ ଓ ଶକ୍ତିଶାଳୀ। ଶିଙ୍ଘ ପୁରା ଗୋଲାକାର ହୋଇ ବୁଲିଥାଏ ।



## ଗୁହାଳର ଆବଶ୍ୟକତା

୧. ଗୋମହିଷାଦିଙ୍କୁ ଖରା, ବର୍ଷା ଏବଂ ପ୍ରତିକୂଳ ବାତାବରଣରୁ ରକ୍ଷା କରାଯାଏ ।

୨. ଗୋମହିଷାଦିଙ୍କୁ ସୁସ୍ଥ ଏବଂ ସୁବିଧା ପରିବେଶ ପ୍ରଦାନ କରାଯାଏ ।

୩. ଉତ୍ତମ ସ୍ୱାସ୍ଥ୍ୟ ରକ୍ଷାରେ ସହାୟକ ହୁଏ ।

୪. ବାଛୁରୀର ମୃତ୍ୟୁହାରକୁ ହ୍ରାସ କରିବାରେ ସହାୟକ ହୁଏ ।

୫. ଗୋମହିଷାଦିଙ୍କୁ ବନ୍ୟଜନ୍ତୁ ଏବଂ ଚୋରିରୁ ରକ୍ଷା କରାଯାଏ ।

୬. ଉନ୍ନତ ମାନର କ୍ଷୀର ଏବଂ କ୍ଷୀରଜାତ ସାମଗ୍ରୀ ଉତ୍ପାଦନରେ ସହାୟକ ହୁଏ ।

୭. ସଠିକ ରୋଗ ପ୍ରତିଷେଧ କରିବାରେ ସହାୟକ ହୁଏ ।

୮. ଗୋମହିଷାଦି ମାନଙ୍କୁ ଉତ୍ତମ ଯତ୍ନ ଏବଂ ପରିପାଳନ କରି ହୁଏ ।

୯. ସଠିକ ଏବଂ ନିୟନ୍ତ୍ରିତ ଦାନା ଗୋମହିଷାଦିମାନଙ୍କୁ ଯୋଗାଇ ଦିଆଯାଏ ।

## ଗୁହାଳର ସ୍ଥାନ ନିରୂପଣ

୧. ଗୁହାଳ ସାଧାରଣତଃ ପରିପାର୍ଶ୍ୱଠାରୁ ଉଚ୍ଚ ଜାଗାରେ ହେବା ଆବଶ୍ୟକ ଯେପରିକି ବର୍ଷା ପାଣି ଏବଂ ଗୁହାଳର ମଇଳା ପାଣି ସହଜରେ ନିଗିଡି ଯିବ ।

୨. ଗୁହାଳର ମାଟି ପ୍ରାୟତଃ ବାଲି ଏବଂ ପଙ୍କ ମିଶା ହେବା ଦରକାର ଯାହାକି ଜଳ ନିଷ୍କାସନରେ ସାହାଯ୍ୟ କରେ ।

୩. ଗୁହାଳର ଲମ୍ବ ଅକ୍ଷ (long axis) ପୂର୍ବ - ପଶ୍ଚିମ ଦିଗରେ ହେବା ଦରକାର ଓ ସ୍ଥାନୀୟ ପରିବେଶ ଓ ଜଳବାୟୁ ଅନୁଯାୟୀ ପରିବର୍ତ୍ତନ କରାଯାଇପାରେ ।

୪. ଗୁହାଳ ଏବଂ ତାକୁ ଯୋଗ କରୁଥିବା ମୁଖ୍ୟ ରାସ୍ତା ମଧ୍ୟରେ ଦୂରତ୍ୱ ଅତି ବେଶିରେ ୧୦୦ ମିଟର ରହିବା ଉଚିତ ।

୫. ପାଣି ଏବଂ ଆଲୋକର ସୁବନ୍ଦୋବସ୍ତ ଥିବା ସ୍ଥାନରେ ଗୁହାଳ କରିବା ଉଚିତ ।

ବନ୍ଧା ଗୁହାଳ :- ସାଧାରଣତଃ ଗୋମହିଷାଦିଙ୍କୁ ଗୋଟିଏ ଗୁହାଳ ମଧ୍ୟରେ ରଖାଯାଏ ଏବଂ କ୍ଷୀର ଦୁହାଁ ଯାଏ । ସାଧାରଣତଃ ବନ୍ଧା ଗୁହାଳ ବିଭିନ୍ନ ପ୍ରକାର ହୋଇଥାଏ ଯଥା ଏକ ମହଲା ବିଶିଷ୍ଟ, ଦୁଇ ମହଲା ବିଶିଷ୍ଟ, ବୃତ୍ତାକାର ସଦୃଶ ଇତ୍ୟାଦି । ତନ୍ମଧ୍ୟରୁ ଆମ ଦେଶରେ ଏକ ମହଲା ବିଶିଷ୍ଟ ବନ୍ଧା ଗୁହାଳ ବିଶେଷ ଭାବରେ ପ୍ରଚଳିତ । ଏକ ମହଲା ବିଶିଷ୍ଟ ବନ୍ଧା ଗୁହାଳକୁ ଗାଇ ସଂଖ୍ୟା ଅନୁସାରେ ଦୁଇଭାଗରେ ବିଭକ୍ତ କରାଯାଇଛି । ଯଦି ଗାଇମାନଙ୍କର ସଂଖ୍ୟା ୧୦ ବା ତହିଁରୁ କମ ହୋଇଥାଏ, ତେବେ ଗାଇମାନଙ୍କୁ ଗୋଟିଏ ଧାଡିରେ ବନ୍ଧା ଯାଇଥାଏ । ଯଦି ଗାଇମାନଙ୍କର ସଂଖ୍ୟା ୧୦ ରୁ ଉର୍ଦ୍ଧ୍ୱ ଏବଂ ୫୦ ରୁ କମ ହୋଇଥାଏ, ତେବେ ଗାଇମାନଙ୍କୁ ଦୁଇ ଧାଡିରେ ବନ୍ଧା ଯାଏ । ଦୁଇଧାଡି ବିଶିଷ୍ଟ ଗୁହାଳରେ ଗାଇମାନଙ୍କୁ ସାଧାରଣତଃ ଦୁଇ ପ୍ରକାରରେ ବନ୍ଧା ଯାଇପାରେ, ଯଥା:- (୧) ଲାଞ୍ଜକୁ ଲାଞ୍ଜ ପ୍ରଣାଳୀ (୨) ମୁଣ୍ଡକୁ ମୁଣ୍ଡ ପ୍ରଣାଳୀ ।

ଛୋଟ ଗାଇ ଫାର୍ମରେ, ଗାଇଗୋରୁମାନଙ୍କୁ ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ଗୁହାଳର ବ୍ୟବସ୍ଥା କରିବା ଉଚିତ । ସେଗୁଡିକ ହେଲା :- (୧) ଗାଇଗୁହାଳ (୨) ବାଛୁରୀ ଗୁହାଳ ।

**ଗାଈ ସଂଖ୍ୟା ଅନୁସାରେ ଗୁହାଳ ଏକ ଧାଡି ବିଶିଷ୍ଟ ବା ଦୁଇଧାଡି ବିଶିଷ୍ଟ ହୋଇପାରେ ।**

ଗୋଟିଏ ଧାଡି ବିଶିଷ୍ଟ ଗାଈ ଗୁହାଳର ମାପ :-

**୧. ଦାନା ବା ଖାଦ୍ୟ ଦେବା ପାଇଁ ବାଟ = ୩ ଫୁଟ**

**୨. ଦାନା କୁଣ୍ଡ କିମ୍ବା ଖାଦ୍ୟ କୁଣ୍ଡ = ୨ ୧/୨ ଫୁଟ**

**୩. ଛିଡା ହେବା ପାଇଁ ସ୍ଥାନ = ୫ ଫୁଟ**

**୪. ନାଳ = ୧ ଫୁଟ**

**୫. କ୍ଷୀର ସଂଗ୍ରହ ପାଇଁ ବାଟ = ୫ ଫୁଟ**

**୬. ଦୁଇଟି ଗାଈ ମଧ୍ୟରେ ବ୍ୟବଧାନ = ୪ ଫୁଟ**




ଗାଈମାନଙ୍କୁ ଗୋଟିଏ ଧାଡିରେ ବାନ୍ଧି ରଖିବା ପ୍ରଣାଳୀରେ, ଗୋଟିଏ ଦୁଧିଆଳୀ ଗାଈ ପାଇଁ ୧୬.୫ ଫୁଟ ଲମ୍ବ ଓ ୫ ଫୁଟ ଚଉଡ଼ା ଚଟାଣ ଜାଗା ଆବଶ୍ୟକ । ୨ ଗୋଟି ଗାଈ ପାଇଁ ମୋଟ ୩୩ ଫୁଟ ଲମ୍ବ ଓ ୧୪ ଫୁଟ ଚଉଡ଼ା ଚଟାଣ ଆବଶ୍ୟକ ।

**ଲାଞ୍ଜକୁ ଲାଞ୍ଜ ଗାଈ ବାନ୍ଧିବା ପ୍ରଣାଳୀର ଉପକାରିତା :-**

(୧) ଏହି ପ୍ରଣାଳୀରେ ପରିଶ୍ରମ ମୁଣ୍ଡକୁ ମୁଣ୍ଡ ବାନ୍ଧିବା ପ୍ରଣାଳୀ ଠାରୁ କମ ।

(୨) ଗୁହାଳର ମଝି ରାସ୍ତା ଗାଈକୁ ଧୋଇବା ଏବଂ କ୍ଷୀର ଦୁହିଁବାରେ ବହୁତ ସହାୟକ ହୋଇଥାଏ ।

(୩) ଏହି ପ୍ରଣାଳୀରେ ରୋଗ ସଂକ୍ରମଣର ସମ୍ଭାବନା ବହୁତ କମ୍ ।

(୪) ଗାଈମାନେ ବାହାରୁ ଖୋଲା ପବନ ପାଇଥାଆନ୍ତି ।

(୫) ଗାଈମାନଙ୍କୁ ଦେଖାରଖା କରିବାରେ ସୁବିଧା ହୋଇଥାଏ ।

(୬) ଗାଈର ପଛ ଭାଗର ଯେ କୌଣସି ବ୍ୟତିକ୍ରମ ସହଜରେ ଜାଣି ହୁଏ ।

**ମୁଣ୍ଡକୁ ମୁଣ୍ଡ ଗାଈ ବାନ୍ଧିବା ପ୍ରଣାଳୀର ଉପକାରିତା :-**

(୧) ଏହି ପ୍ରଣାଳୀରେ ଦୁଇ ଧାଡ଼ିର ଗାଈ ମାନଙ୍କୁ ଏକ ସଙ୍ଗରେ ଦାନା ଦେବା ସୁବିଧା ହୋଇଥାଏ ।

(୨) ଗୁହାଳର ମଝି ରାସ୍ତାରେ ଯାଇ ସମସ୍ତ ଗାଈଙ୍କୁ ଦେଖିହୁଏ ।

(୩) ନାଳରେ ସୂର୍ଯ୍ୟକିରଣ ପଡ଼ିଥାଏ ।

ସାଧାରଣତଃ, ଆମ ରାଜ୍ୟରେ ଗାଈ ମାନଙ୍କୁ ଲାଞ୍ଜକୁ ଲାଞ୍ଜ ବାନ୍ଧିବା ପ୍ରଣାଳୀରେ ରଖାଯାଏ ।

ଦୁଇ ଧାଡି ବିଶିଷ୍ଟ ଗାଈ ଗୁହାଳର ମାପ :-

ଲାଞ୍ଜକୁ ଲାଞ୍ଜ

| କ୍ର. ସଂ. | ବିଷୟବସ୍ତୁ | ଚଟାଣ |
|---|---|---|
| ୧ | ଦାନା ଦେବା ପାଇଁ ବାଟ | ୩ ଫୁଟ |
| ୨ | ଦାନା କୁଣ୍ଡ | ୨$\frac{1}{2}$ ଫୁଟ |
| ୩ | ଛିଡା ହେବା ପାଇଁ ସ୍ଥାନ | ୫ ଫୁଟ |
| ୪ | ନାଳ | ୧ ଫୁଟ |
| ୫ | କ୍ଷୀର ସଂଗ୍ରହ ପାଇଁ ବାଟ | ୮ ଫୁଟ |
| ୬ | ନାଳ | ୧ ଫୁଟ |
| ୭ | ଛିଡା ହେବା ପାଇଁ ସ୍ଥାନ | ୫ ଫୁଟ |
| ୮ | ଦାନା କୁଣ୍ଡ | ୨$\frac{1}{2}$ ଫୁଟ |
| ୯ | ଦାନା ଦେବା ପାଇଁ ବାଟ | ୩ ଫୁଟ |
| | ମୋଟ | ୩୧ ଫୁଟ |

ମୁଣ୍ଡକୁ ମୁଣ୍ଡ

| କ୍ର. ସଂ. | ବିଷୟବସ୍ତୁ | ଚଟାଣ |
|---|---|---|
| ୧ | କ୍ଷୀର ସଂଗ୍ରହ ପାଇଁ ବାଟ | ୫ ଫୁଟ |
| ୨ | ନାଳ | ୧ ଫୁଟ |
| ୩ | ଛିଡା ହେବା ପାଇଁ ସ୍ଥାନ | ୫ ଫୁଟ |
| ୪ | ଦାନା କୁଣ୍ଡ | ୨$\frac{1}{2}$ ଫୁଟ |
| ୫ | ଦାନା ଦେବା ପାଇଁ ବାଟ | ୩ ଫୁଟ |
| ୬ | ଦାନା କୁଣ୍ଡ | ୨$\frac{1}{2}$ ଫୁଟ |
| ୭ | ଛିଡା ହେବା ପାଇଁ ସ୍ଥାନ | ୫ ଫୁଟ |
| ୮ | ନାଳ | ୧ ଫୁଟ |
| ୯ | କ୍ଷୀର ସଂଗ୍ରହ ପାଇଁ ବାଟ | ୫ ଫୁଟ |
| | ମୋଟ | ୩୦ ଫୁଟ |

ପ୍ରସବ ଘର :-

ପ୍ରସବ ଘର ଚଟାଣ ସ୍ଥାନ ଗାଈ ପିଛା ୧୦୦-୧୫୦ ବର୍ଗ ଫୁଟ ହେବା ଆବଶ୍ୟକ । ଏହି ଘରେ ଗାଈ ବସା ଉଠା କରିବା ପାଇଁ ଚଟାଣରେ ପାଳ ବିଛେଇବା ଦରକାର । ଏହି ଘରେ ଆଲୋକ ଏବଂ ବାୟୁର ସୁବ୍ୟବସ୍ଥା ହେବା ଦରକାର । ଘରର ଦୁଆର ୫ ଫୁଟ ଚଉଡ଼ା ହେବା ଉଚିତ୍ । ଚଟାଣ ଗୋଡ଼ ନ ଖସିବା ପରି ହେବ ।

ବାଛୁରୀ ଗୁହାଳ :-

ଏହା ସର୍ବଦା ଗାଈ ଗୁହାଳକୁ ଲାଗି କରି ରହିବା ଉଚିତ । ଏଥିରେ ଆଲୋକ ଏବଂ ବାୟୁର ସୁବ୍ୟବସ୍ଥା ହେବା ଅତ୍ୟନ୍ତ ଆବଶ୍ୟକ । ଏଥିରେ ଜଳ ନିଷ୍କାସନରେ ସୁବନ୍ଦୋବସ୍ତ ରହିବା ଅତ୍ୟନ୍ତ ଜରୁରୀ ଅଟେ । ବାଛୁରୀ ଗୁହାଳରେ ଦାନା ପାତ୍ର, ପାଣି ପାତ୍ରର ବ୍ୟବସ୍ଥା ରହିବା ଦରକାର । ଦୁଇ ମାସ ବୟସ ପରେ ବାଛୁରୀକୁ ବାନ୍ଧି ଗୁହାଳରେ ରଖାଯାଏ ।

**ବୟସ ଅନୁସାରେ ଦରକାର ପଡୁଥିବା ଚଟାଣ ସ୍ଥାନ ନିମ୍ନରେ ଦିଆଗଲା ।**

**ଆବଶ୍ୟକ ଚଟାଣ ଜାଗା**

| ଗୋରୁ ପ୍ରକାର | ଆବଦ୍ଧ ଜାଗା (ବର୍ଗ ଫୁଟ) | ଖୋଲା ଜାଗା (ବର୍ଗ ଫୁଟ) |
|---|---|---|
| ତିନି ମାସ ବୟସ ପର୍ଯ୍ୟନ୍ତ ବାଛୁରୀ | ୬ | ୧୦-୧୫ ଫୁଟ |
| ୩ ରୁ ୬ ମାସ ବୟସ ପର୍ଯ୍ୟନ୍ତ ବାଛୁରୀ | ୧୦-୧୨ | ୨୦-୩୦ |
| ୬ ମାସରୁ ଉର୍ଦ୍ଧ୍ୱ ବୟସ ବାଛୁରୀ | ୧୬-୨୦ | ୩୫-୪୫ |
| ଛଡ଼ା | ୨୦-୨୫ | ୫୦-୬୦ |
| ଗାଈ | ୨୦-୩୦ | ୮୦-୧୦୦ |
| ଗର୍ଭବତୀ ଗାଈ | ୧୦୦-୧୨୦ | ୧୮୦-୨୦୦ |
| ମଇଁଷି | ୨୫-୩୫ | ୨୦୦-୨୫୦ |

## ଗାଈ ଗୁହାଳ ନିର୍ମାଣ

କାନ୍ଥ :- ସାଧାରଣତଃ ଗୁହାଳ କାନ୍ଥ ଇଟାରେ ତିଆରି ହୋଇଥାଏ । କାନ୍ଥର ଉଚ୍ଚତା ଅତି କମରେ ୪ ୧/୨ ଫୁଟ ହେବା ଉଚିତ । କାନ୍ଥ ଉପରେ ୧ ଫୁଟ ଚଉଡ଼ା ଖୁଣ୍ଟ (ପିଲାର୍) କିମ୍ବା ୫ ଇଞ୍ଚ ବ୍ୟାସାର୍ଦ୍ଧ ଲୁହା ପାଇପ୍ ୫ ଫୁଟ ବ୍ୟବଧାନରେ ୩ ଫୁଟ ଉଠାଯାଏ । ଖୁଣ୍ଟ (ପିଲାର୍) ମଧ୍ୟରେ ଥିବା ସ୍ଥାନରେ ଲୁହା ଜାଲି ବା ବାଉଁଶ ଜାଲି ଲଗାଯାଏ । ଏହାଦ୍ୱାରା ଗୁହାଳରେ ପର୍ଯ୍ୟାପ୍ତ ଆଲୋକ ମିଳିଥାଏ ଏବଂ ମୁକ୍ତ ପବନ ଚଳାଚଳ ହୋଇଥାଏ ।

ଦୁଆର :- ଏକ ଧାଡିରେ ବନ୍ଧାଯାଉଥିବା ଗୁହାଳର ଦୁଆର ୭ ଫୁଟ ଉଚ୍ଚ ଏବଂ ୪ ଫୁଟ ହେବା ଆବଶ୍ୟକ । ଦୁଇ ଧାଡିରେ ବନ୍ଧା ଯାଉଥିବା ଗୁହାଳର ଦୁଆର ୭ ଫୁଟ ଉଚ୍ଚ ଏବଂ ୮ ଫୁଟ ଚଉଡା ହେବା ଉଚିତ । ଗୁହାଳର ଦୁଆର ଏପରି ତିଆରି ହେବା ଦରକାର ଯେପରି ଖୋଲିଲେ ଏହା ବାହାର କାନ୍ଥ ସହିତ ସଂପୂର୍ଣ୍ଣ ରୂପେ ଲାଗି କରି ରହୁଥିବ ।

ଦାନା ଦେବା ପାଇଁ ବାଟ :- ଦାନା ଦେବା ପାଇଁ ରାସ୍ତା ୩ ଫୁଟରୁ ଅଧିକ ହେବା ଉଚିତ ନୁହେଁ ।

ଗାଈ ଛିଡା ହେବା ପାଇଁ ଚଟାଣ :- ଏହା ବେଶୀ ବଡ ହେଲେ ଗାଈର ଚଳ ପ୍ରଚଳ ଯୋଗୁଁ ସଂପୂର୍ଣ୍ଣ ଜାଗା ଗୋବର ଏବଂ ପରିସ୍ରା ଦ୍ୱାରା ଅପରିଷ୍କାର ହେବାର ସମ୍ଭାବନା ଥାଏ । ଏହି ସ୍ଥାନ ଅତି ଛୋଟ ହେଲେ ଗାଈର ଗୋଡ ନାଳରେ ପଶି ଆଘାତ ହେବାର ସମ୍ଭାବନା ଥାଏ । ତେଣୁ ଗାଈ ଛିଡା ହେବା ପାଇଁ ୫ ଫୁଟ ଲମ୍ବ ଉପଯୁକ୍ତ ଅଟେ ।

ଗୁହାଳ ଚଟାଣ :- ଗାଈକୁ ଗୋଡ଼ ଖସି ପଡିଯିବା ସମ୍ଭାବନାରୁ ରକ୍ଷା କରିବା ପାଇଁ ସିମେଣ୍ଟ ଚଟାଣକୁ କରଣୀ ସାହାଯ୍ୟରେ ଗାର କାଟି ଦେବା ଉଚିତ । ଦୁଇଗାର ମଧ୍ୟରେ ଦୂରତା ୩ ଇଞ୍ଚ ଏବଂ ଗାରର ଗଭୀରତା ୧/୨ ଇଞ୍ଚ ହେବା ଆବଶ୍ୟକ । ସିମେଣ୍ଟ ଚଟାଣ ଟିକିଏ ଗଡ଼ାଣିଆ ହେଲେ ପରିସ୍ରା ସହଜରେ ଗଡ଼ି ଯାଇ ନାଳରେ ପଡ଼ିଥାଏ ।

କ୍ଷୀର ସଂଗ୍ରହ ପାଇଁ ବାଟ: ଗାଈ ଦୁଇ ଧାଡିରେ ବନ୍ଧା ହେଉଥିବା ଗୁହାଳରେ ଏହି ବାଟ ଅତି କମରେ ୫ ଫୁଟ ହେବା ଉଚିତ ।

ନାଳ :- ନାଳର ଚଉଡା ୧-୧ ୧/୨ ଫୁଟ ଏବଂ ଗଭୀରତା ୧/୨ ଫୁଟ ହେବା ଆବଶ୍ୟକ । ଏହା ସାଧାରଣତଃ ବାହାର ପଟକୁ ଗଡାଣିଆ ହେବା ଉଚିତ ଫଳରେ ନାଳ ସଫା କରିବାକୁ ସହଜ ହୁଏ ।

ଦାନା କୁଣ୍ଡ :- ଦାନା କୁଣ୍ଡ କାଠରେ ତିଆରି ନକରି ସିମେଣ୍ଟରେ ତିଆରି କରିବା ଉଚିତ ।

ପ୍ରତ୍ୟେକ ଗାଈ ପାଇଁ ଦାନା କୁଣ୍ଡ :- ଏହା ସାଧାରଣତଃ ୪ ୧/୨ ଫୁଟ ଉଚ୍ଚ, ୧ ୧/୨ ଫୁଟ ଚଉଡା ଏବଂ ୮ ଇଞ୍ଚ ଗଭୀର । ସଫା କରିବା ପାଇଁ ଅଧିକ ଶ୍ରମ ଦରକାର କରେ ।

ସମୂହ ଲମ୍ବା ଦାନା କୁଣ୍ଡ :- ଏହାକୁ ସୁବିଧାରେ ସଫା କରାଯାଏ । ଏହାର ପଛ ପାଖର ଉଚ୍ଚତା ୨ ୧/୨ ଫୁଟ, ଚଉଡା ୨ ଫୁଟ ଏବଂ ସାମନା ପାଖର ଉଚ୍ଚତା ୬-୯ ଇଞ୍ଚ ହୋଇଥାଏ ।

# ସାଧାରଣ ଯତ୍ନ ଓ ପରିପାଳନ

## ନବଜାତ ବାଛୁରୀର ଯତ୍ନ :

- ଜନ୍ମ ପରେ ପରେ ନବଜାତ ବାଛୁରୀକୁ ଗାଈ ଘଟିଥାଏ । କୌଣସି କାରଣବଶତଃ ନ ଘଟିଲେ ବାଛୁରୀ ଦେହ ଉପରେ କିଛି ଚୋକଡ଼ ପକାଇଲେ ଗାଈ ଘଟିବ ।
- ନବଜାତ ବାଛୁରୀର ନାକ ଓ ମୁହଁରୁ ଲାଗିଥିବା ଲାଳକୁ ପୋଛି ବାହାର କରିଦେବା ବିଧେୟ ।
- ବାଛୁରୀ ଶ୍ୱାସ ପ୍ରଶ୍ୱାସ ନନେଉଥିଲେ, ପଛ ଗୋଡ଼କୁ ଟେକିବେ ଏବଂ ଛାତିରେ ଧୀରେ ଧୀରେ ଚାପା ଦେଇ କୃତ୍ରିମ ପ୍ରଶ୍ୱାସ ଦେବେ ।
- କଷକ୍ଷୀର ଅଧଘଣ୍ଟା ମଧ୍ୟରେ ପିଇବାକୁ ଦେବେ । କଅଁଳା ବାଛୁରୀକୁ ମା'ର ଥନକୁ ଦେଖେଇ ଦେଲେ ବାଛୁରୀ ଆସ୍ତେ ଆସ୍ତେ ଚୁଚୁମିଥାଏ ।
- ବାଛୁରୀ ଜନ୍ମର ପ୍ରଥମ ଦୁଇ ସପ୍ତାହ ଭିତରେ ନାଭିରେ କୌଣସି ଘା' ନ ହେବା ପାଇଁ ନଜର ରଖିବେ ।

## ବାଛୁରୀକୁ କଷ କ୍ଷୀର ପିଆଇବା :

ସାଧାରଣତଃ ବାଛୁରୀ ଜନ୍ମ ହେବାର ଘଣ୍ଟାକ ଭିତରେ ନିଜେ ଛିଡା ହୋଇ ମାଆ ଠାରୁ କ୍ଷୀର ପିଇବା ଆରମ୍ଭ କରିଥାଏ । କେତେକ କ୍ଷେତ୍ରରେ ବାଛୁରୀକୁ ଠିଆ କରି ପହ୍ନାରେ ମୁହଁ ଲଗାଇବା ପାଇଁ ସାହାଯ୍ୟ କରିବାକୁ ପଡିଥାଏ । ବାଛୁରୀ ଜନ୍ମ ହେବାର ଅଧା ଘଣ୍ଟା ମଧ୍ୟରେ ଗାଈ ଚିରରୁ ବାହାରୁଥିବା କ୍ଷୀର ପିଇବା ଜରୁରୀ ଅଟେ । ଏହାକୁ ଅତି କମ୍‌ରେ ୫ ଦିନ ପର୍ଯ୍ୟନ୍ତ ପିଆଇବା ଦରକାର । ଏହାକୁ କଷ କ୍ଷୀର ବା କୋଲୋଷ୍ଟ୍ରମ କୁହାଯାଏ । କଷ କ୍ଷୀର ପିଆଇବା ପୂର୍ବରୁ ଗାଈର ପହ୍ନା ଓ ଚିରଗୁଡିକ ଭଲ ଭାବରେ ସଫା କରିବା ଉଚିତ ।

## କଷ କ୍ଷୀରର ଉପାଦେୟତା

ପ୍ରାୟତଃ ଗାଁ ଗହଳିରେ ବାଛୁରୀ ମାନଙ୍କୁ କଷ କ୍ଷୀର ପିଇବାକୁ ଦିଆଯାଏ ନାହିଁ ଯାହାକି ଅପରପକ୍ଷରେ ନିହାତି ଆବଶ୍ୟକ । ସାଧାରଣତଃ ବାଛୁରୀ ତା ନିଜ ଓଜନର ୧/୧୦ ଭାଗ ପରିମାଣର କଷ କ୍ଷୀର ଦରକାର କରିଥାଏ ।

କଷ କ୍ଷୀରର ଉପାଦେୟତା ନିମ୍ନରେ ଦିଆଗଲା ।

(କ) କଷ କ୍ଷୀରରେ ପ୍ରଚୁର ପରିମାଣରେ ପୁଷ୍ଟିସାର, ସ୍ନେହସାର ଓ ଖଣିଜ ଲବଣ ଭରି ରହିଥାଏ, ଯାହା ବାଛୁରୀକୁ ସୁସ୍ଥ ରଖେ ଓ ଶୀଘ୍ର ବଢିବାରେ ସାହାଯ୍ୟ କରେ ।

(ଖ) କଷ କ୍ଷୀର ଖାଦ୍ୟନଳୀ ବିଶୋଧନରେ ସହାୟକ ହୋଇଥାଏ ।

(ଗ) କଷ କ୍ଷୀର ବାଛୁରୀର ପ୍ରଥମ ମଳ ଯାହାକି ଅଠାଳିଆ ହୋଇଥାଏ ତାକୁ ବାହାର କରିବାରେ ସାହାଯ୍ୟ କରେ ।

(ଘ)　କଷ କ୍ଷୀରରେ ଥିବା ଆଣ୍ଟିବଡ଼ି ବାଛୁରୀର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇଥାଏ ।

(ଙ)　କଷକ୍ଷୀରରେ ରହିଥିବା 'ଭିଟାମିନ୍ - ଏ' ଅନ୍ଧାରକଣା ଓ ଆଖିରୋଗରୁ ରକ୍ଷା କରେ ।

ବାଛୁରୀ ଶରୀର ଓଜନର ୧୦% ଓଜନର କଷକ୍ଷୀର ପ୍ରଥମ ୫ଦିନ ପର୍ଯ୍ୟନ୍ତ ବାଛୁରୀଙ୍କୁ ନିହାତି ଖାଇବାକୁ ଦେବା ଦରକାର ।

କୃମି ରୋଗ :

- ଜନ୍ମର ୭ ରୁ ୧୦ଦିନ ମଧ୍ୟରେ ପାଇପରାଜିନ୍ ଔଷଧ ଦ୍ୱାରା ବାଛୁରୀର ଗୋଲକୃମିକୁ ନାଶ କରାଯାଇପାରିବ । କୃମିଔଷଧର ଦ୍ୱିତୀୟ ପାନ ଦେଢ଼ ମାସରେ ଦିଅନ୍ତୁ । ଏହା ବାଛୁରୀ ଓଜନକୁ ନେଇ ଦିଆଯାଏ ।

**ଅଣ୍ଡିରା ବାଛୁରୀ ଧରାଇବା ବା ଖାସୁ କରିବା ବ୍ୟବସ୍ଥା :-**

ସାଧାରଣତଃ ଗୋ-ଉଦ୍ୟୋଗୀ ମାନେ ଫାର୍ମରେ ଜନ୍ମ ନେଇଥିବା ଅଥବା ବାହାରୁ ଆଣିଥିବା ଗାଈର ଅଣ୍ଡିରା ବାଛୁରୀଗୁଡ଼ିକୁ ବଳଦ ଭାବରେ ଚାଷ କାମରେ ଲଗାଇଥାଆନ୍ତି । ଟ୍ରାକ୍ଟର କିଣିବା ଏବଂ ଡିଜେଲର ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁଁ ଟ୍ରାକ୍ଟର ଭଡାରେ ଆଣି ଚାଷ କାମରେ ଲଗାଇବା କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ପକ୍ଷରେ ସମ୍ଭବପର ହୋଇନଥାଏ । ତେଣୁ ଅଣ୍ଡିରା ବାଛୁରୀମାନଙ୍କୁ ଧରାଣ ବା ଖାସୁ କରାଯାଇ ବଳଦରେ ପରିଣତ କରାଯାଏ । ଗୋ-ଉଦ୍ୟୋଗୀ ମାନେ ଅଣ୍ଡିରା ବାଛୁରୀମାନଙ୍କୁ ବୟସ ୬ ମାସ ମଧ୍ୟରେ ଧରାଣ କରାଇବା ଉଚିତ୍ । ଧରାଣ କରାଇବାର ଉଦ୍ଦେଶ୍ୟ ଏବଂ ଉପାଦେୟତା ନିମ୍ନରେ ପ୍ରଦାନ କରାଗଲା ।

**ଅଣ୍ଡିରା ବାଛୁରୀ ଧରାଣ ଦ୍ୱାରା ଫାର୍ମରେ**

(୧) ଅବାଞ୍ଛିତ ପ୍ରଜନନକୁ ବନ୍ଦ କରାଯାଏ ।

(୨) ଧରାଣ ଦ୍ୱାରା ଅଣ୍ଡିରା ବାଛୁରୀ ଶାନ୍ତଶିଷ୍ଟ ହୋଇଥାଏ ।

(୩) ସ୍ଥଳ ବିଶେଷରେ ଅଣ୍ଡିରା ବାଛୁରୀକୁ ଛଡା ଓ ଗାଈମାନଙ୍କ ସହିତ ଗୁହାଳରେ ବାନ୍ଧି ରଖାଯାଇପାରେ ।

(୪) ଧରାଣ ଦ୍ୱାରା ଜନନେନ୍ଦ୍ରିୟ ସମ୍ବନ୍ଧୀୟ ଅନେକ ରୋଗଗୁଡ଼ିକ ଅଣ୍ଡିରା ବାଛୁରୀଙ୍କ ଠାରେ ଦେଖାଯାଏ ନାହିଁ ।

ମୁଖ୍ୟତଃ ଦୁଇ ପ୍ରକାର ପ୍ରଣାଳୀରେ ଅଣ୍ଡିରା ବାଛୁରୀମାନଙ୍କର ଧରାଣ କରାଯାଇଥାଏ ।

(୧) ଖୋଲା ପ୍ରଣାଳୀ :- ଏହି ପ୍ରଣାଳୀରେ ଅଣ୍ଡିରା ବାଛୁରୀର ଅଣ୍ଡକୋଷ ଦୁଇଟିକୁ ଅସ୍ତ୍ରୋପଚାର ଦ୍ୱାରା କଢାଯାଇଥାଏ । ଏଥିରେ ଘାଆ ସୃଷ୍ଟି ହେବାର ଭୟ ଥାଏ । ଏହି ପ୍ରଣାଳୀ ଅଧିକ ବୟସର ଅଣ୍ଡିରା ବାଛୁରୀମାନଙ୍କ କ୍ଷେତ୍ରରେ କରାଯାଇଥାଏ ।

(୨) ବନ୍ଦ ପ୍ରଣାଳୀ :- ଏହି ପ୍ରଣାଳୀରେ ବର୍ଡିଜୋ ଧରାଣ ଯନ୍ତ୍ର ମାଧ୍ୟମରେ ଅଣ୍ଡରଜ୍ଜୁ ବା ଅଣ୍ଡଧମନୀକୁ ଚାପି ଛିଣ୍ଡାଇ ଦିଆଯାଏ । ଏହି ପ୍ରଣାଳୀରେ ରକ୍ତସ୍ରାବ ହୁଏ ନାହିଁ ଏବଂ ବାଛୁରୀ ଅପେକ୍ଷାକୃତ କମ ଯନ୍ତ୍ରଣା ପାଇଥାଏ ।

ଉପରୋକ୍ତ ଦୁଇଟି ପ୍ରଣାଳୀ ପ୍ରାଣୀ ଚିକିତ୍ସକ କିମ୍ବା ପ୍ରାଣୀଧନ ନିରୀକ୍ଷକଙ୍କ ସହାୟତାରେ କରିବା ବିଧେୟ ।

### ଛଡ଼ାର ଯତ୍ନ

'ଉନ୍ନତ ଛଡ଼ା' ସୃଷ୍ଟି ଗୋ-ସମ୍ପଦ ଉନ୍ନତିର ଏକ ମୁଖ୍ୟ ଦିଗ ବୋଲି କୁହାଯାଇପାରେ। କିନ୍ତୁ ଜନ୍ମିତ ବାଛୁରୀମାନଙ୍କର ଯଦି ସୁପରିଚାଳନା କରାନଯାଏ, ତେବେ ଭବିଷ୍ୟତରେ ସେମାନଙ୍କଠାରୁ ଆଶାନୁରୂପ ଉତ୍ପାଦନ ମିଳିନଥାଏ। ଫଳରେ ଗୋ-ପାଳକ ବିଶେଷ କ୍ଷତିର ସମ୍ମୁଖୀନ ହେବାର ସମ୍ଭାବନା ଥାଏ। ଜଣେ ଚାଷୀ ନିଜ ଗାଈ ଠାରୁ ଜନ୍ମିତ ବାଛୁରୀଟିର ଠିକ୍ ଭାବେ ଯତ୍ନ ନେଲେ ପରବର୍ତ୍ତୀ ସମୟରେ ସେହି ବାଛୁରୀଟି ହିଁ ଏକ ଉତ୍ତମ ଓ ଅଧିକ ଉତ୍ପାଦନକ୍ଷମ ଗାଈରେ ପରିଣତ ହୋଇଥାଏ।

ଜନ୍ମ ହେବା ପରେ ଠିକ୍ ସମୟରେ ଗରମକୁ ଆସିବା, ମା'ପଣିଆ ହେବା, ପ୍ରଜନନ କରିବା, ବୟସ ଅନୁପାତରେ ଶରୀରର ଓଜନ ଠିକ୍ ରହିବା ଏବଂ ମା'ପଣିଆ ପରେ ପୁଣି ଠିକ୍ ସମୟରେ ଗର୍ଭଧାରଣ କରିବା ଓ ଦୁଗ୍ଧ ଉତ୍ପାଦନ କରିବା, ଏ ସମସ୍ତ କଥା ମାଈ ବାଛୁରୀଟି ଜନ୍ମ ହେବା ପରେ ପର୍ଯ୍ୟାୟକ୍ରମେ ନିଆଯାଇଥିବା ଯତ୍ନ ଉପରେ ହିଁ ନିର୍ଭର କରିଥାଏ। ଉତ୍ତମ ଖାଦ୍ୟ ଓ ଶରୀର ବୃଦ୍ଧି ସହିତ ପଶୁଟିର ସାଧାରଣ ପରିଚାଳନା ଅତ୍ୟନ୍ତ ଜରୁରୀ। ସେଥିନିମନ୍ତେ କେତେକ ପଦକ୍ଷେପ ହେଲା

- ଛଡ଼ାଟିକୁ ସଦା ପରିଷ୍କାର ଓ ଶୁଷ୍କ ବାୟୁ ଚଳାଚଳ ଜାଗରେ ରଖିବା ଉଚିତ୍।
- ଶରୀର ଯେପରି ପରିଷ୍କାର ପରିଚ୍ଛନ୍ନ ରହେ, ସେଥିପ୍ରତି ଦୃଷ୍ଟି ଦେବା ବିଧେୟ।
- ଦିନେ ଦୁଇ ଦିନରେ ଥରେ ଗାଧୋଇ ଦିଅନ୍ତୁ।
- ଠିକ୍ ସମୟ ବ୍ୟବଧାନରେ କୃମିନାଶକ ଔଷଧ ଦେବା ଉଚିତ୍।
- ଆବଶ୍ୟକ ଟିକାକରଣ ଓ ବାହ୍ୟ କୃମି ନିରାକରଣ ପାଇଁ ପଦକ୍ଷେପ ନିଅନ୍ତୁ।
- ପ୍ରତ୍ୟହ ଦେହକୁ ନଡ଼ିଆ କତା ବା ବ୍ରସ୍ ଦ୍ୱାରା ଘସିବା ଉଚିତ୍।
- ଚଳପ୍ରଚଳ ସହିତ କିଛି ବ୍ୟାୟାମ କରାନ୍ତୁ।
- ମାଈ ବାଛୁରୀକୁ ୬ ମାସରୁ ୧୨ ମାସ ପର୍ଯ୍ୟନ୍ତ ଦୈନିକ ୧ କି.ଗ୍ରା.ରୁ ୧.୫ କି.ଗ୍ରା. ଦାନା, ୧୦ କି.ଗ୍ରା. ସବୁଜ ଘାସ ଓ ୨ କି.ଗ୍ରା. ନଡ଼ା ଦିଅନ୍ତୁ। ୧୨ ମାସରୁ ୨୪ ପର୍ଯ୍ୟନ୍ତ ଦୈନିକ ୧.୫ କି.ଗ୍ରା.ରୁ ୨.୫ କି.ଗ୍ରା. ଦାନା, ୧୦-୧୫ କି.ଗ୍ରା. ସବୁଜ ଘାସ ଓ ୨-୩.୫ କି.ଗ୍ରା. ନଡ଼ା ଦିଅନ୍ତୁ।
- ପ୍ରଚୁର ବିଶୁଦ୍ଧ ପିଇବା ପାଣି ଦିଅନ୍ତୁ।
- ବାସସ୍ଥାନର ଚାରିପାଖ ପରିଷ୍କାର ରଖିଲେ ରୋଗ ପ୍ରାର୍ଦୁଭାବରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ।
- ଦୃଷ୍ଟି ଦେବା କଥା ଯେ, ଗୁହାଳର ତାପମାତ୍ରା ବା ଆର୍ଦ୍ରତା ପାଳିତ ପଶୁମାନଙ୍କୁ ଯେପରି ସୁହାଉଛି ଓ ଉତ୍ତମ ରୂପେ ବାୟୁ ଚଳାଚଳ ହେଉଛି।
- କମ୍ ଜାଗାରେ ଅଧିକ ଛଡ଼ା ରଖିବା ଉଚିତ୍ ନୁହେଁ।
- ଛଡ଼ାର ପ୍ରଥମ ଗରମରେ ପ୍ରଜନନ କରିବା ଅନୁଚିତ। ଅତି କମରେ ଦୁଇଟି ଗରମ ପରେ କୃତ୍ରିମ ପ୍ରଜନନ କରାଇବା ଉଚିତ।

### ଗର୍ଭିଣୀ ଗାଈର ଯତ୍ନ ଓ ପରିଚାଳନା

ଗର୍ଭାବସ୍ଥାରେ ଓ ଜନ୍ମ କରିସାରିବା ପରେ ଯତ୍ନ ଠିକ୍ ଭାବରେ ନେବା ଉଚିତ୍। ତେଣୁ ନିମ୍ନଲିଖିତ କେତୋଟି ବିଷୟ ପ୍ରତି ସଚେତନ ହେବା ବିଧେୟ।

- ସାଧାରଣତଃ ଗାଈର ଗର୍ଭାବସ୍ଥା ୨୮୨ ଦିନ, ତେଣୁ ଜଣେ ସଚେତନ ଚାଷୀ ହିସାବରେ ଜନ୍ମ କରିବାର ତାରିଖ ମନେ ରଖିବାକୁ ହେବ।

- ଅନ୍ୟ ଗାଈ ଗୋରୁଙ୍କ ଠାରୁ ଅଲଗା କରି ରଖିବା ଉଚିତ୍, ନଚେତ୍ ଦଳାଚକଟା କିମ୍ବା ଧସ୍ତା ଧସ୍ତି ହୋଇ ଗର୍ଭିଣୀ ଗାଈ ଖଣ୍ଡିଆ ଖାବରା ଓ ଖସି ପଡ଼ିଯିବାର ସମ୍ଭାବନା ଥାଏ ।
- ଅନ୍ୟ ଗରମ ଗାଈ ଗର୍ଭିଣୀ ଗାଈ ଉପରେ ଚଢିବା ଉଚିତ୍ ନୁହଁ ।
- ସର୍ବଦା ପରିଷ୍କାର ଓ ମୁକ୍ତ ବାୟୁ ଚଳାଚଳ ଗୁହାଳରେ ରଖିବା ଉଚିତ୍ ।
- ଗୁହାଳଟି ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।
- ଅଧିକ କ୍ୟାଲସିୟମ ଗର୍ଭଧାରଣରେ ଶେଷ ମାସରେ ଦିଅନ୍ତୁ ନାହିଁ ।
- ଗର୍ଭଧାରଣର ଶେଷ ୩ ମାସରେ ଅଧିକ ୧ କିଗ୍ରା ସନ୍ତୁଳିତ ଦାନା ଖାଇବାକୁ ଦିଅନ୍ତୁ, ଯଦ୍ଵାରା ଗାଈର ଦିନକୁ ୫୦୦ଗ୍ରାମ ଓଜନ ବୃଦ୍ଧି ହୋଇଥାଏ ଏବଂ ଜନ୍ମ କଲାପରେ ଭଲ କ୍ଷୀର ଦେଇଥାଏ ।
- ଶେଷ ୨ ମାସ କ୍ଷୀର ଦୁହଁନ୍ତୁ ନାହିଁ ।
- ଯଦି ଗାଈଟି ସବୁବେଳେ ଗୁହାଳରେ ବନ୍ଧା ହୋଇ ରଖାଯାଉଥାଏ, ଚଳପ୍ରଚଳ ସହିତ କିଛି ବ୍ୟାୟାମ କରାନ୍ତୁ ।
- ଜନ୍ମ ହେବାର ଅନ୍ତତଃ ଦୁଇ ବା ତିନି ଦିନ ପୂର୍ବରୁ ପହ୍ନା ଫୁଲିଉଠେ ଓ ଯୋନି ଦ୍ଵାର ଫୁଲିଯାଏ । ଏହି ସମୟରେ, ଗୁହାଳ ଚଟାଣରେ ନଡ଼ାର ମୋଟା ବିଛଣା ଦିଅନ୍ତୁ ।
- ଜନ୍ମ ସମୟରେ ନିଜେ ଉପସ୍ଥିତ ରହି ଆବଶ୍ୟକ ସହାୟତା ଗାଈକୁ ଯୋଗାଇବା କଥା । ଯଦି ପ୍ରସବ ବେଦନା ହେବାର ୬ ଘଣ୍ଟା ପର୍ଯ୍ୟନ୍ତ ବାଛୁରୀ ଜନ୍ମ ହୋଇ ନପାରିଲା, ତାହେଲେ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରିବା ବିଧେୟ ।

## ପଡ଼ିଆ ଗାଈର ଯତ୍ନ

ସାଧାରଣତଃ ଗୋଟିଏ ଦୁଧିଆଳୀ ଗାଈକୁ ତାର ପରବର୍ତ୍ତି ବାଛୁରୀ ଜନ୍ମ କରିବା ପୂର୍ବରୁ ୬୦ – ୬୫ ଦିନ ପର୍ଯ୍ୟନ୍ତ ପଡ଼ିଆ ରଖାଯାଏ । ଏହି ସମୟରେ ଗାଈର ଉପଯୁକ୍ତ ଯତ୍ନ ନେଲେ ଭବିଷ୍ୟତରେ ବାଛୁରୀ ଜନ୍ମ ପରେ ଅଧିକ କ୍ଷୀର ଦେଇଥାଏ । ଗାଈ ମାନଙ୍କୁ ନିମ୍ନ ଲିଖିତ ପ୍ରଣାଳୀରେ ପଡ଼ିଆ କରଯାଏ ।

୧. କିଛି ଦିନ ପାଇଁ ଗାଈକୁ ଦିନକୁ ଥରେ ଲେଖାଏଁ ଦୁହାଁ ଯାଏ । ତାପରେ ଦିନେ ଛଡ଼ା ଦିନେ ଦିନକୁ ଥରେ ଓ ଶେଷରେ ଦୁହିଁବା ବନ୍ଦ କରିଦିଆଯାଏ ।

୨. କିଛିଦିନ ପାଇଁ ଗାଈକୁ ଦିନକୁ ଥରେ କମ୍ ଦୁହାଁଯାଏ ଓ ତାପରେ ଦିନେ ଛଡ଼ା ଦିନେ ଦିନକୁ ଥରେ କମ୍ ଦୁହାଁଯାଏ ଓ ଶେଷରେ ଦୁହିଁବା ବନ୍ଦ କରିଦିଆଯାଏ ।

୩. ଗାଈର ସମ୍ପୂର୍ଣ୍ଣ ଦୁହାଁ ବନ୍ଦ କରିବା ପୂର୍ବରୁ ଗାଈକୁ ଦୁଇ ତିନି ଦିନ ଦିନକର ଅଧା ଦାନା କିମ୍ବା ଦୁଇ ତୃତୀୟାଂଶ ଦାନା କମାଇ ଦିଆଯାଏ ।

୪. ଗାଈକୁ ପଡ଼ିଆ କରିବା ପାଇଁ ୬ ମାସ ଗର୍ଭରୁ ଦାନା ଧିରେଧିରେ କ୍ରମଶଃ କମାଇଲେ ଓ କ୍ଷୀର ଦେହ ଓଜନର ଶତକଡ଼ା ୧ ଭାଗ ହେଲେ ଉପରୋକ୍ତ ପ୍ରଣାଳୀରେ ସମ୍ପୂର୍ଣ୍ଣ ଦୁହାଁ ବନ୍ଦ କରାଯାଏ । ଏହି ପଦ୍ଧତିରେ ଗର୍ଭକାଳରେ ଥନହରା ହୁଏ ନାହିଁ ।

ପଡ଼ିଆ ଗାଈକୁ ଜୀବନଧାରଣ ଓ ଗର୍ଭଧାରଣ ପାଇଁ ଆବଶ୍ୟକୀୟ ଦାନା ଦେବାକୁ ପଡ଼ିଥାଏ । ଦୈନିକ ଗୋଖାଦ୍ୟରେ ଆବଶ୍ୟକ ପରିମାଣର ଧାତବ ଲବଣ, ୫୦-୬୦ ଗ୍ରାମ୍ ପର୍ଯ୍ୟନ୍ତ ଲୁଣ, ଭିଟାମିନ୍ ଏ ଓ ଡ଼ି ରହିବା ଦରକାର । ଦାନା ସହ ସବୁଜ ଘାସ, ନଡ଼ା ପେଟପୁରା ଖାଇବାକୁ ଦେବା ଦରକାର ।

## ଦୁହାଁଳିଆ ଗାଈର ଯତ୍ନ

ଦୁହାଁଳିଆ ଗାଈକୁ ଜୀବନ ଧାରଣ ଓ କ୍ଷୀର ଉତ୍ପାଦନ ପାଇଁ ହିସାବ କରି ଦାନା ଦେବା ଦରକାର । ଗୋଟିଏ ଦିନର ଆବଶ୍ୟକ ହୋଇଥିବା ଦାନାକୁ ସମାନ ଦୁଇ ଭାଗରେ ବିଭକ୍ତ କରି ଦୁହିଁବା ପୂର୍ବରୁ ଦେବା ଉଚିତ । ଦୁହିଁସାରିବା ପରେ ଘାସ ଓ ନଡ଼ା ଖାଇବାକୁ ଦିଆଯାଏ । ଦୁହିଁବା ସମୟରେ ଦାନା ଓ ନଡ଼ା ଦେବା ଅନୁଚିତ । ଦୁଗ୍ଧ ଦେଉଥିବା ଗାଈକୁ ଦୈନିକ ୩୦-୫୦ ଗ୍ରାମ୍ ଖଣିଜ ଲବଣ ଖାଦ୍ୟ ସହିତ ମିଶାଇ ଖାଇବାକୁ ଦେବା ଉଚିତ୍ । ବାଛୁରୀ ଜନ୍ମ ହେଲାପରେ ଗାଈକୁ ବହୁତ ଶୋଷ ଲାଗିଥାଏ । ତେଣୁ ବାଛୁରୀ ଜନ୍ମ ପରେ ଗାଈକୁ ଯଥେଷ୍ଟ ପରିମାଣରେ ( ୧୫ - ୨୦ ଲିଟର୍) ଅଳ୍ପ ଉଷୁମ ପାଣି ବା ତୋରାଣି ଦେବାକୁ ପଡ଼ିଥାଏ । ଅଳ୍ପ ଉଷୁମ ପାଣିରେ ମକା, କୋଳଥ, ଚୋକଡ଼, ଗୁଡ଼ ଓ ଲୁଣ ମିଶା ଦାନା ଗୋଳାଇ ଖାଇବାକୁ ଦେଲେ ଶୀଘ୍ର ଫୁଲ ପଡ଼ିଥାଏ । ବାଛୁରୀ ଜନ୍ମ ହେବାର ୮ ରୁ ୧୨ ଘଣ୍ଟା ମଧ୍ୟରେ ଫୁଲ ନ ପଡ଼ିଲେ ପ୍ରାଣୀଚିକିତ୍ସକ କିମ୍ବା ପ୍ରାଣୀଧନ ନିରୀକ୍ଷକ ଦ୍ୱାରା ଚିକିତ୍ସା କରାଇବା ଦରକାର । ବାଛୁରୀ ଜନ୍ମ ହେବାର ୭ ଦିନ ପରେ ଗାଈକୁ ପ୍ରସୂତି ପ୍ରକୋଷ୍ଠ ବା ଜାଗାରୁ ଆଣି ଅନ୍ୟ ଦୁହାଁଳିଆ ଗାଈ ମାନଙ୍କ ସହ ରଖାଯାଏ । ଯଦି ଗାଈ ପ୍ରଥମ ଥର ଜନ୍ମ କରିଥାଏ, ତେବେ ଜନ୍ମ କରିବାର କିଛି ଦିନ ପୂର୍ବରୁ ଦୁହିଁବା ଲୋକ, ଗାଈର ଯତ୍ନ ନେଲେ ଜନ୍ମ ପରେ ଗାଈକୁ ସେ ଦୁହିଁବା ସହଜ ହୁଏ । ଗାଈ ଜନ୍ମ କଲା ପରେ ବାଛୁରୀକୁ ୪-୫ ଦିନ ପର୍ଯ୍ୟନ୍ତ କଷ କ୍ଷୀର ପିଆଇବା ଉଚିତ । ଗାଈକୁ ସାଧାରଣତଃ ଦିନରେ ଦୁଇଥର ଦୁହାଁ ଯାଇଥାଏ । ଅଧିକ କ୍ଷୀର ଦେଉଥିବା ଗାଈକୁ ସ୍ଥଳ ବିଶେଷରେ ତିନି ଥର ଦୁହାଁ ଯାଇଥାଏ । ମାତ୍ର ଗାଈକୁ ଦୁହିଁବା ସମୟ ଏବଂ ଦୁହାଁ ମଧ୍ୟରେ ସମୟ ବ୍ୟବଧାନ ସଦାବେଳେ ଠିକ ରହିବା ଦରକାର । ଗାଈକୁ ସର୍ବଦା ଶାନ୍ତ ପରିବେଶରେ ରଖିବା ଦରକାର ।

## ପ୍ରସବ ପରେ ଗାଈର ଯତ୍ନ

ଗାଈ ସାଧାରଣତଃ ୯ ମାସ ୧୦ ଦିନ ଗର୍ଭ ଧାରଣ କଲା ପରେ ପ୍ରସବ କରିଥାଏ । ପ୍ରସବ ପରେ ବାଛୁରୀ ପ୍ରତି ଯତ୍ନବାନ ହେବ ସହିତ ଗାଈର ମଧ୍ୟ ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ଉଚିତ । ବାଛୁରୀ ଜନ୍ମ ବେଳେ ଗାଈର ଶରୀରରୁ ଅନେକ ପରିମାଣର ଜଳୀୟ ପଦାର୍ଥ ବାହାରିଥାଏ । ଏଥିପାଇଁ ଗାଈକୁ ବହୁତ ଶୋଷ ଲାଗିଥାଏ । ଏଣୁ ପ୍ରସବ ପରବର୍ତ୍ତୀ ସମୟରେ ଗାଈର ଖାଦ୍ୟ ଓ ପାଣି ପ୍ରତି ବିଶେଷ ଦୃଷ୍ଟି ଦେବା ଦରକାର । ଗାଈକୁ ମକା, କୋଳଥ, ଚୋକଡ, ଗୁଡ ଓ ଲୁଣ ମିଶ୍ରିତ ଅଧିକ ଶକ୍ତି ସଂପୂର୍ଣ୍ଣ ଦାନା ଅଳ୍ପ ଉଷୁମ ଥାଇ ଖାଇବାକୁ ଦେବା ସହିତ ପ୍ରଚୁର ପରିମାଣରେ ଉଷୁମ ପାଣି କିମ୍ବା ଉଷୁମ ତୋରାଣି ପିଇବାକୁ ଦେବା ଦରକାର ଯାହାକି ଗାଈର ଫୁଲ ପଡିବାରେ ସହାୟକ ହୋଇଥାଏ । ସାଧାରଣତଃ ଗୋଟିଏ ସୁସ୍ଥ ଗାଈ ବାଛୁରୀ ଜନ୍ମ କରିବାର ୮ ରୁ ୧୨ ଘଣ୍ଟା ପରେ ଫୁଲ ପକାଇଥାଏ । ଯଦି ଏଥିରେ ବିଳମ୍ବ ଘଟେ, ତେବେ ବଳ ପ୍ରୟୋଗ ନକରି ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକ ବା ପ୍ରାଣୀଧନ ନିରୀକ୍ଷକଙ୍କୁ ଯୋଗାଯୋଗ କରିବା ଉଚିତ ।

# ଗାଈଗୋରୁମାନଙ୍କର ଖାଦ୍ୟ ପରିଚାଳନା

## ଗାଈଗୋରୁମାନଙ୍କର ସୁଷମ ଖାଦ୍ୟ

ଗୋ-ଉଦ୍ୟୋଗ ପ୍ରତିଷ୍ଠା ସମୟରେ ଭଲ ଗାଈ କିଣିବା ଓ ଗୁହାଳ ତିଆରି କରିବା ବ୍ୟତୀତ ଗାଈ ମାନଙ୍କୁ ନିୟମିତ ଭାବେ ସୁଷମ ଖାଦ୍ୟ ଦେବା ନିହାତି ଆବଶ୍ୟକ । ଗାଈଫାର୍ମରେ ଦୈନିକ ସମସ୍ତ ଖର୍ଚ୍ଚର ୬୦-୭୫ ଭାଗ ଖାଦ୍ୟ ବାବଦରେ ହୋଇଥାଏ । ଅଧିକ ଲାଭ ପାଇବା ପାଇଁ ଗାଈମାନଙ୍କୁ ଅଳ୍ପ ଖର୍ଚ୍ଚରେ ସୁଷମ ଖାଦ୍ୟ ଯୋଗାଇଦେବା ଦରକାର । ସାଧାରଣତଃ ଦୁହାଁଳିଆ ଗାଈମାନଙ୍କୁ ଦୁଇଟି କାରଣ ପାଇଁ ଦାନା ଦିଆଯାଇଥାଏ ଯଥା – ଜୀବନ ଧାରଣ ଓ ଦୁଗ୍ଧ ଉତ୍ପାଦନ ପାଇଁ । ଗାଈ ରକ୍ତରେ ମିଶି ରହିଥିବା ଭିନ୍ନ ଖାଦ୍ୟସାର ସବୁ ଦୁଗ୍ଧ ଉତ୍ପାଦନକାରୀ ପହ୍ଲାର ଜୀବକୋଷରେ ପରିବର୍ତ୍ତିତ ରୂପରେ ଆମକୁ ଦୁଗ୍ଧ ରୂପରେ ମିଳେ । ତେଣୁ ଗାଈ ଯଦି ଖାଦ୍ୟସାର ନପାଏ ତେବେ ଦୁଗ୍ଧ ଉତ୍ପାଦନ କମ୍ ହେବ, ରୋଜଗାର କମିବ ।ଏତଦବ୍ୟତୀତ ଆବଶ୍ୟକ ପରିମାଣର ଶ୍ୱେତସାର, ପୁଷ୍ଟିସାର, ସ୍ନେହସାର, ଧାତବଲବଣ ଓ ପାଣି ଯୋଗାଇ ଦେବାକୁ ପଡିଥାଏ ।

ଗୋ-ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୁଗ୍ଧ ଉତ୍ପାଦନ । ଅଧିକ ଉତ୍ପାଦନ ପାଇଁ ଅଧିକ ଖାଦ୍ୟସାର ଦେବାକୁ ପଡିଥାଏ । ଏହାସହିତ ଆବଶ୍ୟକତା ଅନୁଯାୟୀ ଖାଦ୍ୟ ଯୋଗାଇବାକୁ ମଧ୍ୟ ପଡ଼ିଥାଏ । କଥା ହେଉଛି, ଗାଈ ବା ମଇଁଷି ଦୁଧରେ ଘିଅ ବା ଲହୁଣି ଅଂଶ ଯେତେ ଅଧିକ ହୁଏ, ଦୁଧରେ ଥିବା ଅନ୍ୟାନ୍ୟ କଠିନ ଖାଦ୍ୟସାର (Total Solid) ସେତେ ପରିମାଣରେ ବଢ଼େ । ତେଣୁ ଲହୁଣୀର ପରିମାଣ ବୃଦ୍ଧି ଅନୁସାରେ ଦୁଗ୍ଧ ଉତ୍ପାଦନ ପାଇଁ ଆନୁପାତିକ ଭାବରେ ଖାଦ୍ୟସାରର ଆବଶ୍ୟକତା ରହିଥାଏ ଏବଂ ତଦନୁସାରେ ପରିମାଣର ମଧ୍ୟ ବୃଦ୍ଧି ଘଟିଥାଏ ।

### ଗାଈ ପାଇଁ ସୁଷମ ଖାଦ୍ୟ ବା ଦାନା ଦେବାର ମାପକାଠି

(୧) ଜୀବନ ଧାରଣ ନିମନ୍ତେ ଦାନାର ପରିମାଣ – ପ୍ରତ୍ୟେକଗାଈ ନିମନ୍ତେ ପ୍ରତି ୧୦୦ କେ.ଜି. ଓଜନ ପିଛା ଅଧକେଜି ହିସାବରେ ଦିନକର ଦାନା ପରିମାଣ ନିରୂପଣ କରାଯାଏ । ଏହାକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରି ସକାଳେ ଗୋଟେ ଭାଗ ଏବଂ ସନ୍ଧ୍ୟାରେ ଅନ୍ୟ ଭାଗ କ୍ଷୀର ଦୁହିଁବା ପୂର୍ବରୁ ଦିଆଯାଏ ।

(୨) ଦୁଗ୍ଧ ଉତ୍ପାଦନ ନିମନ୍ତେ ଦାନାର ପରିମାଣ – ପ୍ରତ୍ୟେକଗାଈ ନିମନ୍ତେ ପ୍ରତି ୨ ୧/୨ ଲିଟର କ୍ଷୀର ଉତ୍ପାଦନରେ ୧ କି.ଗ୍ରା.ଦାନା ଦେବା ଦରକାର ହୋଇଥାଏ । ସେହିପରି ମଇଁଷିମାନଙ୍କ କ୍ଷେତ୍ରରେ ପ୍ରତି ୨ ଲିଟର କ୍ଷୀର ଉତ୍ପାଦନ ପିଛା ୧ କି.ଗ୍ରା. ଦାନା ଆବଶ୍ୟକ ହୋଇଥାଏ ।

(୩) ଗର୍ଭବତୀ ଗାଈ ନିମନ୍ତେ ଦାନାର ପରିମାଣ – ଗାଈଟିଏ ଗର୍ଭ ଧାରଣ କଲେ, ଜୀବନ ଧାରଣ ନିମନ୍ତେ ଦାନା ଦେବା ସଙ୍ଗେ ସଙ୍ଗେ ଗର୍ଭଧାରଣର ଶେଷ ଦୁଇ ମାସରେ ୧ କି.ଗ୍ରା. ଅଧିକ ଦାନା ଦେବାକୁ ପଡିଥାଏ ।

### ଖାଦ୍ୟ ଉପାଦାନଗୁଡ଼ିକ ମିଳେ କେଉଁଠୁ ?

**ଶ୍ୱେତସାର :** ମକା, ବାଜରା, ଜୋଆର, ଜଅ, ଧାନ, ଗହମ, ଓଟ୍, ମାଣ୍ଡିଆ । ଏହା ଶରୀରକୁ ଶକ୍ତି ଯୋଗାଏ ।

**ପୁଷ୍ଟିସାର :** ବିରି, କୋଳଥ, ବରଗୁଡ଼ି, ଶିମ୍ବ, ମୁଗ, ବୁଟ, ହରଡ଼, ଚିନାବାଦାମ, ସୋୟାବିନ୍, ମାଛ, ମାଂସ, ଶୁଖୁଆ ଗୁଣ୍ଡ । ଶରୀର ବୃଦ୍ଧିରେ ପୁଷ୍ଟିସାର ସାହାଯ୍ୟ କରେ ।

**ସ୍ନେହସାର :** ରାଶି, ସୋରିଷ, ଚିନାବାଦାମ, ସୂର୍ଯ୍ୟମୁଖୀ । ଏହା ଶରୀରକୁ ଶକ୍ତି ଯୋଗାଏ, ରୋଗଦାଉରୁ ରକ୍ଷାକରେ ।

**ଖଣିଜଲବଣ:** ଘାସ, ନଡ଼ା, ପାଳ, ଲୁଣ, ହାଡ଼ ଓ ମାଂସକୁ ମଜବୁତ କରାଏ, ରୋଗ ଦାଉରୁ ରକ୍ଷାକରେ ।

**ଭିଟାମିନ୍ ବା ଖାଦ୍ୟପ୍ରାଣ :** ଘାସ, ଲଟାପତ୍ରଆଦି ରୋଗ ନିବାରଣ ଶକ୍ତି, ପ୍ରଜନନ ଶକ୍ତି, ଦୃଷ୍ଟି ଶକ୍ତି, ଦାନ୍ତ, ଗୋଡ଼ର ହାଡ଼, ପଞ୍ଜରା ହାଡ଼ ଓ ମେରୁ ହାଡ଼କୁ ମଜବୁତ କରିଥାଏ ।

### ବିଭିନ୍ନ ବର୍ଗର ଗୋରୁମାନଙ୍କର ଖାଦ୍ୟର ପରିମାଣ

କଅଁଳା ବାଛୁରୀ, ବଢ଼ନ୍ତା ବାଛୁରୀ, ଛଡ଼ା ଗୋରୁ, ଗର୍ଭବତୀ ଗାଈ ଏବଂ ଦୁଧିଆଳୀ ଗାଈ ଇତ୍ୟାଦି ଭିନ୍ନ ଭିନ୍ନ କିସମର ପଶୁ ପାଇଁ ଖାଦ୍ୟର ଆବଶ୍ୟକତା ଅଲଗା ଅଲଗା ହୋଇଥାଏ । ଖାଦ୍ୟରେ ଥିବା ବିଭିନ୍ନ ଉପାଦାନମାନଙ୍କର ଆବଶ୍ୟକତା ବି ଅଲଗା ଅଲଗା ରଖାଯାଇଥାଏ । ଖାଦ୍ୟରେ ଥିବା ମୁଖ୍ୟ ଉପାଦାନଗୁଡ଼ିକ ହେଲା ଶ୍ୱେତସାର (Carbohydrates), ସ୍ନେହସାର (Fats), ପୁଷ୍ଟିସାର (Proteins), ଖାଦ୍ୟପ୍ରାଣ (Vitamin), ଖଣିଜ ଲବଣ (Minerals) ଓ ଜଳ ।

### ୧. ବାଛୁରୀର ଖାଦ୍ୟ :-

ବାଛୁରୀ ଜନ୍ମ ହେବାର ୧ ଘଣ୍ଟା ମଧ୍ୟରେ ତାକୁ ମା' କଷ କ୍ଷୀର ପିଆଇବା ଦରକାର । ଜନ୍ମ ହେବାର ୫ ଦିନ ପର୍ଯ୍ୟନ୍ତ ତାକୁ କଷ କ୍ଷୀର ଦିଆଯାଏ । ତାପରେ ତିନି ସପ୍ତାହ ବୟସ ପର୍ଯ୍ୟନ୍ତ ଶରୀର ଓଜନର ୧/୧୦ ଭାଗ କ୍ଷୀର ପିଆଯାଇଥାଏ । ବାଛୁରୀ ୨୧ ଦିନ ବୟସର ହେଲା ପରେ ତାକୁ ଦାନା ଓ କଅଁଳ ଘାସ ଖାଇବା ପାଇଁ ଦିଆ ଯାଏ, ଯାହାକି ପାକସ୍ଥଳୀ ବୃଦ୍ଧି ସହିତ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ । ବାଛୁରୀକୁ ସାଧାରଣତଃ ତା'ର ଶରୀର ଓଜନର ୧ ଭାଗ ହାରରେ ଦାନା ଓ ୧ ଭାଗ ହାରରେ ନଡ଼ା ଦିଆଯାଇଥାଏ । ଅର୍ଥାତ୍ ଗୋଟିଏ ୨୦ କି.ଗ୍ରା. ଓଜନର ବାଛୁରୀ ଦିନକୁ ୨୦୦ ଗ୍ରାମ୍ ଦାନା ଓ ୨୦୦ ଗ୍ରାମ୍ ନଡ଼ା ଖାଇବ । ଗୋଟିଏ ଦିନର ଦାନା କୁ ପ୍ରାୟ ୨-୩ ଭାଗରେ ବିଭକ୍ତ କରାଯାଇ ଖାଇବାକୁ ଦିଆଯାଏ ।

ମା' କ୍ଷୀର ପିଆଇବା ସହ ବାଛୁରୀକୁ ୩-୪ ସପ୍ତାହ ବୟସରେ – ୨୫୦ ଗ୍ରାମ ଏବଂ ୧ ମାସ – ୨ ମାସ ବୟସରେ – ୫୦୦ ଗ୍ରାମ ଲେଖାଏଁ ଦାନା ପ୍ରତ୍ୟେକ ଦିନ ଦିଆଯାଇଥାଏ । ୨ ମାସ ପରେ କ୍ଷୀର ପିଆଇବା ସଂପୂର୍ଣ୍ଣ ବନ୍ଦ କରିଦିଆଯାଏ । ସେହିପରି ୨-୩ ମାସ ବୟସରେ – ୧ କି.ଗ୍ରା., ୩-୪ ମାସ ବୟସରେ – ୧.୫ କି.ଗ୍ରା., ୪-୫ ମାସ ବୟସରେ – ୧.୭୫ କି.ଗ୍ରା. ଏବଂ ୫-୬ ମାସ ବୟସରେ – ୨ କି.ଗ୍ରା. ଦୈନିକ ଦାନା ଦିଆଯାଇଥାଏ ।

ନିମ୍ନଲିଖିତ ପରିମାଣର ଉପାଦାନ ନେଇ ବାଛୁରୀ ଦାନା ପ୍ରସ୍ତୁତ କରାଯାଇପାରେ ।

**ବାଛୁରୀ ଦାନା**

| ଉପାଦାନ | ପରିମାଣ (ଭାଗ) |
|---|---|
| ମକା | ୪୭ |
| ଚିନାବାଦାମ ପିଡିଆ | ୪୦ |
| ଗୁଡ | ୧୦ |
| ଧାତବ ଲବଣ | ୨ |
| ଲୁଣ | ୧ |
| ମୋଟ | ୧୦୦ |

**ବର୍ଦ୍ଧିଷ୍ଣୁ ବାଛୁରୀମାନଙ୍କ ଦାନା ଦେବା ନିର୍ଘଣ୍ଟ**

୬ ମାସ ବୟସ ବେଳକୁ ବାଛୁରୀମାନଙ୍କର ରୋମନ୍ଥିକା କାର୍ଯ୍ୟକ୍ଷମ ହୋଇଥାଏ ଏବଂ ଏହି ସମୟରେ ବାଛୁରୀମାନେ ବୟସ୍କ ଗାଈଗୋରୁମାନଙ୍କ ପରି ସବୁ ଖାଦ୍ୟ ଖାଇପାରିବେ ।

ସୁଷମ ଦାନା ଖୁଆଇବାର ଖାଦ୍ୟ ନିର୍ଘଣ୍ଟ

| ବୟସ (ମାସରେ) | ହାରାହାରି ଶାରୀରିକ ଓଜନ (କି.ଗ୍ରା.ରେ ) | ସୁଷମ ଦାନା (କି.ଗ୍ରା.ରେ ) | ଘାସ (କି.ଗ୍ରା.ରେ ) |
|---|---|---|---|
| ୬-୯ | ୭୦ - ୧୦୦ | ୧.୨୫ - ୨.୫ | ୫-୮ |
| ୯-୧୫ | ୧୦୦ - ୧୫୦ | ୧.୫ – ୨.୦ | ୮-୧୫ |
| ୧୫-୨୦ | ୧୫୦ - ୨୦୦ | ୨.୦ – ୨.୨୫ | ୧୫-୨୦ |
| ୨୦ ରୁ ଅଧିକ | ୨୦୦ – ୩୦୦ | ୨.୨୫ – ୨.୫ | ୨୦-୨୫ |

ଛଡାମାନଙ୍କ ପାଇଁ ଦାନା ଦେବାର ପ୍ରଣାଳୀ :- ଛଡାକୁ ଏକ ଭଲ ଦୁଧିଆଳୀ ଗାଈରେ ପରିଣତ କରିବାକୁ ହେଲେ ତାକୁ ସବୁଜ ଘାସ ସହିତ ତାର ଶରୀର ଓଜନର ୧ ଶତାଂଶ ହାରରେ ଦାନା ଖୁଆଇବା ଉଚିତ । ଏହି ହାରରେ ଦାନା ଦେଲେ ବାଛୁରୀର ବୟସ ୧୨ ମାସ ବେଳକୁ ଦାନାର ପରିମାଣ ଦୈନିକ ୨.୫ କି.ଗ୍ରା. ହୋଇଥାଏ । ଛଡାର ବୟସ ୧ ବର୍ଷ ପରେ ଅଧିକ ସବୁଜ ଘାସ ଦେବା ଦରକାର । ଛଡାର ବୟସକୁ ଭିତ୍ତି ନକରି ଓଜନ ଅନୁସାରେ ପ୍ରଜନନ କରିବା ଦରକାର । ୨୫୦ କି.ଗ୍ରା. ଶରୀର ଓଜନ ପ୍ରଜନନ ନିମନ୍ତେ ଉପଯୁକ୍ତ ।

ଗର୍ଭବତୀ ଗାଈଙ୍କୁ ପାଇଁ ଦାନା ଦେବାର ପ୍ରଣାଳୀ :- ଗର୍ଭଧାରଣ କରିବା ସମୟରେ ଗାଈକୁ ଜୀବନଧାରଣ ପାଇଁ ପ୍ରତି ୧୦୦ କି.ଗ୍ରା. ଓଜନରେ ଦୈନିକ ୫୦୦ ଗ୍ରାମ ଦାନା ଦେବା ସହିତ ଗର୍ଭଧାରଣ ଶେଷ ତିନି ମାସ ଅଧିକନ୍ତୁ ଦୈନିକ ୧ କିଗ୍ରା ଲେଖାଏଁ ଦାନା ଦେବା ଆବଶ୍ୟକ ପଡିଥାଏ ।

ଦୁହାଁଳିଆ ଗାଈମାନଙ୍କ ପାଇଁ ଦାନାର ପରିମାଣ :- ବାଛୁରୀ ଜନ୍ମ ହେଲା ପରେ ଗାଈର ଶରୀର ଶତକଡା ୫-୧୦ ଭାଗ ହ୍ରାସ ପାଇଥାଏ । ଏହି ସମୟରେ ଜୀବନଧାରଣ ପାଇଁ ପ୍ରତି ୧୦୦ କିଗ୍ରା ଓଜନରେ ଦୈନିକ ୫୦୦ ଗ୍ରାମ ଦାନା ଦେବା ସହିତ ପ୍ରତି ୨.୫ ଲିଟର କ୍ଷୀର ଉତ୍ପାଦନ ପାଇଁ ଦୈନିକ ୧ କିଗ୍ରା ଅଧିକ ଦାନା ଦେବାକୁ ପଡିଥାଏ।

**ବିକଳ୍ପ ଗୋଖାଦ୍ୟ ସମ୍ପଦ :-** ନଡା କିମ୍ବା ପାଳ ଗାଈମାନଙ୍କର ଏକ ପ୍ରମୁଖ ଖାଦ୍ୟ ହେବା ସତ୍ତ୍ୱେ ଏହା ଯବକ୍ଷାରଜାନ, ଶକ୍ତି ଏବଂ ଖଣିଜ ଲବଣ ବିହୀନ ହୋଇଥାଏ । ତେଣୁ ଏହି ସମସ୍ୟା ଦୂରୀକରଣ ନିମନ୍ତେ ନିମ୍ନୋକ୍ତ ପଦାର୍ଥଗୁଡିକୁ ଗାଈ ଦାନା ରୂପରେ ବିନିଯୋଗ କରାଯାଇ ଦାନା ବାବଦ ଖର୍ଚ୍ଚକୁ କରାଯାଇଥାଏ ।

**୧. ୟୁରିଆ ଗୁଡ ଓ ଖଣିଜ ଲବଣ ଖଣ୍ଡ – ଏହା ନିମ୍ନଲିଖିତ ପଦ୍ଧତିରେ ତିଆରି କରାଯାଇଥାଏ ।**

| **ଉପାଦାନ** | **ଭାଗ** |
|---|---|
| ଗୁଡ | ୫୦ |
| ୟୁରିଆ | ୧୦ |
| କୁଣ୍ଡା | ୨୦ |
| ଲୁଣ | ୭ |
| ଚୂନ | ୭ |
| ଡାଇକ୍ୟାଲସିୟମ ଫସଫେଟ | ୪ |
| ଖଣିଜ ଲବଣ | ୨ |
| ମୋଟ | ୧୦୦ |

ଏହି ମିଶ୍ରଣକୁ ଭଲଭାବରେ ମିଶାଇ ୫୦୦ ଗ୍ରାମ ଲେଖାଏଁ ନେଇ ଖଣ୍ଡ ପ୍ରସ୍ତୁତ କରାଯାଏ ଏବଂ ଗାଈମାନଙ୍କ ପାଖରେ ଚାଟିବାପାଇଁ ଗୁହାଳରେ ରଖାଯାଇଥାଏ । ଏହି ଖଣ୍ଡ ସହିତ ଶୁଖିଲା ନଡା ଓ ସବୁଜ ଘାସ ଦିଆଯାଏ । ସରକାରଙ୍କ ତରଫରୁ ଆଗ୍ରହୀ ଚାଷୀଙ୍କୁ କୃଷି ଉପଜାତ ଦ୍ରବ୍ୟକୁ ୟୁରିଆ ଗୁଡ ଉପଚାର ନିମନ୍ତେ ୨୦୦୦ ଟଙ୍କା ଆର୍ଥିକ ସହାୟତା ମିଳୁଛି । ଇଚ୍ଛୁକ ଚାଷୀ ମାନେ ଏହାର ସୁଯୋଗ ନେଇ ଗାଈମାନଙ୍କୁ ୟୁରିଆ ଗୁଡ ଉପଚାର ନଡ଼ା ଦେଇ ଖାଦ୍ୟ ଖର୍ଚ୍ଚ କମାଇପାରିବେ ।

୨. ନଡାର ୟୁରିଆ ଉପଚାର :- ନଡାର ୟୁରିଆ ଉପଚାର ଦ୍ୱାରା ଏହାର ଖାଦ୍ୟର ମାନ ବୃଦ୍ଧି ହେବ ସହିତ ଅଧିକ ଖାଦ୍ୟ ଉପଯୋଗୀ ହୋଇଥାଏ । ପ୍ରଥମେ ୧ କିଗ୍ରା ୟୁରିଆରେ ୧୦ ଲିଟର ପାଣି ମିଶାଇ ଭଲଭାବେ ଗୋଳାଇ ଦିଆଯାଏ । ତାପରେ ସେଥିରେ ୧ କିଗ୍ରା ଲୁଣ, ୨ କିଗ୍ରା ଡ଼ାଇକାଲସିୟମ ଫସଫେଟ ଗୁଣ୍ଡ ଓ ଶେଷରେ ୧.୫ ଜାଗେରି/ ଗୁଡ ମିଶାଯାଇ ୧୦୦ କିଗ୍ରା ନଡାରେ ପରସ୍ତ ପରସ୍ତ କରି ସିଂଚନ କରାଯାଏ । ପ୍ରତି ପରସ୍ତରେ ମକା ଗୁଣ୍ଡ ବିଛାଇ ଦିଆଯାଏ । ତାକୁ ୧ ଘଣ୍ଟା ପରେ ଗାଈମାନଙ୍କୁ ଖାଇବାକୁ ଦିଆଯାଏ ।

୩. ସଜନା ପତ୍ର :- ଘାସଚାଷକୁ ପ୍ରାଧାନ୍ୟ ଦେଇ ଗାଈର ଦାନା ବାବଦ ଖର୍ଚ୍ଚ ଯଥାସମ୍ଭବ କମାଇ ପାରିଲେ ଗୋପାଳନରୁ ଚାଷୀ ଅଧିକ ଲାଭବାନ ହୋଇଥାଏ । ପାରମ୍ପରିକ ଘାସ ଚାଷ ବ୍ୟତୀତ ସଜନା ଗଛର ପତ୍ରକୁ ଏକ ଉନ୍ନତ ବିକଳ୍ପ ଗୋଖାଦ୍ୟ ରୂପରେ ବ୍ୟବହାର କରାଯାଉଅଛି ।

ଖୁଆଇବା ପ୍ରଣାଳୀ :- ଚରିବା ପରେ ଗାଈ ପିଛା ୩୦-୩୫ କି.ଗ୍ରା. ସଜନା ପତ୍ର ଦେଲେ, ଦୈନିକ ୫ ଲିଟର କ୍ଷୀର ଦେଉଥିବା ଗାଈର ଦାନା ଖର୍ଚ୍ଚ ପଡିନଥାଏ । ଏହା ସହିତ ଭିଟାମିନ ଓ ଧାତବ ଲବଣ ଗାଈକୁ ଖୁଆଇବା ଦରକାର, ମାତ୍ର ଏହାକୁ ପ୍ରତିଦିନ ଅଳ୍ପ ଅଳ୍ପ କରି ଖାଇବାକୁ ଦେଲେ ଏହା ଅଭ୍ୟାସରେ ପଡିଥାଏ । ଏହାକୁ ନଡା ବା ପାଳ ସହ ମିଶାଇ ଖାଇବାକୁ ଦିଆଯାଏ ।

## ୪. ଆଜୋଲା ଚାଷ

ଆଜୋଲା ଏକ ଅପୁଷ୍ପକ ଜାତୀୟ ଜଳଜ ଭାସମାନ ଉଦ୍ଭିଦ। ଏହାର ଜଳୀୟ ଅଂଶ ୯୦ରୁ ୯୨ ଭାଗ ଥିଲାବେଳେ ଏଥିରେ କଠିନାଂଶ ଭିତ୍ତିରେ ପୁଷ୍ଟିସାର ୨୫ରୁ ୩୫ ଶତକଡା ଥାଏ। (୧ କିଗ୍ରା ଆଜୋଲା ପତ୍ରରେ ୨୦ରୁ ୩୦ ଗ୍ରାମ ପୁଷ୍ଟିସାର ଥାଏ)

ଆଜୋଲା ଉତ୍ପାଦନ ନିମନ୍ତେ ଗଛ ଛାଇରେ ୨ ମିଟର ଦୈର୍ଘ୍ୟ, ୨ ମିଟର ପ୍ରସ୍ଥ ଓ ୦.୨ ମିଟର ଗଭୀରର ଏକ ଖାଲ ଖୋଳା ଯାଇଥାଏ। ଖାଲକୁ ପ୍ଲାଷ୍ଟିକ ପଲିଥିନ୍ ଦ୍ୱାରା ଆବୃତ କରାଯାଇଥାଏ। ପ୍ରାୟ ୧୦ରୁ ୧୫ କିଗ୍ରା ଭଲ ଭାବେ ଚଲା ଉର୍ବର ମାଟି ପଲିଥିନ ଉପରେ ସମଭାବରେ ବିଛା ଯାଇଥାଏ। ଏହା ପରେ ୨ କିଗ୍ରା ସଦ୍ୟ ଗୋବର, ୩୦ ଗ୍ରାମ ସୁପର ଫସଫେଟ ସାରକୁ ୧ ଲିଟର ପାଣିରେ ଗୋଳାଇ ଖାଲରେ ସମାନ ଭାବେ ଢ଼ଳା ଯାଇଥାଏ। ଏଥିରେ ୧୦ ଇଞ୍ଚ ସ୍ତର ପର୍ଯ୍ୟନ୍ତ ପାଣି ଭର୍ତ୍ତି କରାଯାଇଥାଏ। ଏହା ପରେ ଅଧା କିଗ୍ରାରୁ ଏକ କିଗ୍ରା ପର୍ଯ୍ୟନ୍ତ ଆଜୋଲା ବିହନ ସେଥିରେ ଦିଆଯାଇଥାଏ। ମାତ୍ର ୭ରୁ ୧୦ ଦିନ ପରେ ସେଥିରୁ ପ୍ରତିଦିନ ଅଧାରୁ ଏକ କିଗ୍ରା ପର୍ଯ୍ୟନ୍ତ ଆଜୋଲା ଉତ୍ପାଦନ ହୋଇଥାଏ। ପ୍ରତି ୧୦ ଦିନ ଅନ୍ତରରେ ୧ କିଗ୍ରା ଗୋବର ସହିତ ୨୦ ଗ୍ରାମ ସୁପର ଫସଫେଟ ପ୍ରୟୋଗ କଲେ ଅଧିକ ଅମଳ ମିଳିଥାଏ ଏବଂ ୧୫ ଦିନରେ ଅଧା ଅଂଶ ଜଳ ବାହାର କରି ନୂତନ ଜଳ ଭର୍ତ୍ତି କରିବାକୁ ହେବ।ଏହାକୁ ଭଲ ଭାବେ ଧୋଇ ସଫା କରି ଛାଇରେ ଶୁଖାଇ ଗୋବର ଗନ୍ଧ ବାହାରିଗଲା ପରେ ଖାଇବାକୁ ଦିଆଯାଏ। ଧୋଇବା ସମୟରେ ଏହାକୁ ଗୋଟିଏ କୁଣ୍ଡ ବା ବାଲ୍‌ଟି ଉପରେ ରଖି ଧୁଅନ୍ତୁ। ଧୋଇବା ସମୟରେ ଛୋଟ ଛୋଟ ଖଣ୍ଡ ଆଜୋଲା ପଡିଥାଏ। ଏହାକୁ ପୁଣି ମୂଳ ଆଜୋଲା କୁଣ୍ଡରେ ପକାଇଲେ ତାହା ବଢ଼ି ନୂଆ ଆଜୋଲାରେ ପରିଣତ ହୁଏ। ଜୁଆର ଓ ସଙ୍କର ହାତିଆ ଘାସ ଆଦି ଶ୍ୱେତସାର ଯୁକ୍ତ ଘାସ ସହିତ ଆଜୋଲା ମିଶାଇ ଦେଲେ ଗାଈର ପୁଷ୍ଟିସାରର ଆବଶ୍ୟକତା ପୂରଣ ହୋଇପାରିବ। ଆଜୋଲାକୁ କଟା ନଡା ଓ ଦାନା ସହିତ ମଧ୍ୟ ମିଶାଇ ଖାଇବାକୁ ଦିଆଯାଇଥାଏ।

ସରକାରଙ୍କ ତରଫରୁ ଆଗ୍ରହୀ ଚାଷୀଙ୍କୁ ଆଜୋଲା ଚାଷ ନିମନ୍ତେ ୨୦୦୦ ଟଙ୍କା ଆର୍ଥିକ ସହାୟତା ମିଳୁଛି। ଇଚ୍ଛୁକ ଚାଷୀ ମାନେ ଏହାର ସୁଯୋଗ ନେଇ ଗାଈମାନଙ୍କୁ ୟୁରିଆ ଗୁଡ ଉପଚାର ନଡ଼ା ଦେଇ ଖାଦ୍ୟ ଖର୍ଚ୍ଚ କମାଇପାରିବେ। ଅଧିକ ଓ ସବିଶେଷ ତଥ୍ୟ ପାଇଁ ସ୍ଥାନୀୟ ପ୍ରାଣୀପାଳନ କର୍ମଚାରୀଙ୍କ ସହ ଯୋଗାଯୋଗ କରିପାରନ୍ତି।

## ପାଣିର ଆବଶ୍ୟକତା :

ସାଧାରଣତଃ ଛଡ଼ା ବା ପଡ଼ିଆ ଗାଈ ପାଇଁ ଦୈନିକ ହାରାହାରି ୩୦ ରୁ ୩୫ ଲି. ପାଣିର ଆବଶ୍ୟକତା ପଡ଼ିଥାଏ। ଦୁଧିଆଳୀ ଗାଈ ପାଇଁ ପାଣିର ଆବଶ୍ୟକତା ଗଣନା କଲାବେଳେ ଧ୍ୟାନ ଦେବା କଥା ଯେ, ପଡ଼ିଆ ଗାଈ ପାଇଁ ଯେତିକି ପାଣି ଆବଶ୍ୟକ ରହେ ସେତିକି ଦେବା ପରେ ତା ସହିତ ପ୍ରତି ଲିଟର ଦୁଗ୍ଧ ପାଇଁ ୪ ଲିଟର ପାଣି ଅଧିକା ଦେବାକୁ ପଡ଼େ। ସମୁଦାୟ ପାଣିକୁ ପ୍ରତି ୩ଘଣ୍ଟା ଅନ୍ତରରେ ଗାଈକୁ ଦେବାକୁ ପଡ଼େ। ନିର୍ମଳ ଏବଂ ଥଣ୍ଡା ଜଳ ଗୋରୁଙ୍କୁ ସ୍ୱାସ୍ଥ୍ୟକର ଅବସ୍ଥାରେ ରଖେ।

**ପାଣିର ଆକଳନ ସୂତ୍ର**

ଦୈନିକ ପାଣି ପିଇବାର ପରିମାଣ = ୧୨.୩ + (ଖାଦ୍ୟ ଗ୍ରହଣର ଶୁଷ୍କ ଅଂଶ କିଗ୍ରା ପ୍ରତି ୨.୧୫ ଗୁଣ ପାଣି) +

(ପ୍ରତ୍ୟେକ ଲିଟର କ୍ଷୀର ଉତ୍ପାଦନର ୦.୭୩ ଗୁଣ ପାଣି)

ଉଦାହରଣ:-

ଯଦି ଗୋଟିଏ ଗାଈର ଓଜନ ଆନୁମାନିକ ୪୦୦ କିଗ୍ରା ଏବଂ ଗାଈଟି ୧୦ ଲିଟର କ୍ଷୀର ଦେଉଛି।

ଏହି ଗାଈ ଓଜନର ଶତକଡା ୩ ଭାଗ ଅନୁଯାୟୀ ଦିନକୁ ୧୨ କିଗ୍ରା ଶୁଷ୍କ ଅଂଶ ଆବଶ୍ୟକ। ଶୁଷ୍କ ଅଂଶ ପାଇଁ ଦୈନିକ ୨୫.୮ ଲିଟର (୧୨ x ୨.୧୫) ପାଣି ଆବଶ୍ୟକ କରେ। ୧୦ ଲିଟର କ୍ଷୀର ପାଇଁ ୭.୩ ଲିଟର (୧୦ x ୦.୭୩ ) ପାଣି ଆବଶ୍ୟକ କରେ। ତେଣୁ ଉକ୍ତ ଗାଈ ଦୈନିକ ୪୫ ଲିଟର (୧୨.୩+୨୫.୮+୭.୩) ପାଣି ପିଇବ।

ଦାନା ବା ଦାନା ଜାତୀୟ ଗୋ ଖାଦ୍ୟକୁ ପଇସା ଦେଇ ବଜାରରୁ କିଣାଯାଇଥାଏ। ଫଳରେ ଖର୍ଚ୍ଚ ଅଧିକ ହୁଏ। ତେଣୁ ରୋଜଗାର ବା ଆୟ କମିଯାଏ। ଫଳରେ ଦାନା ବା ଦାନା ଜାତୀୟ ଗୋ-ଖାଦ୍ୟକୁ କମ୍ କରି ତା ବଦଳରେ ଆମେ ସବୁଜ ଗୋ-ଖାଦ୍ୟ ଦେଇପାରିବା।

**ସବୁଜ ଗୋ-ଖାଦ୍ୟ ବିଷୟରେ କେତୋଟି ଜାଣିବା କଥା**

କଞ୍ଚା ଘାସ ଗୋରୁଗାଈଙ୍କର ଅତି ପ୍ରିୟ ଖାଦ୍ୟ ଅଟେ । ଅନାବନା ଘାସର ଖାଦ୍ୟଗୁଣ ଜାଣିବା କଷ୍ଟକର ବ୍ୟାପାର ଅଟେ । ତେଣୁ କେତେକ ନିର୍ଦ୍ଦିଷ୍ଟ ଘାସ ବା ଘାସ ଜାତୀୟ ଖାଦ୍ୟ ଗୋରୁଗାଈମାନଙ୍କ ପାଇଁ ଆମେ ନିଜେ ଚାଷକରି ଗାଈକୁ ଖୁଆଇଲେ ଗୋପାଳନ ଦ୍ୱାରା ଲାଭ ମିଳିଥାଏ।

ସାଧାରଣତଃ ଦୁଇ ପ୍ରକାରର ସବୁଜ ଗୋ-ଖାଦ୍ୟ ଅଛି। ଯଥା:-

**ପୁଷ୍ଟିସାର ଜାତୀୟ** (Leguminous fodder) :

ବର୍ସିମ୍, ଲୁସର୍ଣ୍ଣ, ବରଗୁଡ଼ି, ଗୁଆଁର, ଷ୍ଟାଇଲୋ, ଇତ୍ୟାଦି । - ଏଥିରେ ଅଧିକ ପୁଷ୍ଟିସାର ଥାଏ ।

**ଶ୍ୱେତସାର ଜାତୀୟ** (Cereal fodder) :

ମକା, ବାଜରା, ହାତିଆ, ଗିନି, ପାରା, ଏମ୍.ପି.ଚେରି, ଅଞ୍ଜନ ଘାସ ଇତ୍ୟାଦି । ଏଥିରେ ଅପେକ୍ଷାକୃତ କମ୍ ପୁଷ୍ଟିସାର ଥାଏ ।

ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ବିଭିନ୍ନ ପ୍ରକାରର ଘାସ ଚାଷ କରିବାକୁ ପଡ଼ିଥାଏ।

ସବୁଜ ଘାସ ଦେଲେ ଅଳ୍ପ ଖର୍ଚ୍ଚରେ ଗୋପାଳନ କରିହେବ ।

**ଘାସ ବିଷୟରେ ଜାଣିବା କଥା**

**ହାତିଆ ଘାସ:** ଏହି ଘାସ ଥରେ ଜମିରେ ବଞ୍ଚିଗଲେ, ୩-୪ ବର୍ଷଯାଏ ଆମେ ସେଥିରୁ ଘାସ ଅମଳ କରି ପାରିବା । ଦେଖାଯାଇଛି, ଗୋଟିଏ ଏକର ଜମିରୁ ଗୋଟିଏ ବର୍ଷରେ ପ୍ରାୟ ୫୦୦ କୁଇଣ୍ଟାଲ ଘାସ ଅମଳ କରାଯାଇପାରିବ । ଦିନକୁ ୬ ଲିଟର ଦେଉଥିବା ୩ଟି ଗାଈ ଆରାମରେ ଏଇ ଘାସ ଦ୍ୱାରା ବଞ୍ଚିପାରିବେ ।

**ଲୁସର୍ଣ୍ଣ ବା ଦଶରଥ :** ଏହି ଜାତିର ଘାସ ଏକ ବୁଦା ଘାସ । ଗୋଟିଏ ଗଛରୁ ବୁଦା ସୃଷ୍ଟି ହୋଇଥାଏ । ବାରମ୍ୱାର କାଟିଲେ ବି ପୁନଃ ବୁଦା ସୃଷ୍ଟି ହୋଇଯାଏ ।

**ଏମ୍.ପି. ଚେରି:** ଏମ୍.ପି. ଚେରି ଏକ ବର୍ଷାକାଳିନ(ଖରିଫ୍) ଘାସ । ଜୁନ୍ ମାସରେ ବୁଣାଯାଏ । ଜଳସେଚନ ସୁବିଧା ଥିଲେ ଫେବୃୟାରୀ କିମ୍ବା ମାର୍ଚ୍ଚ ମାସରେ ବୁଣାଯାଇ ପାରିବ । ଏହା ଦୁଇ/ତିନି ଥର କଟାଯାଇଥାଏ ।

**ପାରାଘାସ:** ପାରା ଘାସ ସନ୍ତସନ୍ତିଆ ଜଳ ଜମି ମାନଙ୍କରେ ବଢ଼େ । ଏହା ଦୀର୍ଘଦିନ ଧରି ଜମିରେ ରହିପାରେ। ମାଟି ଉପରେ ସାଧାରଣତଃ ଏହା ଲଟେଇ ମାଡ଼େ । ଘାସ ଲଗାଇବାର ୩ ମାସ ପରେ କଟାଯାଏ । ଏକର ପିଛା ୪୦୦-୫୦୦ କୁଇଣ୍ଟାଲ ବର୍ଷକୁ ଅମଳ କରାଯାଏ ।

**ସୁଷମ ଗୋଖାଦ୍ୟ ପ୍ରସ୍ତୁତି ବ୍ୟବସ୍ଥା**

ସୁଷମ ଗୋଖାଦ୍ୟ ସହିତ ଦୁଗ୍ଧ ଉତ୍ପାଦନର ସିଧାସଳଖ ସମ୍ପର୍କ ଯୋଗୁଁ ସଠିକ ଖାଦ୍ୟ ପରିଚାଳନା ହିଁ ଗୋପାଳନକୁ ଏକ ଲାଭଜନକ ବ୍ୟବସ୍ଥାରେ ପରିଣତ କରାଇଥାଏ । ଚାରଣ ଭୂମିର ଦିନକୁ ଦିନ ଅଭାବ ଏବଂ ବଜାରରେ ମିଳୁଥିବା ଗୋଖାଦ୍ୟର ଅହେତୁକ ମୂଲ୍ୟ ବୃଦ୍ଧି ଚାଷୀମାନଙ୍କ ଆଗରେ ଏକ ମୁଖ୍ୟ ସମସ୍ୟା ଭାବରେ ଠିଆ ହେଉଅଛି ।

ନିଜେ ଘରେ ଦାନା ପ୍ରସ୍ତୁତି ପାଇଁ ସୂତ୍ର

| | |
|---|---|
| ଶସ୍ୟ ଗୁଣ୍ଡ | - ୩୦ ଭାଗ (ମକା ଖଣ୍ଡ/ ଖୁଦ/ ବାଜରା/ ସରଘମ/ ମାଣ୍ଡିଆ) |
| କୁଣ୍ଡା ବା ଚୁନି | - ୩୬ ଭାଗ (ଚୋକଡ଼/ଧାନ କୁଣ୍ଡା/ ମୁଗ ବିରି ଚୁନି) |
| ପିଡ଼ିଆ | - ୩୦ ଭାଗ ( ଚିନାବାଦାମ/ ସୂର୍ଯ୍ୟମୁଖୀ/ ସୋୟାବିନ୍/ କପାମଞ୍ଜି/ ରାଶି ପିଡ଼ିଆ) |
| ଲୁଣ | - ୧.୫ ଭାଗ |
| ଧାତବ ଲବଣ | - ୧ ଭାଗ (ମିନେରାଲ୍ ମିକ୍ସଚର) |
| ଖଣିଜ ଲବଣ | - ୧.୫ ଭାଗ (କାଲସାଇଟ୍ ) |
| ମୋଟ | - ୧୦୦ ଭାଗ |

ଚୋକଡ (୮୨%), ବାଦାମ ପିଡିଆ (୧୭%) ଓ ଧାତବ ଲବଣ (୧%) ଭାଗକୁ ମିଶାଇ ମଧ୍ୟ ଗୋଖାଦ୍ୟ ପ୍ରସ୍ତୁତ କରାଯାଇପାରେ । ଏତଦ ବ୍ୟତୀତ କୃଷି ଉପଜାତ ଦ୍ରବ୍ୟ ବିଶେଷ କରି ଧାନ କୁଣ୍ଡା, ଗହମ ଚୋକଡ, ଚାଉଳ ପଲିସ ଆଦି ଅଧିକ ମାତ୍ରାରେ ବ୍ୟବହାର କରି ଘରୋଇ ଦାନା ତିଆରି କରି ହେବ।

# ଗୋପ୍ରଜନନ

## ଗୋ ପ୍ରଜନନ

ପ୍ରଜନନ ଅର୍ଥ ଭବିଷ୍ୟତ ବଂଶଧର ସୃଷ୍ଟିପାଇଁ ଉତ୍ତମ ଗୁଣଯୁକ୍ତ ପଶୁ ବାଛିବା । ଗୋ ପ୍ରଜନନ କ୍ଷେତ୍ରରେ ଦୁଗ୍ଧ ଉତ୍ପାଦନ ତଥା ଚାଷ କାମ ପାଇଁ ଉନ୍ନତ ବଳଦ ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପ୍ରଜନନ ନୀତି-୨୦୧୫ ଆମକୁ ନିମ୍ନୋକ୍ତ ଭାବରେ ବିଭିନ୍ନ ପ୍ରଜାତିଦ୍ୱାରା ପ୍ରଜନନ କରିବାକୁ ଦିଗ୍ ଦର୍ଶନ ଦିଏ । ପ୍ରଜନନର କ୍ରମୋନ୍ନତି କରି ଉନ୍ନତ ମାନର ଗୋ-ଜାତି ସୃଷ୍ଟି କରିବା ପାଇଁ ନିମ୍ନୋକ୍ତ ଭାରତୀୟ ଗୋ-ପ୍ରଜାତି ଚୟନ କରାଯାଇଛି ।

**ହରିଆନା :** ଏହା ଦୁଗ୍ଧ ଉତ୍ପାଦନ ଓ ଚାଷ କାର୍ଯ୍ୟ ଉଭୟ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବା ପ୍ରଜାତି ଅଟେ । ଏ ପ୍ରଜାତିର ଗୋରୁ ଆମ ରାଜ୍ୟରେ ଥିବା ଦେଶୀଗୋରୁଙ୍କୁ ପ୍ରଜନନ କରିବା ପାଇଁ ବ୍ୟବହାର କରାଯାଉଛି । ଅଣ୍ଡିରା ବାଛୁରୀ ଭଲ ବଳଦ ହୁଅନ୍ତି ଓ ଗାଈ ଅଳ୍ପ କିଛି ଦାନା, ଘାସ, ଶସ୍ୟ ଅବଶେଷ ଖାଇବାକୁ ଦେଇ ପାଳନ କରାଯାଇପାରେ । ଏହି ଗାଈ ମଧ୍ୟମ ଧରଣର ଦୁଗ୍ଧ ଉତ୍ପାଦନ କରିଥାଏ ।

**ସିନ୍ଧି, ଥାରପାରକାର, ସାହିୱାଲ, ଗିର୍ :** ଏ ଜାତିର ଗୋରୁ ଦେଶୀୟ ପ୍ରଜାତି ଅଟେ । ଏହାକୁ ପ୍ରଜନନ ପାଇଁ ବ୍ୟବହାର କରାଯାଏ । କିନ୍ତୁ ହରିୟାନା ଅପେକ୍ଷା ସିନ୍ଧି, ଥାରପାରକାର, ସାହିୱାଲ, ଗିର୍ ଗାଈ ଅଧିକ କ୍ଷୀର ଦିଅନ୍ତି । ଏଣୁ ଦେଶୀ ଗାଈଙ୍କୁ କ୍ରମୋନ୍ନତ ପାଇଁ ବ୍ୟବହାର କରାଯାଏ ।

**ଜର୍ସି, ହଲ୍‌ଷ୍ଟିନ୍:** ଏହି ବିଦେଶୀ ପ୍ରଜାତିର ଗାଈ ମାଧ୍ୟମରେ ଶତକଡ଼ା ୫୦ ଓ ୭୫ ଭାଗ ବିଦେଶୀ ବଂଶଧର ସୃଷ୍ଟି ଉଦ୍ଦେଶ୍ୟରେ ପ୍ରଜନନ ପାଇଁ ବ୍ୟବହାର କରାଯାଏ । ଆମ ରାଜ୍ୟର ଜଳବାୟୁ, ପରିପାଳନ ବ୍ୟବସ୍ଥା ଓ ଗୋ ଖାଦ୍ୟର ସ୍ଥିତିରେ ଶତକଡ଼ା ୭୫ ଭାଗ ବିଦେଶୀ ଅପେକ୍ଷା ଶତକଡ଼ା ୫୦ ବିଦେଶୀ ଭଲ ପ୍ରଦର୍ଶନ କରୁଛନ୍ତି । ଏଣୁ ସବୁ ସ୍ଥଳରେ ଶତକଡ଼ା ୫୦ ବିଦେଶୀ ବଂଶଧରଙ୍କୁ ପୁଣି ଖାଣ୍ଟି ଜର୍ସି/ ହଲ୍‌ଷ୍ଟିନ୍ ଶୁକ୍ରଦ୍ୱାରା ପ୍ରଜନନ କରିବା ଉଚିତ ନୁହେଁ ।

**ସଙ୍କରୀକରଣର ପ୍ରାଧାନ୍ୟ :**

| ଦେଶୀ ଗାଈ | | ବିଦେଶୀ ଗାଈ |
|---|---|---|
| ୧. ପ୍ରଥମ ବାଛୁରୀ - ସାଢ଼େ ତିନିବର୍ଷ ବୟସ<br>୨. ବାଛୁରୀ ଜନ୍ମ ବ୍ୟବଧାନ - ୨ବର୍ଷ<br>୩. ଅଳ୍ପ ଦୁଗ୍ଧ ଉତ୍ପାଦନ କ୍ଷମତା<br>୪. ଆମ ଜଳବାୟୁରେ ଭଲ ଭାବରେ ଖାପ ଖୁଆଇ ଚଳନ୍ତି । | X<br>ମିଶ୍ରଣ<br>↓ | **ହଲଷ୍ଟିନ/ଜର୍ସି**<br>୧. ୨ରୁ ଅଢ଼େଇବର୍ଷ ବୟସ<br>୨. ୧୨ ରୁ ୧୪ ମାସ<br>୩. ବହୁ ଅଧିକ ଦୁଗ୍ଧ ଉତ୍ପାଦନ କ୍ଷମତା<br>୪. ଥଣ୍ଡା ଜଳବାୟୁ ଦରକାର |

**ସଙ୍କର :**

୧. ପ୍ରଥମ ବାଛୁରୀ - ଅଢ଼େଇବର୍ଷ ରୁ ୩ବର୍ଷ ବୟସ

୨. ବାଛୁରୀ ଜନ୍ମ ବ୍ୟବଧାନ - ଦେଢ଼ବର୍ଷ

୩. ଦେଶୀ ଗାଈ ଅପେକ୍ଷା ଅଧିକ ଦୁଗ୍ଧ ଉତ୍ପାଦନ କ୍ଷମତା

୪. ଆମ ଜଳବାୟୁରେ ବିଦେଶୀ ପ୍ରଜାତି ଅପେକ୍ଷା ଭଲ ଭାବରେ ତିଷ୍ଠନ୍ତି ଏବଂ ଅଣ୍ଡିରା ମଧ୍ୟ ଭଲ ବଳଦ ହୋଇପାରନ୍ତି ।

## କୃତ୍ରିମ ପ୍ରଜନନର ଉପକାରିତା :

୧. ରୋଗମୁକ୍ତ ଅତି ଉତ୍ତମ ଷଣ୍ଢଠାରୁ ଶୁକ୍ର ସଂଗ୍ରହ ଏବଂ ତରଳ ଯବକ୍ଷାରଜାନରେ ସଂରକ୍ଷଣ ।

୨. ଉତ୍ତମ ଷଣ୍ଢର ଶୁକ୍ରକୁ ବର୍ଷ ବର୍ଷ ଧରି ସଂରକ୍ଷଣ କରାଯାଇପାରେ ଏବଂ ବିଭିନ୍ନ କୃତ୍ରିମ ପ୍ରଜନନ କେନ୍ଦ୍ରକୁ ଆବଶ୍ୟକତା ଅନୁସାରେ ଯୋଗାଣ କରାଯାଇ କୃତ୍ରିମ ପ୍ରଜନନ କରାଯାଇଥାଏ ।

୩. କୃତ୍ରିମ ପ୍ରଜନନକାରୀମାନେ ତାଲିମପ୍ରାପ୍ତ ଏବଂ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ସମୟ ସମୟରେ ତାଲିମ ନେଇଥାନ୍ତି ।

୪. ଗାଈର କୃତ୍ରିମ ପ୍ରଜନନ ଚାଷୀଙ୍କ ଗୁହାଳରେ ମଧ୍ୟ କରାଯାଇପାରେ ।

୫. ପ୍ରାକୃତିକ ପ୍ରଜନନ ଦ୍ୱାରା ବ୍ୟାପୁଥିବା ରୋଗ ଓ ବାଛୁରୀଙ୍କ ଠାରେ ଦେଖାଦେଉଥିବା ଜନ୍ମଗତ ତ୍ରୁଟି (ଅଗାଣ୍ଡିଆ, କୁଦ, ବଡ଼ ମୁଣ୍ଡିଆ) ଇତ୍ୟାଦି ହେବାର ସମ୍ଭାବନା ନଥାଏ ।

## ଗାଈ ଗରମ ହେବାର ଲକ୍ଷଣ :

ଗର୍ଭ ନଥିବା ଗାଈ ପ୍ରତି ୨୦-୨୨ ଦିନ ଅନ୍ତରରେ ଗରମକୁ ଆସନ୍ତି । ଏହି ଅବସ୍ଥା ୨୪ ଘଣ୍ଟା ପାଇଁ ରହେ । ଗରମର ଶେଷ ୧୨ଘଣ୍ଟା ପ୍ରଜନନ ପାଇଁ ପ୍ରକୃଷ୍ଟ ସମୟ ଅଟେ ।

କୃତ୍ରିମ ପ୍ରଜନନ କରିବାର ୩ ସପ୍ତାହ ବେଳକୁ ଯଦି ଗାଈ ନ ଲେଉଟାଏ ତାହେଲେ, ଏହା ଗର୍ଭ ରହିଛି ବୋଲି ଧରିନେବାକୁ ହେବ । ୬୦ ଦିନ ପରେ ଗର୍ଭ ପରୀକ୍ଷା କରାଇ ବାଛୁରୀ ରହିଛି ନା ନାହିଁ ନିଶ୍ଚିତ ହୋଇଯିବେ ।

ସାଧାରଣତଃ ଗାଈଟିଏ ୯ମାସ ୧୦ଦିନ ଗର୍ଭଧାରଣ କରିଥାଏ । ଏହା ୧୦ ଦିନ ଏପଟ ସେପଟ ହୋଇପାରେ । ମଇଁଷି ୧୦ମାସ ୧୦ଦିନ ଗର୍ଭଧାରଣ କରନ୍ତି ।

ଗାଈ ଯେଉଁ ସମୟତକ ଅର୍ଥାତ୍ ୨୪ ଘଣ୍ଟା ଗରମରେ ରହେ ସିଏ ଏଇ ସମୟ ମଧ୍ୟରେ ବିଭିନ୍ନ ପ୍ରକାର ଲକ୍ଷଣ ଦେଖାଇଥାଏ । ନିମ୍ନରେ କେତେକ ଲକ୍ଷଣର ବର୍ଣ୍ଣନା କରାଯାଇଛି । ଏହି ଲକ୍ଷଣକୁ ନେଇ ଗାଈକୁ କୃତ୍ରିମ ପ୍ରଜନନ କରାଯାଇଥାଏ ।

| ୦ ରୁ ୧୨ ଘଣ୍ଟା ମଧ୍ୟରେ :- | ୧୨ ଘଣ୍ଟାରୁ ୨୪ ଘଣ୍ଟାରେ :- |
|---|---|
| ୧. ଗାଈ ବୋବାଏ ।<br>୨. ଅନ୍ୟ ଗୋରୁଗାଈଙ୍କୁ ନିଜ ଉପରେ ଚଢ଼ିବାକୁ ଦିଏ ନାହିଁ । ଅନ୍ୟ ଗାଈ ଉପରେ ଚଢେ ।<br>୩. ଯୋନିଦ୍ୱାର ଲାଲ ପଡ଼ିଯାଏ ଏବଂ ଫୁଲିଥାଏ ।<br>୪. ଯୋନିଦ୍ୱାରରୁ ପାଣିଚିଆ, ସଫା ଲାଳ ବାହାରେ | ୧. ଗାଈ ସ୍ଥିର ରହେ ଏବଂ ଅନ୍ୟ ଗୋରୁଙ୍କୁ ତା ଉପରକୁ ଚଢ଼ିବାକୁ ଦିଏ ।<br>୨. ଯୋନିଦ୍ୱାରରୁ ବାହାରୁଥିବା ଲାଳ ଦଉଡ଼ିଭଳିଆ ମୋଟା ହୋଇ ଓହଳିଥାଏ । ଲାଞ୍ଜ ଏବଂ ପଛ ଫଡ଼ିଆରେ ଏହା ଲାଖିଥାଏ । ଏହି ନାଳ ଅଠାଳିଆ ଲାଗେ । ଏହି ସମୟ କୃତ୍ରିମ ପ୍ରଜନନ ପାଇଁ ପ୍ରକୃଷ୍ଟ ସମୟ ଅଟେ । |

ପ୍ରତ୍ୟେକ ପ୍ରଜନନକ୍ଷମ ଗାଈ ପ୍ରତି ୨୧ ଦିନରେ ଗରମକୁ ଆସିଥାଏ । ଯଦି ଗର୍ଭଧାରଣ କରେ ଅଥବା କୌଣସି ପ୍ରଜନନ ସମ୍ବନ୍ଧୀୟ ରୋଗାକ୍ରାନ୍ତ ହୁଏ ଗାଈଟି ଗରମକୁ ଆସିନଥାଏ । ଗାଈର ଗରମ ଅବସ୍ଥା ପ୍ରାୟତଃ ୨୪ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ ଏବଂ ଏହି ଅବସ୍ଥାକୁ ତିନି ଭାଗରେ ବିଭକ୍ତ କରାଯାଇଅଛି ।

(୧) ପ୍ରାରମ୍ଭିକ ଗରମ ଅବସ୍ଥା (ପ୍ରଥମ ଆଠ ଘଣ୍ଟା) – ଏହି ସମୟରେ ଗର୍ଭଦ୍ୱାରରୁ ଲାଳ ବହିଥାଏ ଯାହା ଲମ୍ବି ନଯାଇ ଛିଣ୍ଡି ତଳେ ପଡିଯାଏ ।

(୨) ମଧ୍ୟମ ଅବସ୍ଥା (୮ ରୁ ୧୬ ଘଣ୍ଟା) – ଏହି ସମୟରେ ଗାଈଟି ଅନ୍ୟ ଗୋରୁମାନଙ୍କ ଉପରେ ଚଢିଥାଏ । ଯୋନିଦ୍ୱାର ଫୁଲିଯାଏ। ଯୋନିଦ୍ୱାରରୁ ଲମ୍ବାଳିଆ ଲାଳ ବାହାରିଥାଏ । ଏହା ଗାଈର ଲାଞ୍ଜ, ପଛଗୋଡ କିମ୍ବା ପଛ ଭାଗରେ ଲାଗିଥାଏ ।

(୩) ଅନ୍ତିମ ଗରମ ଅବସ୍ଥା :- ଏହି ସମୟରେ ଲାଳ ବୋହିବା ବନ୍ଦ ହୋଇଯାଏ । ଅନ୍ୟାନ୍ୟ ଲକ୍ଷଣ ଗୁଡିକ ଦେଖାଯାଏ ନାହିଁ ।

ମଧ୍ୟମ ଗରମ ଅବସ୍ଥା ବା ମଝି ଗରମ ଅବସ୍ଥାରେ କୃତ୍ରିମ ପ୍ରଜନନ କରାଇଲେ ଗର୍ଭ ଧାରଣ କରିବାର ସମ୍ଭାବନା ଅଧିକ ରହିଥାଏ । ଅତଏବ ଯେଉଁ ଗାଈ ସକାଳବେଳା ଗରମ ଆସେ, ତାକୁ ଉପରବେଳା କିମ୍ବା ସନ୍ଧ୍ୟା ସମୟରେ ପ୍ରଜନନ କରାଇବା ଉଚିତ । ସେହିପରି ଯେଉଁ ଗାଈ ସନ୍ଧ୍ୟାରେ ଗରମ ଆସିଥାଏ, ତାକୁ ତା'ର ପରଦିନ ସକାଳେ ପ୍ରଜନନ କରାଇବା ଉଚିତ । ଗାଈଠାରେ ଗରମ ଲକ୍ଷଣ ଦେଖାଦେଲେ, ଗାଈକୁ ମେଳକୁ ବା ବାହାରକୁ ନ ଛାଡି ଗୁହାଳରେ ବାନ୍ଧି ରଖିବା ଉଚିତ ଯଦ୍ୱାରା ବୁଲା ଷଣ୍ଢ ଦ୍ୱାରା ପ୍ରଜନନ ସଂପୂର୍ଣ୍ଣ ଏଡାଇ ଦିଆଯାଇଥାଏ ।

କୃତ୍ରିମ ପ୍ରଜନନ ପାଇଁ ବ୍ୟବହୃତ ଶୁକ୍ରାଣୁ :-

ଓଡ଼ିଶା ଗୋମହିଷାଦୀ ପ୍ରଜନନ ନୀତି (୨୦୧୫) ଅନୁସାରେ ବିଭିନ୍ନ ପ୍ରଜାତି ଷଣ୍ଢମାନଙ୍କର ଶୁକ୍ରାଣୁ କୃତ୍ରିମ ପ୍ରଜନନ ମାଧ୍ୟମରେ ବ୍ୟବହାର କରାଯାଉଅଛି । ଏହି ନୀତିରେ ଆମର ଦେଶୀୟ ଦୁଗ୍ଧ ପ୍ରଜାତି ଯଥା, ସାହିୱାଲ, ନାଲି ସିନ୍ଧି, ଥାରପାର୍କାର, ବିଞ୍ଝାରପୁରୀ ଏବଂ ଗିର୍ ଶୁକ୍ରାଣୁ ବ୍ୟବହାର କରାଯାଉଛି । ସେହିପରି ଉଭୟ କ୍ଷୀର ଓ ପରିଶ୍ରମୀ ପ୍ରଜାତି ହରିଆନା ଷଣ୍ଢର ଶୁକ୍ରାଣୁ ମଧ୍ୟ ବ୍ୟବହୃତ ହେଉଅଛି । ଆମ ରାଜ୍ୟରେ ସଙ୍କର ଜର୍ସି ଏବଂ ସଙ୍କର ହୋଲଷ୍ଟିନ ଷଣ୍ଢର ଶୁକ୍ରାଣୁ ଦ୍ୱାରା ସଙ୍କର ଗାଈମାନଙ୍କର କୃତ୍ରିମ ପ୍ରଜନନ କରାଯାଏ ।

ଗୋପାଳନରେ ଲିଙ୍ଗ ନିରୂପିତ ଶୁକ୍ରର ବ୍ୟବହାର :-

ସାଧାରଣତଃ ଉନ୍ନତ ଆନୁବଂଶିକ ଗୁଣାତ୍ମକ ଷଣ୍ଢମାନଙ୍କ ଠାରୁ ଶୁକ୍ର ସଂଗ୍ରହ ପରେ ବୈଜ୍ଞାନିକ ପଦ୍ଧତିରେ ଲିଙ୍ଗ ନିରୂପଣ କରାଯାଇ ହିମିକୃତ ଶୁକ୍ରନଳୀ ତିଆରି କରାଯାଏ । କୃତ୍ରିମ ପ୍ରଜନନ ଦ୍ୱାରା ଏହି ଲିଙ୍ଗ ନିରୂପିତ ଶୁକ୍ରରୁ ଜନ୍ମିତ ମାଈ ବାଛୁରୀ ତାର ମାଆ ଠାରୁ ବହୁ ଅଧିକ ପରିମାଣରେ କ୍ଷୀର ଦେଇଥାଏ । ଆମ ରାଜ୍ୟରେ ଉନ୍ନତ ଆନୁବଂଶିକ ଗୁଣ ଥିବା ମାଈ ବାଛୁରୀ ପାଇବା ପାଇଁ ଲିଙ୍ଗ ନିରୂପିତ ଶୁକ୍ର ବ୍ୟବହାର କରାଯାଉଅଛି । କୃତ୍ରିମ ପ୍ରଜନନରେ ଲିଙ୍ଗ ନିରୂପିତ ଶୁକ୍ରର ବ୍ୟବହାର ଦ୍ୱାରା ଶତକଡା ୯୦ ଭାଗ ମାଈ ବାଛୁରୀ ଜନ୍ମ ହେବାର ସମ୍ଭାବନା ରହିଅଛି । ସାଧାରଣତଃ ଗୋ-ଉଦ୍ୟୋଗୀ ମାନେ ନିମ୍ନୋକ୍ତ ଉପାଦେୟତା ଯୋଗୁଁ ଗାଈଠାରୁ ବେଶୀ ମାଈ ବାଛୁରୀ ପାଇବା ପାଇଁ ଇଚ୍ଛା ପ୍ରକାଶ କରିଥାଆନ୍ତି ।

(୧) ମାଈ ବାଛୁରୀ ଜନ୍ମ ଫଳରେ କମ ସମୟରେ ଏବଂ ଅଳ୍ପ ବ୍ୟୟରେ ଗୋଠ ବଢିଥାଏ ।

(୨) ଅବାଞ୍ଛିତ ଅଣ୍ଡିରା ବାଛୁରୀ ପାଳନର ଖର୍ଚ୍ଚ କମିଥାଏ ।

(୩) ଫାର୍ମରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଘଟିଥାଏ ।

## ପ୍ରଜନନ ସମ୍ବନ୍ଧୀୟ ଅସୁବିଧା :

୧. ଗାଈ ଗରମକୁ ନ ଆସିବା : ବାଛୁରୀ ଜନ୍ମ କରିବାର ଦୁଇ ମାସ ମଧ୍ୟରେ ଗାଈଟି ନିୟମିତ ଗରମକୁ ଆସିବା କଥା ଏବଂ ୮୫ ରୁ ୧୨୦ ଦିନ ମଧ୍ୟରେ ଗର୍ଭ ରଖିନେବା କଥା । ୧୫୦ ଦିନ ପର୍ଯ୍ୟନ୍ତ ଯଦି ଗର୍ଭ ନରହେ, ତାହେଲେ ଗାଈଟିର ଲମ୍ବା ପଡ଼ିଆ ଅବସ୍ଥା ଆସିଯାଏ ।

୨. ବାରମ୍ବାର ଲେଉଟାଇବା : ଯଦି ଗାଈଟି ଲାଗ ଲାଗ ତିନିଥର କୃତ୍ରିମ ବା ପ୍ରାକୃତିକ ପ୍ରଜନନ ପରେ ମଧ୍ୟ ଗର୍ଭ ନରହେ, ତାକୁ "ଲେଉଟେଇବା" କହନ୍ତି । ଏଭଳି ଗାଈକୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କରାଇ ଚିକିତ୍ସା କରିବା ଦରକାର ।

### ଲେଉଟାଣି ଗାଈମାନଙ୍କର ଯତ୍ନ

ଦୁଗ୍ଧ ଉତ୍ପାଦନକୁ ଗୋପାଳନର ମୁଖ୍ୟ ଉଦ୍ଦେଶ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ଓଡିଶାର ସ୍ଥାନୀୟ ଗାଈ ଏବଂ ଜାତୀୟ ଦେଶୀ ଗାଈ ପ୍ରଜାତିମାନଙ୍କୁ ଯଥାକ୍ରମେ ଦେଶୀୟ ପ୍ରଜାତି ଯଥା ହରିଆନା, ସିନ୍ଧି, ସାହିୱାଲ, ଗିର, ଓ ବିଦେଶୀ ପ୍ରଜାତି ଯଥା ଜର୍ସି, ହୋଲଷ୍ଟିନ ଉନ୍ନତ ପ୍ରଜାତିର ଷଣ୍ଢର ଶୁକ୍ରାଣୁ କୃତ୍ରିମ ପ୍ରଜନନ ମାଧ୍ୟମରେ ସଙ୍କରିକରଣ କରାଯାଇଥାଏ । ଏହି ସଙ୍କରିକରଣ ବ୍ୟବସ୍ଥାରେ ଲେଉଟାଣି ଗାଈ ଏକ ମୁଖ୍ୟ ପ୍ରତିବନ୍ଧକ ରୂପେ ବିବେଚନା କରାଯାଉଅଛି । ଦୁଗ୍ଧ ଉତ୍ପାଦନ ହ୍ରାସ କରିବା ସଙ୍ଗେ ସଙ୍ଗେ ଗୋ-ଉଦ୍ୟୋଗୀ ମାନଙ୍କ ଆର୍ଥିକ ଅବସ୍ଥାକୁ ଦୁର୍ବଳ କରିଥାଏ ।

ସାଧାରଣତଃ ଏକ ସୁସ୍ଥ ଗାଇ ୧୮ ରୁ ୨୧ ଦିନ ମଧ୍ୟରେ ଗରମକୁ ଆସିଥାଏ । ଏହି ଗରମ ସମୟରେ ଗାଇକୁ କୃତ୍ରିମ ପ୍ରଜନନ କରାଇଲେ ଏହା ଗର୍ଭଧାରଣ କରିଥାଏ । ମାତ୍ର ଗୋଟିଏ ଗାଇ ମାସିକ ଋତୁଚକ୍ରରେ ଥାଇ ଏବଂ ଅନ୍ୟ କିଛି ବାହ୍ୟ ବ୍ୟତିକ୍ରମ ନଥାଇ ଯଦି ତିନି ଥର କୃତ୍ରିମ ପ୍ରଜନନରେ ଯଦି ଗର୍ଭଧାରଣ ନ କରେ ତେବେ ଗାଇଟିକୁ ଲେଉଟାଣି ବା ରିପିଟର କୁହାଯାଇଥାଏ ।

ଗାଇ ଲେଉଟାଇବାର ବିଭିନ୍ନ ପରିସ୍ଥିତିଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା ।

(୧) ଗର୍ଭ ଧାରଣରେ ବିଫଳତା

(୨) ଗର୍ଭ ନଷ୍ଟ ହେବା

ଗାଈ ଲେଉଟାଇବା ମୁଖ୍ୟତଃ ନିମ୍ନୋକ୍ତ ତିନୋଟି ସ୍ତରରେ ହୋଇଥାଏ ।

ଗୋ-ଉଦ୍ୟୋଗୀ ସ୍ତରରେ

(୧) ସଠିକ ସମୟରେ କୃତ୍ରିମ ପ୍ରଜନନ ନ କରିବା

(୨) ଗରମ ଆସିବା ସମୟକୁ ଠିକ ଭାବରେ ଜାଣି ନ ପାରିବା

(୩) ସୁଷମ ଖାଦ୍ୟ, ଧାତବ ଲବଣ ଦେବାରେ ଅବହେଳା

(୪) ପରିପାଳନରେ ଅବ୍ୟବସ୍ଥା

(୫) ସବୁଜ ଗୋଖାଦ୍ୟର ଅଭାବ

ଗାଈ ସ୍ତରରେ

(୧) ସୁଷମ ଖାଦ୍ୟର ଅଭାବ ଥିଲେ

(୨) ପ୍ରଜନନ ସମ୍ବନ୍ଧୀୟ ହରମୋନର ଭାରସାମ୍ୟ ଠିକ ନ ଥିଲେ

(୩) ସଂକ୍ରମଣ ଜନିତ ରୋଗ ହୋଇଥିଲେ

(୪) ଗର୍ଭାଶୟ କିମ୍ବା ଡ଼ିମ୍ବାଣୁ ନଳୀରେ ଡ଼ିମ୍ବାଣୁ ନ ପହଞ୍ଚିପାରିଲେ

ପ୍ରଜନନକାରୀ ସ୍ତରରେ

(୧) କୃତ୍ରିମ ପ୍ରଜନନରେ ଠିକ୍ ଭାବେ ଶୁକ୍ର ବ୍ୟବହାର ନକଲେ

(୨) ଶୁକ୍ର ସଂରକ୍ଷଣ ପଦ୍ଧତିରେ ତ୍ରୁଟି ଦ୍ୱାରା ନିମ୍ନ ମାନର ଶୁକ୍ର ବ୍ୟବହାର କଲେ

(୩) ପ୍ରଜନନକାରୀ କୃତ୍ରିମ ପ୍ରଜନନ ପଦ୍ଧତି ବିଷୟରେ କୁଶଳୀ ହୋଇନଥିଲେ

ଉପରୋକ୍ତ ଦିଗ ପ୍ରତି ଧ୍ୟାନ ଦେଇ ବିହିତ ପଦକ୍ଷେପ ନେଲେ ଗାଇ ଲେଉଟାଇବା ରୋଗରୁ ଭଲ ହୋଇଥାଏ। ଗୋ-ଉଦ୍ୟୋଗୀମାନେ ଲେଉଟାଉଥିବା ଗାଈମାନଙ୍କ ପ୍ରତି ବିଶେଷ ଯତ୍ନବାନ ହେବ ଦରକାର ଏବଂ ନିମ୍ନୋକ୍ତ ଦିଗ ପ୍ରତି ଦୃଷ୍ଟି ଦେବା ନିହାତି ଜରୁରୀ ଅଟେ ।

(୧) ଧାତବ ଲବଣ, ଖାଦ୍ୟ ସାର 'କ' ଓ 'ଘ' (ଭିଟାମିନ A & D) ଠିକ ଅନୁପାତରେ ଥିବା ସୁଷମ ଦାନା ଦେବା ଉଚିତ।

(୨) ଯଥା ସମୟରେ କୃମିନାଶକ ଔଷଧ ଦେବା ଦରକାର ।

(୩) ଗାଈର ଗରମ ଲକ୍ଷଣ ଦେଖିଲେ ୧୨ ରୁ ୧୪ ଘଣ୍ଟା ମଧ୍ୟରେ ପ୍ରଜନନ କରାଇବା ଉଚିତ । ଲେଉଟାଣି ଗାଈକୁ ୧୨ ଘଣ୍ଟା ଅନ୍ତରରେ ଆଉଥରେ କୃତ୍ରିମ ପ୍ରଜନନ କରାଯାଇଥାଏ ।

(୪) ଯୌନରୋଗର ଆବଶ୍ୟକ ଓ ସମୟୋପଯୋଗୀ ଚିକିତ୍ସା ପ୍ରାଣୀ ଚିକିତ୍ସକ ଦ୍ୱାରା କରାଇବା ଦରକାର ।

ଉପର ଲିଖିତ ପଦକ୍ଷେପ ସତ୍ତ୍ୱେ ଯଦି ଗାଈଟି ବାରମ୍ବାର ଲେଉଟାଇଥାଏ ତେବେ ତାହାକୁ ଗୋଠରୁ ବାହାର କରାଯାଇଥାଏ ।

# ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ଏବଂ ବିକ୍ରିବଟା

ଉପକ୍ରମ

କ୍ଷୀରକୁ ଏକ ସଂପୂର୍ଣ୍ଣ ଆହାର ଭାବରେ ବିବେଚନା କରାଯାଏ । ଏହାକୁ ସାଧାରଣ ଭାବରେ ବହୁ ସମୟ ଧରି ରଖିଲେ ନଷ୍ଟ ହୋଇଯାଏ, ତେଣୁ ଏହା ଚଞ୍ଚଳ ବିକ୍ରି ହୋଇଯିବା ଦରକାର । ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ କରିବା, କ୍ଷୀର ପ୍ରଦୂଷଣର କାରଣ, କ୍ଷୀରର ବଜାର ଏବଂ ସମବାୟ ସମିତି ମାଧ୍ୟମରେ କ୍ଷୀର ବିକ୍ରି ବିଷୟରେ ନିମ୍ନରେ ଦିଆଯାଇଛି ।

ଦୁଗ୍ଧ ଏବଂ ଦୁଗ୍ଧଜାତ ସାମଗ୍ରୀର ବଜାରଦର ଉପରେ ଚାଷୀର ଲାଭ ନିର୍ଭର କରେ । ଏହି ଦର ମଧ୍ୟ ଉପଭୋକ୍ତାଙ୍କୁ ସୁହାଇବା ଦରକାର । ଏଣୁ ଉପଯୁକ୍ତ ଦରସହ ଏକ ସୁସ୍ଥ ପ୍ରତିଯୋଗିତା ଭିତ୍ତିକ ବଜାର ଚାଷୀକୁ ଅଧିକ ଲାଭ ପ୍ରଦାନ କରିପାରିବ ।

**ଦୁଗ୍ଧର ବିଭିନ୍ନ ଉପାଦାନ :-**

ସ୍ତନ୍ୟପାୟୀ ପ୍ରାଣୀମାନେ ସେମାନଙ୍କ ନବଜାତ ଶିଶୁପାଇଁ ଏକ ଈଷତ୍ ଧଳା ରଙ୍ଗର ତରଳ ପଦାର୍ଥ ସ୍ତନରୁ କ୍ଷରଣ କରିଥାନ୍ତି । ଯାହାକୁ ଆମେ ଦୁଗ୍ଧ ବୋଲି କହୁ । ଏହା ସହଜରେ ହଜମ ହୁଏ । ଏଥିରେ ଉଭୟ ଶକ୍ତି ଏବଂ ପୁଷ୍ଟିସାର ଉପାଦାନ ଭର୍ତ୍ତି ହୋଇଥାଏ । ତା ଛଡ଼ା ଦୁଗ୍ଧରେ ଭିଟାମିନ ଏ, ଡ଼ି, ଇ, କେ, ସି, ଓ ବି-କମ୍ପ୍ଲେକ୍ସ ଭରି ରହିଥାଏ । ସବୁଜ ଘାସରେ ଥିବା କେରୋଟିନ ଭିଟାମିନ୍- ଏ ରେ ରୂପାନ୍ତରିତ ହୋଇଥାଏ । ଏହା କ୍ଷୀରକୁ ଈଷତ୍ ହଳଦିଆ ରଙ୍ଗ ପ୍ରଦାନ କରିଥାଏ । ଏହାଛଡ଼ା କ୍ଷୀର କ୍ୟାଲସିୟମ୍, ଫସ୍‌ଫରସ୍ ଆଦି ଧାତବ ଲବଣରେ ଭର୍ତ୍ତି ହୋଇଥାଏ । କିନ୍ତୁ କ୍ଷୀରରେ ଲୌହ ବା ଆଇରନ୍ ନ ଥାଏ ।

କ୍ଷୀରରେ ବିଭିନ୍ନ ପ୍ରକାର ଜୀବାଣୁ ରହିଥାନ୍ତି । ସେମାନଙ୍କ ମଧ୍ୟରୁ କେତେକ ଉପକାରୀ ଜୀବାଣୁ କ୍ଷୀରକୁ ଦହିରେ ରୂପାନ୍ତରିତ କରନ୍ତି । ସେହିଭଳି ଅପକାରି ଜୀବାଣୁମାନେ କ୍ଷୀରକୁ ଦୂଷିତ ବା ନଷ୍ଟ କରିଦିଅନ୍ତି । ଏଣୁ ଏହିପ୍ରକାର ଅପକାରୀ ଜୀବାଣୁର ସୃଷ୍ଟିକୁ କମ୍ କରିବା ଆମର ଉଦ୍ଦେଶ୍ୟ ହେବା ଉଚିତ ।

**ବିଶୁଦ୍ଧ ଦୁଗ୍ଧ ଉତ୍ପାଦନ :**

ସ୍ୱଚ୍ଛଦୁଗ୍ଧ ସଫା ଗୁହାଳରେ ଥିବା ସୁସ୍ଥ ସଫାସୁତୁରା ଗାଈଠାରୁ ମିଳିଥାଏ । ଏଥିରେ ଧୂଳିମଳି ଏବଂ ବାହ୍ୟ ପଦାର୍ଥ ଯଥା ଲୋମ, କୁଟା ଆଦି ନଥାଏ । ଏହି କ୍ଷୀରରେ ଜୀବାଣୁ ସଂଖ୍ୟା କମ୍ ଏବଂ ସଂକ୍ରାମକ ଜୀବାଣୁ ନଥାଏ ।

## ବିଶୁଦ୍ଧ ଦୁଗ୍ଧ ଉତ୍ପାଦନ

ଖାଉଟି ମାନଙ୍କ ସନ୍ତୁଷ୍ଟି ଓ ଆସ୍ଥାଭାଜନ ପାଇଁ ଗୋ-ଉଦ୍ୟୋଗୀ ବିଶୁଦ୍ଧ କ୍ଷୀର ଯୋଗାଇବା ଆବଶ୍ୟକ । ଏଣୁ ବିଶୁଦ୍ଧ ଦୁଗ୍ଧ ଉତ୍ପାଦନ କରିବା ପାଇଁ ପଦକ୍ଷେପ ଦେବା ଉଚିତ୍, ଯାହାକି ଅଧିକ ଲାଭଦାୟକ ହେବାରେ ସାହାଯ୍ୟ କରିଥାଏ । ବିଶୁଦ୍ଧ ଦୁଗ୍ଧ ଉତ୍ପାଦନ ମୁଖ୍ୟତଃ ଦୁହାଁଳିର ପରିଚ୍ଛନ୍ନତା, ଗୁହାଳର ପରିବେଶ, କ୍ଷୀର ସଂଗ୍ରହ ନିମନ୍ତେ ବ୍ୟବହୃତ ହେଉଥିବା ପାତ୍ରର ସ୍ୱଚ୍ଛତା ଏବଂ କ୍ଷୀରର ଉତ୍ତମ ରକ୍ଷଣାବେକ୍ଷଣ ଉପରେ ନିର୍ଭର କରିଥାଏ ।

ଦୁହିଁବା ପୂର୍ବରୁ ଗାଈକୁ ଭଲ ଭାବରେ ବାନ୍ଧି ରଖିବା ଦରକାର ଯେମିତିକି ଦୁହିଁବା ସମୟରେ ଗାଈ ଇତଃସ୍ତତଃ ହେବ ନାହିଁ । ପଛ ଦୁଇ ଗୋଡ ଓ ଲାଞ୍ଜକୁ ମିଶାଇ ଗୋଟିଏ ଦଉଡା ଫାଶରେ ବାନ୍ଧି ରଖିଲେ ଭଲ । ପହ୍ନା ଏବଂ ଚିରକୁ ପଟାସ୍ ପାଣିରେ ବିଶୋଧନ କରାଯିବା ଉଚିତ । ପ୍ରଥମତଃ ଦୁହାଁଳି ସୁସ୍ଥ ଏବଂ ପରିଚ୍ଛନ୍ନ ହୋଇଥିବା ଉଚିତ । ଦୁହାଁଳି ହାତ ନଖ ଛୋଟ ରହିବା ଦରକାର । ଦୁହାଁଳି ନିଜର ହାତକୁ ଭଲ ଭାବରେ ସଫା କରିବା ଦରକାର । ଗୁହାଳ ପରିବେଶ ସର୍ବଦା ସ୍ୱାସ୍ଥ୍ୟକର, ପରିଷ୍କାର, ଏବଂ ଉତ୍କଟ ଗନ୍ଧମୁକ୍ତ ହେବା ଉଚିତ ।

**ବିଶୁଦ୍ଧ ଦୁଗ୍ଧ ଉତ୍ପାଦନ :**

ବିଶୁଦ୍ଧ ଦୁଗ୍ଧ ସଫା ଗୁହାଳରେ ଥିବା ସୁସ୍ଥ ସଫାସୁତୁରା ଗାଈଠାରୁ ମିଳିଥାଏ । ଏଥିରେ ଧୂଳିମଳି ଏବଂ ବାହ୍ୟ ପଦାର୍ଥ ଯଥା  ଲୋମ, କୁଟା ଆଦି ନଥାଏ । ଏହି କ୍ଷୀରରେ ଜୀବାଣୁ ସଂଖ୍ୟା କମ୍ ଏବଂ ସଂକ୍ରାମକ ଜୀବାଣୁ ନଥାଏ ।

ସ୍ୱଚ୍ଛ ଦୁଗ୍ଧ ଉତ୍ପାଦନ ପାଇଁ ଗାଈ ଦୁହାଁଳି ସଫାଗୁହାଳରେ କ୍ଷୀର ଦୁହିଁବା ସହ କ୍ଷୀର ଦୁହିଁବା ପୂର୍ବରୁ ନିମ୍ନୋକ୍ତ ବିଷୟ ପ୍ରତିଧ୍ୟାନ ଦେବା ଉଚିତ୍।

- ଗାଈର ପହ୍ନାକୁ ଧୋଇ ପୋଛି ସଫା କରିବ ।
- ନଖକଟା ଯାଇଥିବ ।
- ହାତ ସାବୁନରେ ଧୋଇବ ।
- କ୍ଷୀର ଦୁହିଁବା ଜାଗା ସଫାକରି ଧୋଇବ ।
- ପ୍ରତ୍ୟେକ ଚିରର ପ୍ରଥମ ଦୁଇତିନି ଧାର କ୍ଷୀର କାଢ଼ି ବାହାରେ ଫିଙ୍ଗିଦେବ କାରଣ ଏଥିରେ ଅଧିକ ସଂଖ୍ୟକ ଜୀବାଣୁ ଥାନ୍ତି ।
- କ୍ଷୀର ଦୁହିଁଲାବେଳେ ଏହାର ବାସ୍ନାକୁ ଲକ୍ଷ୍ୟ କରିବ ।

କ୍ଷୀର ସଂଗ୍ରହ ନିମନ୍ତେ ବ୍ୟବହୃତ ହେଉଥିବା ପାତ୍ର ଗୁଡିକ ଆଲୁମିନିୟମ କିମ୍ବା ଷ୍ଟିଲ ହେବା ଦରକାର ଏବଂ ଏଗୁଡିକ ଯଥା ସମ୍ଭବ ସଫା ଓ ଶୁଖିଲା ହେବା ଦରକାର । ଏହି ପାତ୍ରଗୁଡିକ ସର୍ବଦା ସାବୁନ କିମ୍ବା ଡିଟରଜେଣ୍ଟରେ ସଫା ହେବା ଜରୁରୀ । ଦୁହାଁ ସରିଲା ପରେ କ୍ଷୀରକୁ ଗୋଟେ ପରିଷ୍କାର କନାରେ ଛାଣି କ୍ଷୀର କେନ ବା ପାତ୍ରରେ ରଖିବା ଜରୁରୀ ଏବଂ ଉକ୍ତ କନାକୁ ଡିଟରଜେଣ୍ଟରେ ସଫା କରି ଶୁଖେଇ ଦେବା ଉଚିତ । କ୍ଷୀର ସଂଗୃହିତ ହେଲା ପରେ ଯଥାଶୀଘ୍ର ବଜାରକୁ ବିକ୍ରି ପାଇଁ ପଠାଇବା ଉଚିତ । ସାଧାରଣତଃ କ୍ଷୀରକୁ ଦିନର ଗରମ ସମୟ ପୂର୍ବରୁ ସକାଳେ ଏବଂ ପରେ ସନ୍ଧ୍ୟାରେ ବଜାରକୁ ପଠାଇବା ଭଲ ।

### ଦୁଗ୍ଧଜାତ ଦ୍ରବ୍ୟର ପ୍ରସ୍ତୁତି ପ୍ରଣାଳୀ

ଗୋପାଳନର ଦୁଇ ଗୋଟି ମୂଳ ଉଦ୍ଦେଶ୍ୟ ହେଉଛି ବାଛୁରୀ ଉତ୍ପାଦନ ଗୋଠ ବଢ଼ିବାରେ ସାହାଯ୍ୟ କରିଥାଏ ଏବଂ କ୍ଷୀର ଉତ୍ପାଦନ ଗୋ-ଉଦ୍ୟୋଗର ଆୟ ବୃଦ୍ଧିରେ ସାହାଯ୍ୟ କରିଥାଏ । ଆଜିକାଲି କ୍ଷୀରର ଆବଶ୍ୟକତା ସହିତ ଦୁଗ୍ଧଜାତ ଦ୍ରବ୍ୟ ଯଥା ଖୁଆ, ଛେନା, ସୁବାସିତ କ୍ଷୀର, ପନିର, ଘୋଳଦହି, ଲସି ଓ ଘିଅର ଚାହିଦା କ୍ରମଶଃ ବୃଦ୍ଧି ହେବାରେ ଲାଗିଛି । ଏହି ଦୁଗ୍ଧଜାତ ଦ୍ରବ୍ୟଗୁଡ଼ିକ ଅଳ୍ପ ପରିଶ୍ରମରେ ନିଜ ଘରେ ମଧ୍ୟ ତିଆରି କରାଯାଇପାରୁଅଛି । ତନ୍ମଧ୍ୟରୁ କେତୋଟି ଦୁଗ୍ଧଜାତ ଦ୍ରବ୍ୟର ପ୍ରସ୍ତୁତି ପ୍ରଣାଳୀ ନିମ୍ନରେ ଦିଆଗଲା ।

ଖୁଆ :- ଏହା ଆମଦେଶରେ ବହୁ ପୁରାତନ କାଳରୁ ପ୍ରସ୍ତୁତ ହୋଇଆସୁଅଛି । ଖୁଆ ପାଇଁ ମଇଁଷି କ୍ଷୀର ଗାଈ କ୍ଷୀର ଠାରୁ ଅଧିକ ଭଲ ।

ପଦ୍ଧତି :- କ୍ଷୀର ଦୁହିଁବାର ଅତିବେଶୀରେ ୧ ଘଣ୍ଟା ମଧ୍ୟରେ କ୍ଷୀରକୁ ଖୁଆ ତିଆରିରେ ବ୍ୟବହାର କରାଯାଇଥାଏ । କଞ୍ଚା କ୍ଷୀରକୁ ଗୋଟେ କରେଇରେ ଗରମ କରାଯିବା ସଙ୍ଗେ ସଙ୍ଗେ ଖଡ଼ିକାରେ ଗୋଳାଯାଏ ଯେପରିକି କରେଇର ତଳଭାଗରେ କ୍ଷୀର ପୋଡ଼ିକି ଲାଗିନଯାଏ । କିଛି ସମୟ ଗରମ କଲାପରେ ଏଥିରୁ ଜଳୀୟ ଅଂଶ ମରିଯାଏ ଓ ଆସ୍ତେ ଆସ୍ତେ ଏହା ବାଦାମି ରଙ୍ଗ ହେବାକୁ ଲାଗିଥାଏ । ଏହାର ଅଧା ତରଳ ଅବସ୍ଥାକୁ ରାବିଡ଼ି କୁହାଯାଏ । ଏହି ଅବସ୍ଥା ଆସିଗଲେ ଚୁଲିର ଆଞ୍ଚ କମାଇ ଦିଆଯିବା ସଙ୍ଗେ ସଙ୍ଗେ ଖଡ଼ିକାରେ ଆଉ ଗୋଳାଇବା ସମ୍ଭବ ନହେଲା ପର୍ଯ୍ୟନ୍ତ ଗୋଳାଯାଏ । ଏହି ଅବସ୍ଥା ଆସିଗଲେ ଚୁଲିରୁ ଓହ୍ଲାଇ ଆଣି ଖେଳେଇ କରେଇରେ ରଖାଯାଏ । କିଛି ସମୟ ଖୋଲା ପବନରେ ରଖିବା ପରେ ଏହାକୁ ଗୋଲ କରି ପେଣ୍ଡୁ ଆକାରର ଗୁଳା କରାଯାଇ ଜରି ପ୍ୟାକେଟରେ ସିଲ କରି ରଖାଯାଏ । ଏପରି କରିବା ଦ୍ୱାରା ଏହାକୁ ବହୁତ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ଏହି ଖୁଆରୁ ପେଡ଼ା, ବରଫି ଓ ଗୋଲାପଜାମୁନ ତିଆରି କରାଯାଏ ।

ପନିର୍ :- ଆଜିକାଲି ଦୁଗ୍ଧଜାତ ଦ୍ରବ୍ୟ ମଧ୍ୟରେ ପନିରର ଚାହିଦା ସବୁଠାରୁ ଆଗରେ ରହିଅଛି, କାରଣ ପନିର୍ ବ୍ୟବହାର କରି ବହୁତ ପ୍ରକାର ସ୍ୱାଦିଷ୍ଟ ତରକାରୀ ତିଆରି କରାଯାଉଅଛି ।

ପଦ୍ଧତି :- କ୍ଷୀରକୁ ଗୋଟିଏ ପରିଷ୍କାର କରେଇରେ ଦୁହିଁବାର ୧ ଘଣ୍ଟା ମଧ୍ୟରେ ଫୁଟା ଯାଇଥାଏ। ଫୁଟାଇବା ସମୟରେ ଗୋଟିଏ ଖଡ଼ିକାରେ ତାକୁ ଗୋଳାଯାଉଥାଏ ଯେପରି କ୍ଷୀର ପୋଡ଼ି ନଯାଏ । ପ୍ରାୟ ଦୁଇଥର ଉତୁରିଲା ପରେ କ୍ଷୀରକୁ ଘାଣ୍ଟିବା ସଙ୍ଗେ ସଙ୍ଗେ ସେଥିରେ ଆବଶ୍ୟକ ପରିମାଣର ଛେନା ପାଣି କିମ୍ବା ଲେମ୍ବୁରସ କିମ୍ବା ଭିନେଗାର ମିଶାଇଯାଇଥାଏ । ଏକ ମିନିଟ ଘାଣ୍ଟିବା ପରେ ସମସ୍ତ କ୍ଷୀର ଛିଣ୍ଡି ଛେନାରେ ପରିଣତ ହୋଇଯାଏ । ଏହାପରେ ଛେନାକୁ ଛେନା ପାଣିରୁ ଅଲଗା କରିବା ପାଇଁ ଗୋଟିଏ ପରିଷ୍କାର କନାକୁ ଗୋଟେ ଉପରପଟ ଖୋଲାଥିବା କାଠ ବା ଲୁହାଜାଲି (6 X 6 X 4 ଇଞ୍ଚ ଲମ୍ବ, ପ୍ରସ୍ଥ ଓ ଗଭୀର) ରେ ବିଛାଇ ଦିଆଯାଏ । ତାପରେ ଏହି ଜାଲିକୁ ମାର୍ବଲ ଖଣ୍ଡ ଲାଗିଥିବା ଗୋଟେ ଟେବୁଲ ଉପରେ ରଖି ତାମଧ୍ୟରେ ଗରମ ଛେନାକୁ ଢାଳି କନାର ମୁହଁକୁ ବାନ୍ଧି ଦିଆଯାଏ ଏବଂ ଉପରପଟୁ ଓଜନ ବଟକରା ବା ପଥର ଦେଇ ମାଡି କରି ରଖାଯାଏ । ପ୍ରାୟ ଅଧ ଘଣ୍ଟା ଚାପି ରଖିବା ପରେ ଜାଲି ମଧ୍ୟରୁ ଆୟତକାର ବିଶିଷ୍ଟ ପନିରକୁ କାଢ଼ି ଦିଆଯାଏ ଓ ଥଣ୍ଡା ପାଣିରେ ଦୁଇ ଘଣ୍ଟା ପର୍ଯ୍ୟନ୍ତ ବୁଡ଼ାଇ ରଖାଯାଏ ଯଦ୍ୱାରା ଏହା କଠିନ ହୋଇଯାଏ । ଆଜିକାଲି ପନିର ତିଆରି କରିବା ପାଇଁ ସ୍ୱୟଂଚାଳିତ ମେସିନ ବଜାରରେ ମିଳୁଛି । ଏହି କଠିନ ପନିରକୁ ରେଫ୍ରିଜରେଟରର ବରଫ ଚାମ୍ବର ଭାଗରେ ରଖି ଦିଆଯାଏ। ସାଧାରଣତଃ ପନିରକୁ ୫ ଦିନ ପର୍ଯ୍ୟନ୍ତ ରେଫ୍ରିଜରେଟରରେ ରଖାଯାଇପାରେ ।

ଘିଅ :- ଦୁଗ୍ଧଜାତ ଦ୍ରବ୍ୟ ମଧ୍ୟରେ ଘିଅରେ ସ୍ଥାନ ସ୍ୱତନ୍ତ୍ର ଅଟେ । ଖାଇବାରେ ଘିଅର ବ୍ୟବହାର ସହିତ ସଞ୍ଜ ଦେବା, ହୋମ କାର୍ଯ୍ୟରେ, ପିଠାପଣା ପ୍ରସ୍ତୁତିରେ ଘିଅର ବ୍ୟବହାର ଅନିବାର୍ଯ୍ୟ । ଘିଅର ବଜାର ମୂଲ୍ୟ ଅନ୍ୟ ଦୁଗ୍ଧଜାତ ଦ୍ରବ୍ୟଠାରୁ ଅଧିକ ରହୁଥିବାରୁ ଗୋ-ଉଦ୍ୟୋଗୀ ମାନେ ଘିଅ ତିଆରି କରି ଅଧିକ ଲାଭବାନ ହୋଇପାରିବେ ।

ପଦ୍ଧତି :- ଦହି ତିଆରି କରିସାରିଲା ପରେ ଲହୁଣୀ ମନ୍ଥନ ବାଡି ବା କ୍ରିମ ସେପାରେଟର ଦ୍ୱାରା ମନ୍ଥନ କରିବା ଦରକାର ଯାହାଫଳରେ ଲହୁଣୀସ୍ତର ଉପରକୁ ଆସିଥିବା ବେଳେ ଘୋଳ ଦହି ତଳେ ରହିଯାଏ । ଲହୁଣୀ ମାରିବାର ବା ସଂଗ୍ରହ କରିବାର ୫ ରୁ ୬ ଦିନ ମଧ୍ୟରେ ଘିଅ ତିଆରି କରିବା ଉଚିତ । ଲହୁଣୀକୁ ପ୍ରାୟ ୧୨୦ ଡିଗ୍ରୀ ସେଣ୍ଟିଗ୍ରେଡ ତଦୁର୍ଦ୍ଧ ଉତ୍ତାପରେ ଦୁଇ ରୁ ତିନି ଘଣ୍ଟା ଗରମ କଲେ ଘିଅ ଓ କୋରୁଅ ମିଳିଥାଏ । ପରେ ସଫା କନାରେ ଛାଣିନେଲେ ଘିଅ ଓ କୋରୁଅ ଅଲଗା ହୋଇଯାଏ ଏବଂ ଘିଅକୁ କୌଣସି କାଚ ବୋତଲରେ ବେଶୀ ଦିନ ରଖି ବିକ୍ରି କରାଯାଏ ।

## କ୍ଷୀର ବିକ୍ରିବଟା :

କ୍ଷୀର ଦିନକୁ ଦୁଇବେଳା ଦୁହାଁଯାଏ । କିଛି ଘଣ୍ଟା ରହିଗଲେ କ୍ଷୀର ନଷ୍ଟ ହୋଇଯାଏ । ଏଣୁ କ୍ଷୀରକୁ ଯେତେ ଜଲଦି ବିକ୍ରିବଟା କରିଦେବା ଦରକାର । ଗାଁ ଗହଳିରେ କ୍ଷୀରର ଭଲ ବଜାର ନାହିଁ । ଏଣୁ କ୍ଷୀର ବେପାରୀମାନେ କମ୍ ଦାମ୍‌ରେ ଋଷୀଙ୍କଠୁ କ୍ଷୀର କିଣି ନିଅନ୍ତି ଏବଂ ସହରରେ ଅଧିକ ଦାମରେ ବିକନ୍ତି । ସଙ୍କର ଜାତୀୟ ଗାଈବାଛୁରୀକୁ ପ୍ରତିଦିନ ଯଥେଷ୍ଟ ସୁଷମ ଦାନା ଦେବା ଆବଶ୍ୟକ ଥାଏ । ଏଣୁ ଋଷୀଟି କ୍ଷୀରକୁ  ନିୟମିତ ବିକ୍ରି କଲେ ହିଁ ପଇସା ମିଳିବ ଓ ଗାଈକୁ ଖାଇବାକୁ ଦେଇପାରିବ । କ୍ଷୀର ବେପାରୀମାନେ ଋଷୀକୁ ନିୟମିତ ଭାବରେ ପଇସା ମଧ୍ୟ ଦିଅନ୍ତି ନାହିଁ । ଫଳରେ ଚାଷୀ ଅସୁବିଧାର ସମ୍ମୁଖୀନ ହୋଇଥାଏ। ତେଣୁ କ୍ଷୀରର ବିକ୍ରିବଟାକୁ ସହଜ କରିବାର ଆବଶ୍ୟକତା ରହିଛି।

ଦୁଗ୍ଧ ସମବାୟ ସମିତି

ଆମ ଦେଶରେ ପ୍ରଚଳିତ ବିଭିନ୍ନ ପ୍ରକାର ସମବାୟ ବ୍ୟବସ୍ଥା ମଧ୍ୟରେ ଦୁଗ୍ଧ ସମବାୟ ସମିତି ଏକ ଆଦର୍ଶ ବ୍ୟବସ୍ଥା ଅଟେ । ଏହା ଏକ ତ୍ରିସ୍ତରୀୟ ବ୍ୟବସ୍ଥା ଅଟେ । ଗ୍ରାମାଞ୍ଚଳରେ ଦୁଗ୍ଧ ଚାଷୀମାନଙ୍କୁ ନେଇ ଦୁଗ୍ଧ ସମବାୟ ସମିତି ଗଠନ କରାଯାଇଅଛି ଯାହାକି ତ୍ରିସ୍ତରୀୟ ବ୍ୟବସ୍ଥାର ମୂଳଦୁଆ ଅଟେ । ପ୍ରାଥମିକ ସ୍ତରର ସମିତିମାନଙ୍କୁ ନେଇ ଜିଲ୍ଲା ସ୍ତରରେ ଦୁଗ୍ଧ ଉତ୍ପାଦନ ସଂଘ ଗଠନ କରାଯାଇଅଛି । ସମସ୍ତ ଦୁଗ୍ଧ ଉତ୍ପାଦନ ସଂଘକୁ ନେଇ ରାଜ୍ୟ ସ୍ତରରେ ଦୁଗ୍ଧ ଉତ୍ପାଦନ ମହାସଂଘ ଗଠନ ହୋଇଛି ।

ଦୁଗ୍ଧ ସମବାୟ ସମିତିର କାର୍ଯ୍ୟକାରିତା

ଗ୍ରାମାଞ୍ଚଳରେ ବର୍ତ୍ତମାନ୍ ଦୁଗ୍ଧ ସମବାୟ ସମିତି ଦିନକୁ ୨ ଥର ସକାଳେ ଓ ଉପରବେଳା ଚାଷୀଙ୍କ ଠାରୁ ଦୁଗ୍ଧ ସଂଗ୍ରହ କରିଥାଏ । କ୍ଷୀରର ଛେନା ଅଂଶ ଓ ଘିଅ ଅଂଶ ଅନୁସାରେ ତାର ମୂଲ୍ୟ ନିର୍ଦ୍ଧାରଣ କରିଥାଏ । ସଂଗୃହିତ କ୍ଷୀରକୁ ଜିଲ୍ଲା ସ୍ତରରେ ଥିବା କାରଖାନାକୁ ପଠାଇବାର ବ୍ୟବସ୍ଥା କରିଥାଏ । କୃତ୍ରିମ ପ୍ରଜନନ, ଗୋଚିକିତ୍ସା, ଦାନା ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଚାଷୀମାନଙ୍କୁ ଉପଲବ୍ଧ କରିବାରେ ସହାୟକ ହୋଇଥାଏ । ଏତଦ୍ ବ୍ୟତୀତ ସମିତିର ବାର୍ଷିକ ଲାଭାଂଶର ସ୍ଥିରୀକୃତ ଆନୁପାତିକ ଭାଗ ସମସ୍ତ ଚାଷୀମାନଙ୍କୁ ଯୋଗାଇଦିଏ ।

ଦୁଗ୍ଧ ସମବାୟ ସମିତିର ଗଠନ ପ୍ରକ୍ରିୟା

କୌଣସି ଗ୍ରାମରେ ଦୁଗ୍ଧ ସମବାୟ ସମିତି ଗଠନ କରିବାକୁ ହେଲେ ସମ୍ପୃକ୍ତ ଜିଲ୍ଲା ଦୁଗ୍ଧ ସଂଘ ସହିତ ଯୋଗାଯୋଗ କରାଯାଏ । ଜିଲ୍ଲା ଦୁଗ୍ଧ ସଂଘ ତରଫରୁ କ୍ଷେତ୍ର ତତ୍ତ୍ୱାବଧାରକଙ୍କ ମାଧ୍ୟମରେ ସେହି ଗ୍ରାମ ଓ ଆଖପାଖ ଅଞ୍ଚଳକୁ ନେଇ ବିଭିନ୍ନ ଦିଗ ଯଥା ଗ୍ରାମର / ଅଞ୍ଚଳର ଲୋକ

ସଂଖ୍ୟା, ଦୁଗ୍ଧ ଉତ୍ପାଦନର ପରିମାଣ, ଗମନାଗମନ ବା ପରିବହନର ସୁବିଧା, ଦୁଗ୍ଧର ସ୍ଥାନୀୟ ବଜାର ମୂଲ୍ୟ ଇତ୍ୟାଦିକୁ ନେଇ ଅନୁମାନ କରାଯାଇଥାଏ । ଏହି ସମସ୍ତ ଦିଗକୁ ପୁଙ୍ଖାନୁପୁଙ୍ଖ ଅନୁମାନ କଲା ପରେ ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଯଦି ଦୁଗ୍ଧ ସମିତି ଗଠନ ସମ୍ଭବ ବୋଲି ଜଣାପଡେ, ତେବେ ଗ୍ରାମର ଦୁଗ୍ଧ ଉତ୍ପାଦକମାନଙ୍କୁ ନେଇ ଗ୍ରାମସଭାର ଆୟୋଜନ କରାଯାଇଥାଏ । ଏହି ସଭାରେ ଜିଲ୍ଲା ଦୁଗ୍ଧ ସଂଘ ସମିତି ଗଠନର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟ ସମ୍ବନ୍ଧରେ ଜଣାଇଥାଆନ୍ତି । ଏହି ସଭାରେ ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣକୁ ସର୍ବ ସମ୍ମତି କ୍ରମେ ଜଣକୁ ମୁଖ୍ୟ ସଂଗଠକ ଭାବରେ ବଛାଯାଏ ଯିଏ କି ଚାଷୀମାନଙ୍କଠାରୁ ଅଂଶଧନ ବାବଦକୁ ୧୦ ଟଙ୍କା ଓ ପ୍ରବେଶ ଚାନ୍ଦା ବାବଦକୁ ୧୧ ଟଙ୍କା ଆଦାୟ କରି ବ୍ୟାଙ୍କରେ ଜମା ଦିଅନ୍ତି । ଏହାପରେ ଯେଉଁ ଚାଷୀ ମାନେ ଅଂଶଧନ ଦେଇଥାଆନ୍ତି, ସେମାନଙ୍କୁ ନେଇ ମୁଖ୍ୟ ସଂଗଠକ ଏକ ବୈଠକ ଡାକିଥାଆନ୍ତି ଯାହାକି ସମିତିର ପ୍ରଥମ ସାଧାରଣ ସଭା ବୋଲି କୁହାଯାଏ । ଏହି ବୈଠକରେ ମୁଖ୍ୟତଃ ତିନିଗୋଟି ବିଷୟରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଥାଏ ।

୧) ସମିତି ପରିଚାଳନା – ସମିତିର କାର୍ଯ୍ୟାଳୟ ପ୍ରତିଷ୍ଠାଠାରୁ ଆରମ୍ଭ କରି ସମିତିର ଦୈନନ୍ଦିନ କାର୍ଯ୍ୟ, ବ୍ୟାଙ୍କ ଖାତାର ପରିଚାଳନା, ହିସାବ, କାର୍ଯ୍ୟକ୍ରମ, ନୀତି ଉପରେ ଆଲୋଚନା କରି ନିଷ୍ପତ୍ତି ନିଆଯାଏ ।

୨) ପରିଚାଳନା ପରିଷଦ ଗଠନ – ଅଂଶଧନ ଓ ପ୍ରବେଶ ଚାନ୍ଦା ଦେଇଥିବା ସଦସ୍ୟମାନଙ୍କ ମଧ୍ୟରୁ ୧୫ ଜଣ ଅଗ୍ରଣୀ ଚାଷୀଙ୍କୁ ଗଣତାନ୍ତ୍ରିକ ପଦ୍ଧତିରେ ମନୋନୀତ କରାଯାଏ । ଏହି ୧୫ ଜଣଙ୍କ ମଧ୍ୟରୁ ଜଣେ ସଭାପତି ଓ ଉପସଭାପତି ଗଣତାନ୍ତ୍ରିକ ପଦ୍ଧତିରେ ବଛାଯାଏ ।

୩) ସମ୍ପାଦକ ନିଯୁକ୍ତି – ସମିତିର ସମ୍ପାଦକ ହେଉଛନ୍ତି ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଯିଏ କି ସମିତିର ସମସ୍ତ ଆର୍ଥିକ କାରବାରର ସ୍ୱଚ୍ଛଳତା ଏବଂ ସୁଚାରୁରୂପେ ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ ପାଇଁ ଉତ୍ତରଦାୟୀ ରୁହନ୍ତି । ସମ୍ପାଦକ ବ୍ୟକ୍ତି ଜଣକ କର୍ମଠ, ସଚ୍ଚୋଟ, ସମସ୍ତଙ୍କର ବିଶ୍ୱାସଭାଜନ ଓ ସୁଯୋଗ୍ୟ ଗୁଣ ସମ୍ପନ୍ନ ହେବା ଜରୁରୀ ଅଟେ ।

ଚୁମ୍ବକରେ କହିବାକୁ ଗଲେ ପରିଚାଳନା ପରିଷଦ ମାର୍ଗଦର୍ଶକ ହିସାବରେ ଦୁଗ୍ଧ ମହାସଂଘର ନୀତିଗତ ନିଷ୍ପତ୍ତିକୁ ସମ୍ପାଦକଙ୍କ ଜରିଆରେ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତତ୍ସହିତ ଦୁଗ୍ଧ ସମିତି ସ୍ତରରେ ପରିଚାଳନାଗତ ଅସୁବିଧାଗୁଡିକ ସମାଧାନ କରିବାରେ ସହାୟକ ହୋଇଥାଏ ।

ଦୁଗ୍ଧ ସମବାୟ ସମିତି ଦ୍ୱାରା ଲାଭ :

ଗୋପାଳକମାନେ ଦୁଗ୍ଧ ସମବାୟ ସମିତି ଗଢ଼ି ପ୍ରତିଦିନ କ୍ଷୀର ସଂଗ୍ରହ କରି ଜିଲ୍ଲା ଦୁଗ୍ଧ ସଂଘକୁ ବିକ୍ରିକରି ପାରିବେ । ଦୁଗ୍ଧ ସମବାୟ ସମିତି ଦୁଗ୍ଧ ସଂଗ୍ରହ, ବିକ୍ରି ଏବଂ ଚାଷୀକୁ ଉଚିତ ଦରରେ କ୍ଷୀର ବିକ୍ରି ପଇସା ପ୍ରଦାନ କରିଥାଏ ।

- ଏହାଦ୍ୱାରା ବର୍ଷସାରା ଦୁଗ୍ଧ ବଜାର ଉପଲବ୍ଧ ହୋଇଥାଏ ।
- ସଠିକ୍ ମାପ ଏବଂ ନିୟମିତ ପଇସା ମିଳିଥାଏ ।
- ବର୍ଷ ଶେଷରେ ସମୁଦାୟ ଲାଭର ଭାଗବଣ୍ଟା ହୋଇଥାଏ ।
- କ୍ଷୀରର ଗୁଣବତ୍ତା ଅନୁଯାୟୀ ଦର ମିଳିଥାଏ ।
- ରିହାତି ଦରରେ ଗୋ ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ସେବା ମିଳେ ।
- କୃତ୍ରିମ ପ୍ରଜନନ, ଟିକାକରଣ ଓ ପ୍ରାଥମିକ ଚିକିତ୍ସାର ସୁବିଧା ଥାଏ ।
- ଦୁଧିଆଳୀ ଗାଈ ବାଛୁରୀର ବୀମା କରାଯାଇଥାଏ ।
- ଘାସ ଚାଷ ପାଇଁ ମଞ୍ଜି ଓ ଚେରାର ସୁବିଧା ଥାଏ ।
- ଚାଷୀକୁ ଗୋପାଳନ ପାଇଁ ତାଲିମ୍ ଦିଆଯାଏ ।
- ସଭ୍ୟମାନଙ୍କ ମଧ୍ୟରେ ସାମାଜିକ ସମ୍ପର୍କ ଓ ସଂହତି ରହେ ।

# ଗାଈ ଗୋରୁଙ୍କ ସାଧାରଣ ରୋଗ ଏବଂ ତା'ର ପ୍ରତିକାର

ଉପକ୍ରମ

ଆଗରୁ ଲୋକେ ଧର୍ମୀୟ ମନୋଭାବ ନେଇ ଗାଈଗୋରୁ ରଖୁଥିଲେ । ଗାଈକୁ ଦେବତା, ଗୋବରକୁ ପବିତ୍ର ଓ ଗୋମୟ ବୋଲି ବିଚାର କରୁଥିଲେ । ଏବେ 'ଗୋପାଳନ' ବ୍ୟବସାୟରେ ପରିଣତ ହେଇସାରିଛି । ଏହା ମାଧ୍ୟମରେ ଦୁଗ୍ଧ ଉତ୍ପାଦନ ଦ୍ୱାରା ବ୍ୟବସାୟ ହେଉଛି ଏବଂ ପଇସା ରୋଜଗାର ହେଉଛି । ତେଣୁ ରୋଜଗାରକୁ ଆଖି ଆଗରେ ରଖି ଗୋପାଳନ କଲେ ଗାଈ ଗୋରୁଙ୍କର ସାଧାରଣ ରୋଗ ଏବଂ ତା'ର ନିରାକରଣ କରିବାକୁ ପଡିବ । ଗାଈ ମାନେ ସୁସ୍ଥ ରହିଲେ କ୍ଷୀର ଉତ୍ପାଦନ ଠିକ୍ ରହେ । ଗୋ-ଉଦ୍ୟୋଗୀ ମାନେ ଗାଈ ମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେଲେ ନିୟମିତ କ୍ଷୀର ଉତ୍ପାଦନ ହୋଇଥାଏ । ତେଣୁ ଗୋ-ଉଦ୍ୟୋଗୀ ମାନେ ପ୍ରତ୍ୟହ ସକାଳେ ଗୁହାଳକୁ ଯାଇ ପ୍ରତ୍ୟେକଗାଈ ଓ ବାଛୁରୀକୁ ଭଲ ଭାବରେ ନିରୀକ୍ଷଣ କରିବା ଦରକାର । ଏହା ଦ୍ୱାରା ରୋଗଗ୍ରସ୍ତ ଗାଈ ଓ ବାଛୁରୀ ଚିହ୍ନଟ ସହଜ ହୋଇଥାଏ ଏବଂ ସମୟ ଉପଯୋଗୀ ଚିକିତ୍ସା କରାଯାଇଥାଏ ।

ରୋଗ କ'ଣ ?

ଅସ୍ୱାଭାବିକ ସ୍ୱାସ୍ଥ୍ୟ ଅବସ୍ଥା ହେଉଛି ରୋଗ । ଖାଇବା, ନିଃଶ୍ୱାସ ପ୍ରଶ୍ୱାସ ନେବା, ଝାଡ଼ା କରିବା, ପରିସ୍ରା କରିବା ଏସବୁଥିରେ ଅସ୍ୱାଭାବିକତା ଦେଖାଦେଲେ ହିଁ ରୋଗର ଲକ୍ଷଣକୁ ସୂଚେଇଥାଏ । ତେଣୁ ଋଷୀମାନେ ବା ଗାଈ ବ୍ୟବସାୟୀମାନେ କେତେକ ସାଧାରଣ ରୋଗର ଲକ୍ଷଣ ଜାଣିବା ନିହାତି ଜରୁରୀ ।

ରୋଗୀଣା ଗୋରୁର ସାଧାରଣ ଲକ୍ଷଣ:

ଗାଈ ଗୋରୁଙ୍କୁ ରୋଗ ହେଲେ ବିଭିନ୍ନ ପ୍ରକାର ଅସ୍ୱାଭାବିକ ଲକ୍ଷଣମାନ ଗୋରୁଙ୍କ ଦେହରେ ଦେଖିବାକୁ ମିଳିଥାଏ । ନିମ୍ନରେ କେତେକ ଅସ୍ୱାଭାବିକ ଲକ୍ଷଣ ଗୁଡିକ ବର୍ଣ୍ଣିତ ହେଲା, ଯାହାକୁ ଆଧାର କରି ସହଜରେ କହିଦେଇହେବ ଯେ ଗୋରୁଟି ରୋଗୀଣା ଅଛି ନା ନାହିଁ ।

**ଅସ୍ୱାଭାବିକ ଲକ୍ଷଣ**

- ଶରୀରର ତାପମାତ୍ରା ବଢ଼ିବା ବା ଜ୍ୱର ହେବା
- ଥୋମଣି ଶୁଖିଲା ଥାଏ ଏବଂ ଥୋମଣିରେ ବିନ୍ଦୁ ବିନ୍ଦୁ ପାଣି ଲାଗି ରହିନଥାଏ ।
- ଲୋମଗୁଡିକ ଠିଆ ଠିଆ ଓ ଟାଆଁସିଆ ଦେଖାଯିବା ।
- ନାକ କିମ୍ୱା ପାଟିରୁ ଲାଳ ବୋହିବା ।
- ପତଳା ଝାଡ଼ା କିମ୍ୱା ମଳଦ୍ୱାରରୁ ରକ୍ତ ବାହାରିବା
- ଆଖିରୁ ଲୁହ ଝରିବା
- ପରିସ୍ରାଦ୍ୱାରରୁ ରକ୍ତ ଝରିବା ସହ ରକ୍ତ ପରିସ୍ରା, ହଳଦିଆ ବା କଫି ରଙ୍ଗର ପରିସ୍ରା ହେବା
- ବସିକି ରହିବା, ମାନ୍ଦା ରହିବା, ବହୁ ସମୟ ପର୍ଯ୍ୟନ୍ତ ନ ଉଠିବା
- ଛୋଟେଇବା, ବଙ୍କା ଚାଲିବା
- ଘା, ବଥ ହେବା କିମ୍ୱା ଚମଡ଼ାରେ ଯାଦୁ ହେବା
- ମାଂସପେଶୀ ଫୁଲିବା
- ଦୁଗ୍ଧ ଉତ୍ପାଦନ କମିବା, ସ୍ୱାସ୍ଥ୍ୟର ଅବନତି ଘଟିବା, ଦୁର୍ବଳ ହେଇଯିବା ଇତ୍ୟାଦି

ରୋଗ ହେବାର କାରଣ କ'ଣ ?

ପଶୁଜନ୍ତୁଙ୍କୁ ରୋଗ ମୁଖ୍ୟତଃ ଜୀବାଣୁ, ଭୂତାଣୁ, କୃମି ଆକ୍ରମଣ ହେତୁ ହୋଇଥାଏ । କେତେକ ରୋଗର କାରଣମାନ ନିମ୍ନରେ ପ୍ରଦତ୍ତ ହେଲା । ଏଇଠି ଆମେ ଜାଣିପାରିବା ଯେ କେଉଁ ରୋଗମାନ ଜୀବାଣୁଜନିତ ଅଟେ ଓ କେଉଁ ରୋଗମାନ ଭୂତାଣୁଜନିତ ଅଟେ ।

- ଜୀବାଣୁ ଜନିତ ରୋଗ - ସାହାଣ (ତଣ୍ଟି ଫୁଲା), ବଜବଜିଆ,
- ଭୂତାଣୁ ଜନିତ ରୋଗ - ଫାଟୁଆ, ଅଢ଼େଇ ଦିନିଆ ଜ୍ୱର
- ରକ୍ତ ପ୍ରୋଟୋଜୋଆ ରୋଗ - ବେବେସିଆ, ଥେଲେରିଆ
- କୃମି ରୋଗ - ଫିତା କୃମି, କେଞ୍ଚୁଆ କୃମି, କଳିଜା କୃମି, ଗୋଲ କୃମି, କେତେକ କୃମି ଚମଡ଼ାରେ ରହନ୍ତି ଯଥା ଟିଙ୍କ, ଉକୁଣି ଇତ୍ୟାଦି ।
- ବିପାକୀୟ (metabolic) ରୋଗ - ଦୁଗ୍ଧଜ୍ୱର, କିଟୋସିସ, ଘାସ ଧନୁଷ୍ଟଙ୍କାର

ଉପରୋକ୍ତ ରୋଗ ଦୂଷିତ ଖାଦ୍ୟ ଖାଇବା ଓ ଦୂଷିତ ପାଣି ପିଇବା ସଙ୍ଗେ ସଙ୍ଗେ ଅପରିଷ୍କାର ଗୁହାଳରେ ରହିଲେ ହୋଇଥାଏ । ଦୈନନ୍ଦିନ ପରିପାଳନରେ ତ୍ରୁଟି ହେଲେ ଦୁଧିଆଳୀ ଗାଈମାନଙ୍କୁ ଥନହରା ରୋଗ ହୁଏ ।

କେତେକ ସାଧାରଣ ରୋଗ ଏବଂ ତା'ର ମୁଖ୍ୟ ଲକ୍ଷଣ

ଗାଈଗୋରୁମାନେ ବିଭିନ୍ନ କାରଣରୁ ରୋଗଗ୍ରସ୍ତ ହୋଇଥାଆନ୍ତି । ଏହି ରୋଗଗୁଡ଼ିକୁ ମୁଖ୍ୟତଃ ସଂକ୍ରମିତ ରୋଗ ଏବଂ ଅଣସଂକ୍ରମିତ ରୋଗ ଭାବରେ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ । ସଂକ୍ରମିତ ରୋଗ ସାଧାରଣତଃ ଗୋଟିଏ ଗୋରୁ ଠାରୁ ଅନ୍ୟ ଗୋରୁମାନଙ୍କୁ ବ୍ୟାପିଥାଏ ଏବଂ ଏହା ଭୂତାଣୁ ଜନିତ ହୋଇଥାଏ । ଅଣସଂକ୍ରମିତ ରୋଗ ଗୋଟିଏ ଗୋରୁ ଠାରୁ ଅନ୍ୟ ଗୋରୁକୁ ବ୍ୟାପି ନଥାଏ ଓ ଏହା କୃମି ଜନିତ ଓ ଖାଦ୍ୟପ୍ରାଣ ଅଭାବ ଜନିତ ହୋଇଥାଏ ।

ବିପାକୀୟ (metabolic)ରୋଗ :- ଗାଈଗୋରୁଙ୍କର ଖାଦ୍ୟରେ ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଖାଦ୍ୟପ୍ରାଣ ଓ ଖଣିଜ ଲବଣର ଅଭାବ ରହିଲେ ଗାଈଗୋରୁମାନେ ବିଭିନ୍ନ ରୋଗରେ ପଡିଥାଆନ୍ତି । ଏହି ରୋଗ ଗୁଡିକ ସାଧାରଣତଃ ବିପାକ ବ୍ୟବସ୍ଥା ହ୍ରାସ ଯୋଗୁଁ ଦେଖାଯାଇଥାଏ । ଏହି ରୋଗମାନଙ୍କ ମଧ୍ୟରୁ କେତୋଟି ରୋଗର ଲକ୍ଷଣ ଓ ପ୍ରତିରୋଧ ନିମ୍ନରେ ପ୍ରଦାନ କରାଗଲା ।

ଦୁଗ୍ଧଜ୍ୱର :- ସୁସ୍ଥ ଏବଂ ଅଧିକ କ୍ଷୀର ଦେଉଥିବା ଗାଈମାନେ ଏହି ରୋଗରେ ପଡିଥାଆନ୍ତି । ଏହି ରୋଗରେ ଜନ୍ମ କରିବା ପରେ ଗାଈମାନଙ୍କର ରକ୍ତରେ କ୍ୟାଲସିୟମର ଭାଗ ଅସ୍ୱାଭାବିକ ଭାବରେ ହଠାତ କମିଯାଏ । ଶରୀର ତାପମାତ୍ରା ସାଧାରଣ ତାପମାତ୍ରା ଠାରୁ କମ ରହେ ଏବଂ ଗାଈ ମୁଣ୍ଡ ଓ ଗୋଡ ଗୁଡିକ ଲମ୍ୱାଇ ଶୋଇ ରହେ, ଉଠିପାରେ ନାହିଁ।

କିଟୋସିସ ବା ଏସିଟୋନେସିଆ :- ଆବଶ୍ୟକତାଠାରୁ କମ ଶକ୍ତି ଓ ଖାଦ୍ୟସାର ବିଶିଷ୍ଟ ଖାଦ୍ୟ ଖୁଆଇଲେ ଗାଈକୁ କିଟୋସିସ ହୋଇଥାଏ । ଏହି ରୋଗ ଦୁଧିଆଳୀ ଗାଈ ଜନ୍ମ କଲା ପରେ ଦେଖାଯାଇଥାଏ । ଯଦିଓ ଖାଇବାକୁ ଆଗ୍ରହ ପ୍ରକାଶ କରେ କିନ୍ତୁ ଗାଈ ଖାଦ୍ୟ ଖାଏ ନାହିଁ । ନଡା ଓ କୁଟା ଅଳ୍ପ ଅଳ୍ପ ଖାଏ । ଗାଈ ଶୀଘ୍ର ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଏ ଓ ଦୁଗ୍ଧ ଉତ୍ପାଦନ କମିଯାଏ । ନିଃଶ୍ୱାସର ପବନ ଓ କ୍ଷୀର ମିଠାଳିଆ ବାସନା ହୋଇଥାଏ ।

ଘାସ ଧନୁଷ୍ଟଙ୍କାର (magnesium tetany):- ଗାଈମାନେ ଆବଶ୍ୟକ କରୁଥିବା ମ୍ୟାଗ୍ନେସିୟମ ସାଧାରଣତଃ ଖାଦ୍ୟ ଏବଂ ଚାରଣ ଭୂମିରୁ ପାଇଥାଆନ୍ତି , ମ୍ୟାଗ୍ନେସିୟମର ଅଭାବରେ ଏହି ରୋଗ ଗାଈମାନଙ୍କଠାରେ ଦେଖାଯାଇଥାଏ । ଗାଈ ସବୁବେଳେ ବୋବାଇ ଥାଏ ଓ ପାଗଳ ପରି ଦୌଡାଦୌଡି କରେ । ମୁଣ୍ଡ ପିଠି ଆଡକୁ ଧନୁ ଭଳି ଭାଙ୍ଗି କରି ରଖେ ।

ଏହି ସବୁ ଲକ୍ଷଣ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକ କିମ୍ବା ପ୍ରାଣୀଧନ ନିରୀକ୍ଷକଙ୍କ ଦ୍ୱାରା ଚିକିତ୍ସା କରାଇଲେ ରୋଗରୁ ମୁକ୍ତି ମିଳିଥାଏ।

ସଂକ୍ରାମକ ରୋଗ :- ଗାଈଗୋରୁଙ୍କ ଠାରେ ଦେଖାଯାଉଥିବା ସଂକ୍ରାମକ ରୋଗଗୁଡିକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଅଛି ।

୧. ଭୂତାଣୁ ଜନିତ ରୋଗ :- ଗାଈଗୋରୁମାନେ ଆକ୍ରାନ୍ତ ହେଉଥିବା କେତେଗୋଟି ଭୂତାଣୁ ଜନିତ ରୋଗ ବିଷୟରେ ନିମ୍ନରେ ପ୍ରଦାନ କରାଗଲା ।

ଫାଟୁଆ ରୋଗ :

ଏ ରୋଗ ଭୁତାଣୁ ଦ୍ୱାରା ହୋଇଥାଏ । ଏହା ଏକ ସଂକ୍ରାମକ ରୋଗ ଅଟେ ।ଏ ରୋଗ ହେଲେ କଅଁଳା ବାଛୁରୀମାନେ ମରିଯାଆନ୍ତି। ବଡ଼ ଗୋରୁମାନେ ନ ମଲେ ବି ବହୁତ କଷ୍ଟ ଭୋଗନ୍ତି ଏବଂ ଉତ୍ପାଦନ କ୍ଷମତା ହରେଇଥାନ୍ତି।

ଲକ୍ଷଣ :-



୧. ପ୍ରଥମତଃ ଗାଈଗୋରୁମାନଙ୍କୁ ଜ୍ୱର ହୁଏ ।

୨. ମାଢି ଓ ଜିଭ ସନ୍ଧିରେ ଫୋଟକା ହୋଇ ଫାଟିଯିବା ଦ୍ୱାରା ଘା ହୋଇଥାଏ ଯଦ୍ଦ୍ୱାରା ଗାଈଗୋରୁ ଖାଇପାରନ୍ତି ନାହିଁ।

୩. ସେହିପରି ଖୁରା ସନ୍ଧିରେ ଘା ହେବା ଦ୍ୱାରା ଚାଲିବାରେ କଷ୍ଟ ହୋଇଥାଏ । ଖୁରାରେ ମାଛି ବସି ପୋକ ହୋଇଥାଏ ।

୪. ପାଟିରୁ ବହୁତ ଲାଳ ବାହାରିଥାଏ ।

ଗାଈମାନେ ଗର୍ଭଧାରଣ କରିଥିବା ସମୟରେ ଏହି ରୋଗ ହେଲେ ଗର୍ଭପାତ ହେବାର ସମ୍ଭାବନା ଥାଏ ।

ପ୍ରତିଷେଧ :- ଗାଈଗୋରୁମାନେ ଚଳପ୍ରଚଳ ହେଉଥିବା ସ୍ଥାନ, ଗୁହାଳ ଏବଂ ବାହାରେ ବନ୍ଧା ହେଉଥିବା ଜାଗାକୁ ଖାଇବା ସୋଡା ପାଣିରେ ଧୋଇଦେବା ଦ୍ୱାରା ଭୂତାଣୁ ମରିଯାଇଥାନ୍ତି । ଗୋରୁର ପାଟିକୁ ୪% ଖାଇବା ସୋଡା ପାଣିରେ ଧୋଇବା ଦରକାର । ଖୁରା ସନ୍ଧିକୁ ପୋଟାସିୟମ ପରମାଙ୍ଗାନେଟ ପାଣିରେ ଧୋଇବା ଉଚିତ । ଏହି ରୋଗରେ ଆକ୍ରାନ୍ତ ଗାଈଗୋରୁମାନଙ୍କୁ ସୁସ୍ଥ ଥିବା ଗାଈଗୋରୁଙ୍କ ପାଖକୁ ଛାଡିବା ଉଚିତ ନୁହେଁ । ପ୍ରତିବର୍ଷ ଗାଈଗୋରୁଙ୍କୁ ଏହି ରୋଗର ପ୍ରତିଷେଧକ ଟିକା ବର୍ଷରେ ଦୁଇଥର ଦେବା ନିତ୍ୟାନ୍ତ ଜରୁରୀ ଅଟେ ।

(ଖ) ଅଢେଇ ଦିନିଆ ଜ୍ୱର :-

ଗାଈଗୋରୁମାନଙ୍କର ଏହା ଏକ ଭୂତାଣୁ ଜନିତ ରୋଗ । ଏଥିରେ ଗାଈଗୋରୁମାନେ ମୃତ୍ୟୁମୁଖରେ ପଡନ୍ତି ନାହିଁ କିନ୍ତୁ ଉତ୍ପାଦନ ହ୍ରାସ ହୋଇଥାଏ । ପ୍ରତ୍ୟେକ ବୟସର ଗାଈଗୋରୁମାନେ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି । ହଠାତ ଜ୍ୱର ହୋଇଥାଏ ଏବଂ ପଶୁ ଖାଇବା ପିଇବା କମାଇ ଦିଏ ।

ପ୍ରତିଷେଧ :- ମଶା, ଡାଆଁଶ ଓ ମାଛିମାନେ ଏହି ରୋଗର ବାହକ ହୋଇଥିବାରୁ ଗୁହାଳରେ ଧୂଆଁ ଦେଲେ ଏହି ରୋଗ ବ୍ୟାପିବାର ସମ୍ଭାବନା କମିଯାଏ । ଗୁହାଳ ଭିତର ଓ ବାହାର ପରିଷ୍କାର ରଖିବା ସଙ୍ଗେ ସଙ୍ଗେ ଗୁହାଳ ଓ ଗାଈଗୋରୁ ବାହାରେ ବନ୍ଧା ହେବା ଜାଗା ଠାରୁ ଖତଗଦା ଦୂରରେ ରହିଲେ ଭଲ ।



(ଗ) ଚର୍ମବିଣ୍ଡି ବସନ୍ତ ରୋଗ :- ଗାଈଗୋରୁଙ୍କଠାରେ ଦେଖାଯାଉଥିବା ବିଭିନ୍ନ ଭୂତାଣୁ ଜନିତ ରୋଗ ମଧ୍ୟରୁ ଏହା ଏକ ସଂକ୍ରାମକ ରୋଗ । ମଶା, ଡାଆଁଶ ଓ ଟିଙ୍କମାନେ ଏ ରୋଗର ବାହକ ଭାବେ କାର୍ଯ୍ୟ କରନ୍ତି। ଘା', ରକ୍ତ, ଲାଳ, ସିଙ୍ଘାଣି ଓ ଶୁକ୍ର ଦ୍ୱାରା ଏହି ରୋଗ ଗୋଟିଏ ପଶୁର ଶରୀରରୁ ଅନ୍ୟ ପଶୁର ଶରୀରକୁ ସଂକ୍ରମିତ ହୋଇଥାଏ। ଗତ ବର୍ଷ ଏହି ରୋଗରେ ରାଜ୍ୟର ଅନେକ ଗୋରୁ ଆକ୍ରାନ୍ତ ହୋଇଥିଲେ। ଗାଈଗୋରୁଙ୍କ ମୁଣ୍ଡ, ବେକ, ଗୋଡ ଓ ପହ୍ମା ଆଦିରେ ଆବୁ ବାହାରିଲା ପରି 'ଫୁଲା' ଦେଖାଯାଏ।

(୨) ଜୀବାଣୁ ଜନିତ ରୋଗ :-ଗାଈଗୋରୁମାନେ ଆକ୍ରାନ୍ତ ହେଉଥିବା ବିଭିନ୍ନ ଜୀବାଣୁ ଜନିତ ରୋଗଗୁଡିକ ନିମ୍ନରେ ପ୍ରଦାନ କରଗଲା ।

କ. ସାହାଣା ବା ତଣ୍ଟି ଫୁଲା ରୋଗ:- ଓଡିଶାରେ ଏହି ରୋଗ ବର୍ଷାଋତୁ ପ୍ରାରମ୍ଭରେ ଗାଈ ଓ ମଇଁଷିମାନଙ୍କଠାରେ ଦେଖାଯାଇଥାଏ । ଏ ରୋଗ ଜୀବାଣୁ ଦ୍ୱାରା ହୁଏ। ଗାଁରେ ବହୁତ ଗୋରୁଙ୍କୁ ଏକା ସହ ଏ ରୋଗ ଆକ୍ରମଣ କରିଥାଏ।



ଲକ୍ଷଣ :-

- ଶରୀରର ତାପମାତ୍ରା ବଢିଯାଏ ଏବଂ ଲୋମ ଟାଙ୍କୁରି ଉଠି ଆକ୍ରାନ୍ତ ପଶୁ ଥରିଥାଏ । ଗୋରୁ ଦେହରେ ୧୦୬$^{o}$ କିମ୍ବା ୧୦୭$^{o}$ ଫାରେନହିଟ୍ ଜ୍ୱର ରହେ, ଜିଭ ବାହାରକୁ ବାହାରି ଆସେ। ପାଟିବାଟେ ଅନବରତ ଲାଳ ବାହାରିଥାଏ ।
- ପଶୁର ବେକ ତଳଭାଗ ଠାରୁ କମଳର ଶେଷ ଭାଗ ପର୍ଯ୍ୟନ୍ତ ଫୁଲିଯାଏ ।
- ଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୁଏ ଏବଂ ତଣ୍ଟିବାଟେ ପ୍ରଶ୍ୱାସ ନେଲାବେଳେ ଘଡଘଡ ଶବ୍ଦ ହୁଏ ।

ପ୍ରତିଷେଧ :- ରୋଗ ନହେବା ପାଇଁ ଗାଈଗୋରୁମାନଙ୍କୁ ବର୍ଷାଦିନ ପୂର୍ବରୁ ସାହାଣ ଟିକା ଦେବା ଉଚିତ । ନିୟମିତ ଭାବରେ ଟିକା ଦେଇଦେଲେ ଏ ରୋଗ ହୁଏ ନାହିଁ। ରୋଗରେ ମରିଥିବା ଗାଈଗୋରୁମାନଙ୍କୁ ପୋଡ଼ିଦେବା ବା ଗଭୀର ଗାତ କରି ପୋତିଦେବା ଉଚିତ ।

ଖ. ବଜବଜିଆ ରୋଗ :- ସାଧାରଣତଃ ଏହି ରୋଗ ୩ ମାସ ବୟସରୁ ଉର୍ଦ୍ଧ୍ୱ ଏବଂ ୨ ୧/୨ ବର୍ଷ ବୟସର ବାଛୁରୀମାନଙ୍କୁ ବର୍ଷାଋତୁ ପ୍ରାରମ୍ଭରେ ଦେଖାଯାଇଥାଏ । ଏହି ରୋଗର ଜୀବାଣୁମାନେ ମାଟିରେ ଥାଆନ୍ତି । ଘାସ ଓ କୁଟା ଖାଇବା ବେଳେ ଏହି ଜୀବାଣୁମାନେ ଖାଦ୍ୟନଳୀ ବାଟେ ଭିତରକୁ ଯାଇ ଦେହର ମାଂସାଳ ଜାଗାରେ (ଚଟୁଆ) ରୋଗ କରାଇଥାଆନ୍ତି । ପ୍ରାଥମିକ ଅବସ୍ଥାରେ ଚିକିତ୍ସା ନକଲେ ଗୋରୁ ମରିଯାଏ।

ଲକ୍ଷଣ :-

- ବାଛୁରୀକୁ ଖୁବ ଜ୍ୱର ହୋଇଥାଏ ।



- ଆଗ ଚଟୁଆ ଓ ପଛ ଗୋଡ ଫଡିଆର ମାଂସପେଶୀ ଫୁଲିଯାଏ । କେତେକ ସ୍ଥଳେ ପିଠି ମାଂସ ଏବଂ ପେଟତଳ ମାଂସ ଫୁଲିଯାଏ । ଫୁଲା ସ୍ଥାନକୁ ହାତ ପାପୁଲିରେ ଚିପିଲେ ହାତକୁ ଗରମ ଲାଗେ ଏବଂ 'କଡ଼କଡ଼' ଶବ୍ଦ କରେ ।

ପ୍ରତିଷେଧ :- ବର୍ଷାଋତୁ ଆରମ୍ଭର ୨ ମାସ ପୂର୍ବରୁ ୩ ମାସରୁ ଅଢ଼େଇ ବର୍ଷ ବୟସ ବାଛୁରୀମାନଙ୍କୁ ପ୍ରଥମ ମାତ୍ରା ପ୍ରତିଷେଧକ ଟିକା ଦିଆଯାଇଥାଏ । ପ୍ରଥମ ଟୀକାକାରଣର ପୁନଶ୍ଚ ୧୦ମ ଦିନ ଆଉ ଏକ ମାତ୍ରା ଟିକା ଦିଆଯାଇଥାଏ ଯାହାକି ବାଛୁରୀମାନଙ୍କୁ ଏହି ରୋଗରୁ ରକ୍ଷା କରିଥାଏ । ନିୟମିତ ଟିକା ଦେଲେ ଏ ରୋଗ ହୋଇନଥାଏ।

ଗ. ପ୍ଲିହାଜ୍ୱର ବା ଆନ୍ଥ୍ରାକ୍ସ :- ଏହି ରୋଗ ସମସ୍ତ ବୟସର ଗାଈଗୋରୁମାନଙ୍କଠାରେ ଦେଖାଯାଏ । ଏହା ଏକ ଜୀବାଣୁ ଜନିତ ରୋଗ । ଆନ୍ଥ୍ରାକ୍ସ ରୋଗରେ ଆକ୍ରାନ୍ତ ଗୋରୁମାନଙ୍କୁ ନଦୀରେ ଭସାଇବା କିମ୍ବା ବାହାରେ ଫୋପାଡିବା ଦ୍ୱାରା ଏହି ରୋଗର ଜୀବାଣୁମାନେ ନଦୀ ପଠାରେ ବା ସେଠାରେ ଥିବା ଘାସରେ ଲାଗି ରହନ୍ତି । ସୁସ୍ଥ ଗୋରୁମାନେ ଏହି ଘାସ ଖାଇବା ଦ୍ୱାରା ଏହା ଶରୀର ଭିତରକୁ ଯାଇ ରୋଗ କରାଇଥାଏ । ଏଠାରେ ସୂଚାଇ ଦିଆଯାଉଛି ଯେ ଏହି ଜୀବାଣୁ ମାଟିରେ ବର୍ଷ ବର୍ଷ ଧରି ରହି ରୋଗ କରାଇଥାଆନ୍ତି । ମଣିଷମାନେ ଆକ୍ରାନ୍ତ ଗୋରୁମାନଙ୍କର ମାଂସ ଖାଇବା ଦ୍ୱାରା ଏହି ରୋଗରେ ପଡିଥାଆନ୍ତି ।



ଲକ୍ଷଣ :-

- ଆକ୍ରାନ୍ତ ଗୋରୁମାନେ ଭୀଷଣ ଜ୍ୱରରେ ଥରିଥାଆନ୍ତି ।
- ଖାଇବା ଓ ପିଇବା ବନ୍ଦ କରିଦିଅନ୍ତି ।
- ନାକ, ପାଟି, ପରିସ୍ରା ଓ ମଳଦ୍ୱାରରୁ କଳା ରଙ୍ଗର ରକ୍ତ ବାହାରିଥାଏ ଏବଂ ଏହା ଜମାଟ ବାନ୍ଧେ ନାହିଁ ।

ପ୍ରତିଷେଧ :- ରୋଗାକ୍ରାନ୍ତ ଗୋରୁମାନଙ୍କର ମୃତ୍ୟୁ ପରେ ଶବ ବ୍ୟବଚ୍ଛେଦ କରାଯାଏ ନାହିଁ ଓ ଗଭୀର ଖାତ କରି ଚୂନ ଓ ଲୁଣ ଦେଇ ପୋତିଦେବା ଭଲ, ନଚେତ ପୋଡ଼ିଦେବା ଉଚିତ । ପ୍ରତିବର୍ଷ ପ୍ରତିଷେଧକ ଟୀକା ଦେଲେ ଗୋରୁମାନଙ୍କଠାରେ ଏହି ରୋଗ ଦେଖାଯାଏ ନାହିଁ।

ଘ. ଥନହରା ରୋଗ :- ଗୋପାଳନରୁ ଅଧିକ ଲାଭବାନ ହେବା ନିମନ୍ତେ ଚାଷୀମାନେ ଅଧିକ ଉତ୍ପାଦନକ୍ଷମ ପ୍ରଜାତିର ଗାଈ ପାଳନ କରୁଛନ୍ତି । ଥନହରା ରୋଗ ମୁଖ୍ୟତଃ ଅଧିକ କ୍ଷୀର ଦେଉଥିବା ଦୁଧିଆଳୀ ଗାଈଙ୍କ ଠାରେ ଦେଖାଯାଇଥାଏ । ଜୀବାଣୁ ଚିର ବାଟ ଦେଇ ପହ୍ନା ମଧ୍ୟକୁ ପ୍ରବେଶ କରି ରୋଗ କରିଥାଆନ୍ତି । ଏତଦ୍‌ବ୍ୟତୀତ ପହ୍ନାରେ କ୍ଷତ, ଅପରିଷ୍କାର ଦୁହାଁଳି, ବାଛୁରୀ ଚିର କାମୁଡିବା ଓ ଗାଈମାନଙ୍କୁ ଅପରିଷ୍କାର ଓ ସନ୍ତସନ୍ତିଆ ଜାଗାରେ ବାନ୍ଧିବା ଯୋଗୁଁ ଥନହରା ରୋଗ ଜୀବାଣୁ ସଂକ୍ରମଣର ସମ୍ଭାବନା ଥାଏ ।

ଲକ୍ଷଣ :-

୧. ଚିର ଓ ପହ୍ନା ଫୁଲିଯାଏ, ଟାଣ ଲାଗେ ଏବଂ ହାତ ମାରିଲେ ଗାଈକୁ କଷ୍ଟ ଲାଗିଥାଏ ।

୨. ଛେନା ଛିଣ୍ଡିଲା ପରି କ୍ଷୀର ବାହାରିଥାଏ ।

୩. ପହ୍ନାରୁ ରକ୍ତ ଓ ପୁଜ ମିଶା କ୍ଷୀର ବାହାରିଥାଏ । ବେଳେ ବେଳେ କ୍ଷୀର ପାଣି ଭଳିଆ ହୋଇଯାଏ ।

ପ୍ରତିଷେଧ :-

- ପରିଷ୍କାର ଦୁହାଁଳିଦ୍ୱାରା ସଫା ହାତରେ ଦୁହିଁବା ଦରକାର । ଆକ୍ରାନ୍ତ ଗାଈକୁ ସବା ଶେଷରେ ଦୁହିଁବା ଉଚିତ ।
- ଗୁହାଳ ବିଶେଷ କରି ଚଟାଣକୁ ସଫା ରଖିବା ଉଚିତ ।
- ଗାଈର ଚିର ଏବଂ ପହ୍ନା ନିହାତି ସଫା କରିବା ଦରକାର । ଦୁଗ୍ଧ ଦୁହିଁ ସାରିବା ପରେ ପହ୍ନାକୁ ଓ ଚୀର ରନ୍ଧ୍ର ବିଶୋଧକ ପାଣିରେ ଧୋଇବା ଦରକାର ।
- ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇବା ଜରୁରୀ ।

ଙ. କଅଁଳା ବାଛୁରୀଙ୍କର ତରଳ ଝାଡାରୋଗ :- ଏହା ଏକ ଜୀବାଣୁ ଜନିତ ରୋଗ, ସଦ୍ୟ ଜନ୍ମ ହୋଇଥିବା ବାଛୁରୀଠାରୁ ଆରମ୍ଭ କରି ୩ ସପ୍ତାହ ବୟସ ପର୍ଯ୍ୟନ୍ତ ବାଛୁରୀଠାରେ ଏହି ରୋଗ ଦେଖାଯାଇଥାଏ । ଜନ୍ମ ପରେ ଯଥେଷ୍ଟ ପରିମାଣରେ କଷକ୍ଷୀର ନ ପିଇବା ଦ୍ୱାରା ଅଳ୍ପ ଜାଗାରେ ବେଶୀ ବାଛୁରୀ ରହିବା ଦ୍ୱାରା ଓ ଅସ୍ୱାସ୍ଥ୍ୟକର ଓ ଅପରିଷ୍କାର ଗୁହାଳରେ ରହିବା ଦ୍ୱାରା ବାଛୁରୀମାନଙ୍କର ଏହି ରୋଗ ହୋଇଥାଏ ।

ଲକ୍ଷଣ :-

- ଆଖିପତା ଓ ପାଟି ଶେତା ଦେଖାଯାଏ ।
- ଦୁର୍ଗନ୍ଧଯୁକ୍ତ ତରଳ ଧଳା ଝାଡା ହୋଇଥାଏ । ମଝିରେ ମଝିରେ ଝାଡାରେ ରକ୍ତ ପଡିଥାଏ ।
- ବାଛୁରୀ ନିସ୍ତେଜ ହୋଇ ଖାଇବା ବନ୍ଦ କରିବା ଯୋଗୁଁ ମୃତ୍ୟୁମୁଖରେ ପଡିଥାଏ ।

ପ୍ରତିଷେଧ :-

- ଛୋଟ ବାଛୁରୀମାନଙ୍କୁ ପରିଷ୍କାର ଗୁହାଳରେ ରଖିବା ଉଚିତ ।
- ଗାଈର ପହ୍ନା ଓ ଚିର ନିହାତି ପରିଷ୍କାର ରହିବା ଉଚିତ ।
- ବାଛୁରୀକୁ ଜନ୍ମ ପରେ ଶରୀର ଆବଶ୍ୟକ ପରିମାଣର କଷକ୍ଷୀର ପିଆଇବା ଦରକାର ଯାହାକି ବାଛୁରୀର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ ।
- ଯଥା ସମ୍ଭବ ବାଛୁରୀମାନଙ୍କୁ ଗହଳି ମଧ୍ୟରେ ରଖିବା ଅନୁଚିତ ।
- ପ୍ରାଣୀଚିକିତ୍ସକଙ୍କ ଦ୍ୱାରା ଆକ୍ରାନ୍ତ ବାଛୁରୀର ଆସୁ ଚିକିତ୍ସା ବ୍ୟବସ୍ଥା

କୃମି ରୋଗ:

ଜୀବାଣୁ କିମ୍ବା ଭୂତାଣୁ ରୋଗଭଳି ଅନ୍ୟ ଏକ ମାରାତ୍ମକ ରୋଗ ହେଉଛି କୃମି ରୋଗ । ଜୀବାଣୁ ବା ଭୂତାଣୁ ରୋଗ ଦେଖାଦେବା ମାତ୍ରେ ତାର ଚିକିତ୍ସା କଲେ ରୋଗ ଭଲ ହୋଇଯାଏ । ମାତ୍ର ଗୋରୁ ଦେହରେ କୃମି ବେଶୀ ଦିନ ବଞ୍ଚି ରହେ । ଶରୀରରେ ରହି ବଂଶ ବୃଦ୍ଧି କରେ, ରକ୍ତ ଶୋଷେ, ରୋଗ ସୃଷ୍ଟିକରେ, ଉତ୍ପାଦନ କମାଏ ଓ ଶରୀରକୁ ବୃଦ୍ଧି ହେବାରେ ପ୍ରତିବନ୍ଧକ ସାଜେ । ଶେଷରେ ରୋଜଗାର କମିଯାଏ ଓ ବ୍ୟବସାୟରେ କ୍ଷତି ହୁଏ ।

କୃମିର ଜୀବନଚକ୍ର: ଏମାନେ ବିଲରେ, ବାଡ଼ିରେ ଥାଆନ୍ତି, ଘାସରେ ଥାଆନ୍ତି, ପାଣିରେ ଥାଆନ୍ତି । ଗାଈଗୋରୁ ଖାଇଲାବେଳେ, ପିଇଲାବେଳେ ଶରୀରକୁ ପ୍ରବେଶ କରିଥାନ୍ତି । ଏମିତିକି କେତେକ କୃମି ଗୋରୁର ଚମଡ଼ାବାଟେ ମଧ୍ୟ ଗୋରୁ ଦେହ ଭିତରକୁ ଯାଆନ୍ତି ଏବଂ ସେଠାରେ ବଂଶବୃଦ୍ଧି କରନ୍ତି । ସେମାନଙ୍କର ଅଣ୍ଡା ଗୋବର ସହିତ ମିଶି ବାହାରକୁ ଆସେ । ଅଣ୍ଡାରୁ ଛୁଆ ଫୁଟେ ଓ ଘାସରେ ତଥା ମାଟିରେ ଏବଂ ପାଣିରେ ମିଶେ । ପୁଣି ଗୋରୁର ଖାଦ୍ୟ ଆଉ ପାଣିରେ ତା ପେଟରେ ପଶେ। ଏଭଳି କୃମିର ଜୀବନଚକ୍ର ଚାଲିଥାଏ । ତେଣୁ ସବୁବେଳେ କୃମିର ଜୀବନଚକ୍ର ଭାଙ୍ଗିବା ପାଇଁ ବ୍ୟବସ୍ଥା କରିବା ଉଚିତ୍ ଫଳରେ କୃମି ବଢ଼ିପାରିବନି କି ବଂଶବୃଦ୍ଧି ମଧ୍ୟ କରିପାରିବ ନାହିଁ।

ସାଧାରଣତଃ ଗାଈଗୋରୁମାନଙ୍କଠାରେ ଦେଖାଯାଉଥିବା କୃମି ଜନିତ /ପରଜୀବୀ ଜନିତ ରୋଗଗୁଡିକୁ ଦୁଇଭାଗରେ ବିଭକ୍ତ କରାଯାଇଅଛି । ଅନ୍ତଃ କୃମିଜନିତ ରୋଗ ଓ ବାହ୍ୟ କୃମିଜନିତ ରୋଗ । ଅନ୍ତଃ କୃମିଜନିତ ରୋଗଗୁଡିକ ଶରୀରର ଭିତର ଅଂଶକୁ ଆକ୍ରାନ୍ତ କରୁଥିବା ବେଳେ ବାହ୍ୟ କୃମିଜନିତ ରୋଗଗୁଡିକ ଶରୀରର ବାହାର ଯଥା ଚର୍ମ ଓ ଲୋମ ଇତ୍ୟାଦିରେ ଦେଖାଯାଇଥାଏ ।

୧ - ଅନ୍ତଃ କୃମିମାନଙ୍କ ମଧରେ କେଞ୍ଚୁଆ, କୃମି, ଯକୃତ କୃମି, ଚାକୁଣ୍ଡା କୃମି, ରକ୍ତ ଝାଡ଼ା କୃମି ଓ ସଇଁଆ କୃମି ଇତ୍ୟାଦି ଗାଇଗୋରୁଙ୍କୁ ଆକ୍ରାନ୍ତ କରିଥାଏ ।

ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ନିୟମିତ ମଳ ପରୀକ୍ଷା କରାଇ କୃମି ନିବାରଣ ଚିକିତ୍ସା ସହିତ ଗୁହାଳ ପରିଛନ୍ନତା ତଥା ନିର୍ମଳ ଜଳଯୋଗାଣ କୃମି ନିରାକରଣରେ ସାହାଯ୍ୟ କରିଥାଏ ।

୨ – ବାହ୍ୟ କୃମି ଜନିତ ରୋଗ – ଗାଇଗୋରୁମାନେ ବାହ୍ୟ କୃମିମାନଙ୍କ ଦ୍ୱାରା ଆକ୍ରାନ୍ତ ହେଲେ ସେମାନଙ୍କର ଉତ୍ପାଦନ କ୍ଷମତା ହ୍ରାସ ପାଇଥାଏ । ଗାଇଗୋରୁମାନଙ୍କଠାରେ ଦେଖାଯାଉଥିବା ବାହ୍ୟ କୃମିଗୁଡିକ ହେଲା ମଶା, ମାଛି, ଉକୁଣି, ଡାଆଁଶ, ଟିଙ୍କ ଇତ୍ୟାଦି । ଏମାନେ ସାଧାରଣତଃ ଚର୍ମ ଓ ଲୋମରେ ଲାଗିରହି ଘା କରିଥାଆନ୍ତି ଯାହାଫଳରେ ଗାଇଗୋରୁମାନେ କଷ୍ଟ ପାଆନ୍ତି ଏବଂ ଖାଇବା ପିଇବାରେ ଅସୁବିଧା ହୋଇଥାଏ । ଅନ୍ୟ କେତେକ ବାହ୍ୟ କୃମି ଗାଇଗୋରୁଙ୍କର ରକ୍ତ ଶୋଷି ଥାଆନ୍ତି ଏବଂ ସ୍ଥଳ ବିଶେଷରେ ବିଭିନ୍ନ ପ୍ରକାର ଭୂତାଣୁ, ଜୀବାଣୁର ବାହକ ହୋଇଥାଆନ୍ତି ଯାହା ଫଳରେ ଗାଇଗୋରୁମାନେ ରକ୍ତହୀନତାର ଶିକାର ହେବା ସଙ୍ଗେ ସଙ୍ଗେ ବହୁତ ପ୍ରକାର ମାରାତ୍ମକ ରକ୍ତ କୃମି ଜନିତ ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି ।

ପ୍ରତିକାର :- ଗାଇଗୋରୁମାନଙ୍କର ଚର୍ମରୋଗର ଚିକିତ୍ସା ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କରାଇବା ସଙ୍ଗେ ସଙ୍ଗେ ଗୁହାଳର ପରିଛନ୍ନତା ପ୍ରତି ବିଶେଷ ଦୃଷ୍ଟି ଦେଲେ ଗାଇଗୋରୁମାନେ ଏହି ରୋଗରୁ ମୁକ୍ତି ପାଇଥାଆନ୍ତି ଏବଂ ଉତ୍ପାଦନ ବଢିଥାଏ ।

ରକ୍ତ କୃମି ଜନିତ ରୋଗ :- ଗାଇଗୋରୁମାନେ ରକ୍ତ କୃମି ଜନିତ ରୋଗରେ ଆକ୍ରାନ୍ତ ହେଲେ ଚାଷୀଙ୍କୁ ବହୁତ କ୍ଷତି ସହିବାକୁ ପଡିଥାଏ କାରଣ ଏହି ସବୁ ରୋଗ ହେଲେ ଗାଈମାନଙ୍କର ଉତ୍ପାଦନ ବହୁମାତ୍ରାରେ ହ୍ରାସ ପାଇଥାଏ ଏବଂ ଏହାର ଚିକିତ୍ସା ଖର୍ଚ୍ଚ ମଧ ବହୁତ ଅଧିକ ହୋଇଥାଏ । ଗାଈମାନଙ୍କଠାରେ ଦେଖାଯାଉଥିବା କେତୋଟି ରୋଗ ସମ୍ବନ୍ଧରେ ନିମ୍ନରେ ପ୍ରଦାନ କରାଗଲା ।

**କ. ଥେଲେରିଆ ରୋଗ :-** ସଙ୍କରଜାତୀୟ ଗାଇଗୋରୁମାନେ ବେଶୀ ଆକ୍ରାନ୍ତ ହୁଅନ୍ତି । ଟିଙ୍କମାନଙ୍କ ଦ୍ୱାରା ଏହି ରୋଗ ବ୍ୟାପିଥାଏ ।

ଲକ୍ଷଣ –

- ଭୀଷଣ ଜ୍ୱର ହୁଏ । ଚଟୁଆ ପାଖ ଲସିକା ଗ୍ରନ୍ଥି ଛୋଟ ବଲ ପରି ଫୁଲିଯାଏ
- ଖାଇବା ଓ ପିଇବା ବନ୍ଦ କରିଦିଏ ।
- ନାଳ ଓ ରକ୍ତ ମିଶା ତରଳ ଝାଡା ହୁଏ ।
- ନିଃଶ୍ୱାସ ପ୍ରଶ୍ୱାସ କ୍ରିୟା ଦ୍ରୁତଗତିରେ ବଢିଯାଏ ।



ପ୍ରତିଷେଧ :- ଗୋରୁମାନଙ୍କ ସହିତ ଗୁହାଳ ଓ ଚାରଣ ଭୂମିରେ ଟିଙ୍କ ମାରିବା ପାଇଁ ଉପଯୁକ୍ତ ଔଷଧ ସ୍ପ୍ରେ କରିବା ଉଚିତ । ଗାଇଗୋରୁମାନଙ୍କୁ ଟୀକା ଦେବା ଉଚିତ ।

ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ଚିକିତ୍ସା କରିବା ଉଚିତ ।

**ଖ. ବାବେସିଆ ରୋଗ :-** ଏହି ରୋଗର ଅନ୍ୟ ନାମ ରେଡ ୱାଟର ଫିଭର, କୃମିମାନେ ରକ୍ତରେ ପହଞ୍ଚିବାର ୨-୩ ସପ୍ତାହ ମଧରେ ଏହି ରୋଗ ଦେଖାଯାଏ ।

ଲକ୍ଷଣ :-

- ଶରୀର ତାପମାତ୍ରା ୧୦୬° ଫାରେନହିଟ ପର୍ଯ୍ୟନ୍ତ ବଢିଯାଏ ।
- ମାନ୍ଦା ରହେ, ଖାଇବାକୁ ଇଚ୍ଛା କରେ ନାହିଁ ଓ ରୋମନ୍ଥନ ବନ୍ଦ କରିଦିଏ ।
- ଆଖିତଳ ପତା ଶେତା ପଡିଯାଏ ।
- ପରିସ୍ରାର ରଙ୍ଗ ଲାଲ ବା କଫି ରଙ୍ଗର ହୋଇଥାଏ ।

ପ୍ରତିଷେଧକ :- ତୁରନ୍ତ ଚିକିତ୍ସା କରାଇବା ସଙ୍ଗେ ସଙ୍ଗେ ଟିଙ୍କ ମାରିବା ପାଇଁ ପଦକ୍ଷେପ ନେବା ଉଚିତ ।

**ଗ. ସରା ରୋଗ :-** ଏହାର ଅନ୍ୟ ନାମ ଟ୍ରିପାନୋସୋମିଆସିସ । ଡାଆଁଶ ଓ ଟିଙ୍କମାନେ ଏହି ରୋଗର ବାହକ ଅଟନ୍ତି। ବର୍ଷାଦିନରେ ଏହି ରୋଗ ବେଶୀ ମାତ୍ରାରେ ଦେଖାଯାଏ ।

ଲକ୍ଷଣ :-

- ଆକ୍ରାନ୍ତ ଗାଈଗୋରୁମାନେ ପାଗଳ ହେଲା ପରି ଦୌଡିଥାଆନ୍ତି ଓ କଚାଡି ହୋଇ ପଡନ୍ତି ।
- ଜ୍ୱର ହେବା ସହିତ ଶରୀରର ବିଭିନ୍ନ ଲସିକା ଗ୍ରନ୍ଥିଗୁଡିକ ଫୁଲିଯାଏ ।

ପ୍ରତିଷେଧ :- ଗୁହାଳରେ ଓ ଦେହରେ ଟିଙ୍କମରା ଔଷଧ ବିଶେଷ କରି ବର୍ଷାପରେ ଶୀତଦିନରେ ସ୍ପ୍ରେ କରିବା ଉଚିତ । ରୋଗର ଲକ୍ଷଣ ଦେଖାଯିବାମାତ୍ରେ ଚିକିତ୍ସା କଲେ ଗାଈ ସୁସ୍ଥ ହୋଇଥାଏ ।

ରୋଗର ପ୍ରତିକାର:

- ପ୍ରଥମ ପଦକ୍ଷେପରେ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଯଥାଶୀଘ୍ର ଚିକିତ୍ସା କରେଇ ନେବା କଥା।
- ଗୋରୁଙ୍କୁ ସୁସ୍ଥ ଓ ନିରୋଗ ରଖିବା ଲାଗି ଉତ୍ତମ ଖାଦ୍ୟ ଓ ପରିଷ୍କାର ପାଣିର ବ୍ୟବସ୍ଥା କରାଯିବା ଉଚିତ୍।
- ଭଲ ପରିବେଶ, ସଫାସୁତୁରା ଗୁହାଳ ଗୋରୁଗାଈଙ୍କୁ ରୋଗଠାରୁ ଦୂରରେ ରଖେ। ତେଣୁ ତା'ର ବ୍ୟବସ୍ଥା କରିବା କଥା।
- ଉତ୍ତମ ବ୍ୟବସ୍ଥା ବା ଉତ୍ତମ ପାଳନ ଗୋରୁଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନିହାତି ଜରୁରୀ ଅଟେ।
- ନିୟମିତ ରୋଗର ପରୀକ୍ଷା କରି କୃମି ଚିକିତ୍ସା କରିବା ନିହାତି ଜରୁରୀ।
- ଟିକାକରଣ ବା ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ଜାଣିବା ଏବଂ ଏ ଦିଗରେ ସରକାରୀ ସାହାଯ୍ୟର ସୁବିଧା ନେବା ଉଚିତ । ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସାଳୟ ଓ ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ରରେ ଟିକା ଉପଲବ୍ଧ ଅଛି। ଟିକା ସାରଣୀ ନିମ୍ନରେ ଦିଆଗଲା।

| | | | | |
|---|---|---|---|---|
| ୧. | ଫାଟୁଆ | ୪ ମାସ ଏବଂ ତଦୁର୍ଦ୍ଧ | ପ୍ରଥମ ଟିକାକରଣର ୧ ମାସ ପରେ | ୬ ମାସ ଅନ୍ତରରେ ବର୍ଷକୁ ଦୁଇଥର |
| ୨. | ସାହାଣା | ୬ ମାସ ଏବଂ ତଦୁର୍ଦ୍ଧ | ---------------- | ବର୍ଷକୁ ଦୁଇଥର |
| ୩. | ବଜବଜିଆ | ୩ ମାସ ଏବଂ ତଦୁର୍ଦ୍ଧ | ପ୍ରଥମ ଟିକାକରଣର ୧୦ମ ଦିନରେ | ବର୍ଷକୁ ଦୁଇଥର |
| ୪. | ଆନ୍ଥ୍ରାକ୍ସ | ୪ ମାସ ଏବଂ ତଦୁର୍ଦ୍ଧ | -------------- | ବର୍ଷକୁ ଥରେ |
| ୫. | ବ୍ରୁସେଲୋସିସ୍ | ୪-୮ ମାସ ବୟସ | ------------ | ବର୍ଷକୁ ଥରେ |
| ୬. | ଥେଲେରିଓସିସ୍ | ୪- ୮ ମାସ (କେବଳ ମାଈ ବାଛୁରୀ) | ------------ | ଜୀବନ କାଳରେ ଥରେ (କେବଳ ସଙ୍କର ଗାଈ) |

# ଗୋପାଳନ ନିମନ୍ତେ ସରକାରୀ କାର୍ଯ୍ୟକ୍ରମ

## ଉପକ୍ରମ :

ଆମ ରାଜ୍ୟରେ ୩୮ ଲକ୍ଷରୁ ଅଧିକ ପ୍ରଜନନ କ୍ଷମ ଗାଈ ମହିଷୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ୧୫% ହେଉଛନ୍ତି ସଙ୍କର ଜାତୀୟ ଗୋରୁ । ପାଖାପାଖି ୧୦ଲକ୍ଷ ଗାଈ କୃତ୍ରିମ ପ୍ରଜନନ ଦ୍ୱାରା ଉପକୃତ ହେଉଛନ୍ତି । ପଶୁ ସମ୍ପଦ ବିକାଶ ବିଭାଗ ତରଫରୁ ଓଡ଼ିଶା ପ୍ରାଣୀ ସମ୍ପଦ ବିକାଶ ସମିତି ଆମ ରାଜ୍ୟରେ ଗୋ ଉନ୍ନୟନ ପାଇଁ କାମ କରୁଛନ୍ତି । ପଶୁସଂପଦ ବିକାଶ ବିଭାଗ ଦେଶୀ ଗୋ ଜାତିର ଉନ୍ନତି ପାଇଁ ତା'ର ଆଠଟି ଗୋ ଉନ୍ନୟନ ଫାର୍ମରୁ ସିନ୍ଧି, ହରିଆନା, ସଙ୍କର ଓ ଜର୍ସି ପ୍ରଜନନ ଷଣ୍ଢ ଉତ୍ପାଦନ କରୁଛି । ଏହି ଫାର୍ମଗୁଡ଼ିକ ମଧ୍ୟ ଚାଷୀଙ୍କ ତାଲିମ ପାଇଁ ବ୍ୟବହାର ହେଉଛି । ଓମ୍‌ଫେଡ୍ ଦୁଗ୍ଧ ଉତ୍ପାଦକ ସମବାୟ ସମିତି ମାଧ୍ୟମରେ ଦୁଗ୍ଧ ସଂଗ୍ରହ, ପ୍ରକ୍ରିୟାକରଣ ଓ ବିକ୍ରିବଟା କାର୍ଯ୍ୟ କରୁଛି ।

## ଗୋପାଳନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ଯୋଜନା

**ଆମ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିକୁ ଆଖିରେ ରଖିବା ସହିତ ଗୋପାଳନ ଦ୍ୱାରା ଚାଷୀମାନଙ୍କୁ ବର୍ଷବ୍ୟାପୀ ସୁନିଶ୍ଚିତ ଆୟର ମାଧ୍ୟମ ଯୋଗାଇବା ପୂର୍ବକ ବିଭିନ୍ନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯାଇଥାଏ ।**

### ୧. ଭ୍ରାମ୍ୟମାଣ ପଶୁଚିକିତ୍ସା ସେବା:

ଅପହଞ୍ଚ ଓ ଦୂର ଗ୍ରାମଗୁଡ଼ିକରେ ଥିବା ଗୋ-ମହିଷାଦିଙ୍କୁ ପଶୁଚିକିତ୍ସା ସେବା ଯୋଗାଇବା ପାଇଁ ଭ୍ରାମ୍ୟମାଣ ପଶୁଚିକିତ୍ସା ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହାଦ୍ୱାରା ପଶୁ ଡାକ୍ତରଖାନାରୁ ଦୂରରେ ଥିବା ଗ୍ରାମଗୁଡ଼ିକର ଚାଷୀଭାଇମାନେ ପଶୁଚିକିତ୍ସା, ଟିକାକରଣ ଓ କୃତ୍ରିମ ପ୍ରଜନନର ଫାଇଦା ନେଇପାରିବେ । ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ଭ୍ରାମ୍ୟମାଣ ପଶୁଚିକିତ୍ସା ଗାଡ଼ି ଗାଁକୁ ଯାଇଥାଏ ।

### ୨. ଡାଏରୀ ଉଦ୍ୟୋଗ ବିକାଶ ଯୋଜନା (DEDS)

ଏହି ଯୋଜନା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ନାବାର୍ଡ଼ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଅଛି, ଯାହାକି ସମସ୍ତ ଆର୍ଥିକ ବର୍ଗର ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ । ଏହି ଡ଼ାଏରୀ ଉଦ୍ୟୋଗ ବିକାଶ ଯୋଜନାରେ ଜଣେ ସାଧାରଣ ବର୍ଗର ଚାଷୀ ବା ହିତାଧିକାରୀ ମୋଟ ପ୍ରକଳ୍ପ ଅଟକଳର ଶତକଡ଼ା ୨୫ ଭାଗ ଏବଂ ଅନୁସୂଚିତ ଜାତି ଓ ଜନଜାତି ଶତକଡ଼ା ୩୩.୩୩ ଭାଗ ସବ୍‌ସିଡ଼ି ବା ଛାଡ଼ ପାଇପାରିବେ । ଏହି ଯୋଜନାରେ ଚାଷୀ ସର୍ବନିମ୍ନ ୨ଟିରୁ ଆରମ୍ଭ କରି ସର୍ବାଧିକ ୧୦ଟି ଗାଈ ପାଇଁ ଋଣ ନେଇପାରିବେ ଏବଂ ଋଣ ରାଶି ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବ । ଏହି ଯୋଜନାରେ ଦୁଗ୍ଧ ସମବାୟ ସମିତି ଅଂଚଳରେ ଓମ୍‌ଫେଡ୍‌ର ଉନ୍ନତ ମାର୍କେଟିଂ ନେଟୱର୍କ ଥିବାରୁ ଦୁଗ୍ଧ ଚାଷୀମାନଙ୍କୁ ବ୍ୟାଙ୍କ ତରଫରୁ ଋଣ ପ୍ରଦାନରେ ଅଗ୍ରାଧିକାର ଦିଆଯିବ ।

ଏହି ଯୋଜନାରେ ଦୁଇ ରୁ ୧୦ ଗୋଟି ଗାଈ ବିଶିଷ୍ଟ ଫାର୍ମ ପାଇଁ ୭ ଲକ୍ଷ ଟଙ୍କା ଋଣ ମିଳୁଛି । ଅଟକଳ ପରିମାଣର ଶତକଡା ୧୦ ଭାଗ ଅଂଶଧନ ଚାଷୀକୁ ଦେବାକୁ ପଡିଥାଏ ଓ ଅବଶିଷ୍ଟ ୯୦ ଭାଗ ଅଟକଳ ବ୍ୟାଙ୍କରୁ ଋଣ କରିବାକୁ ପଡିଥାଏ ଓ ଋଣ ପରିଶୋଧର ସୀମା ୩ ରୁ ୫ ବର୍ଷ ମଧ୍ୟରେ ହୋଇଥାଏ । ଫାର୍ମ ପ୍ରତିଷ୍ଠା ପରେ ଏହି ଯୋଜନାରେ ସାଧାରଣ ବର୍ଗର ହିତାଧିକାରୀ ପାଇଁ ମୋଟ ବ୍ୟୟ ଅଟକଳର ୨୫ ଭାଗ ରିହାତି ଏବଂ ଅନୁସୂଚିତ ଜାତି ଓ ଜନଜାତି ତଥା ମହିଳାଙ୍କ ପାଇଁ ମୋଟ ବ୍ୟୟ ଅଟକଳର ୩୩.୩୩ ଭାଗ ରିହାତିର ବ୍ୟବସ୍ଥା ରହିଅଛି । ଏହି ଯୋଜନା ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ଜରିଆରେ କାର୍ଯ୍ୟକାରୀ ହେଉଅଛି ।

**୩. ସ୍ୱଳ୍ପମିଆଦୀ ଋଣ (କିଶାନ କ୍ରେଡ଼ିଟ କାର୍ଡ଼)** ଋଷୀ ଗାଈ ପରିପାଳନ ଯଥା - ଗୁହାଳ ମରାମତି ଓ ତିଆରି, ଦାନା କିଣା, ଘାସ ଋଷ ଓ ଔଷଧ ଖର୍ଚ୍ଚପାଇଁ ବ୍ୟାଙ୍କରୁ ସ୍ୱଳ୍ପ ମିଆଦୀ ଋଣ ନେଇପାରିବ । ଏହି ଯୋଜନାରେ କମ ସୁଧରେ ଋଣ ଏକ ବର୍ଷ ମଧ୍ୟରେ ପରିଶୋଧ କରିବେ ।

**୪. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା**

ରାଜ୍ୟ ସରକାରଙ୍କ ତରଫରୁ କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ କୃଷି ପ୍ରୋତ୍ସାହନ ଓ ପୁଞ୍ଜି ଲଗାଣ ନିଗମ ଲିମିଟେଡ (APICOL) ଜରିଆରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (MKUY) ନାମରେ ଏକ ଯୋଜନା କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାରେ ଆବଶ୍ୟକ ଜମିକୁ ଛାଡି ସ୍ଥାୟୀ ପୁଞ୍ଜିର ଖର୍ଚ୍ଚ ଉପରେ ରିହାତିର ବ୍ୟବସ୍ଥା ରହିଅଛି । ଏହି ଯୋଜନାରେ ସର୍ବନିମ୍ନ ୨୦ ଗୋଟି ସଂକର ଜାତୀୟ ଗାଈ କିମ୍ବା ୨୦ ଗୋଟି ଉତ୍କୃଷ୍ଟ ମଇଁଷି ବିଶିଷ୍ଟ ଫାର୍ମ ପ୍ରତିଷ୍ଠା ପାଇଁ ସାଧାରଣ ବର୍ଗ ହିତାଧିକାରୀମାନଙ୍କ ପାଇଁ ଟ.୫,୨୦,୦୦୦/- ଏବଂ ଅନୁସୂଚିତ ଜାତି/ଜନଜାତି/ମହିଳା ହିତାଧିକାରୀଙ୍କ ପାଇଁ ଟ.୬,୫୦,୦୦୦/- ରିହାତି ପରିମାଣ ଧାର୍ଯ୍ୟ କରାଯାଇଅଛି । ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଘରୋଇ ବ୍ୟାଙ୍କ କିମ୍ବା ସମବାୟ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ କରାଯାଇଥାଏ । ଏହି ଯୋଜନାରେ ଅତିକମରେ ୨୦ଟି ଗାଈ/ମଇଁଷି, ସମନ୍ୱିତ ଋଷ, ଦୈନିକ ୧୦୦୦୦ ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର, ଦୈନିକ ୩୦ ମେଟ୍ରିକ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଗୋଖାଦ୍ୟ କାରଖାନା ପ୍ରତିଷ୍ଠା ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଅଛି । ସାଧାରଣ ବର୍ଗର ପୁରୁଷ ହୋଇଥିଲେ ମୂଳଧନ ନିବେଶର ଶତକଡ଼ା ୪୦ଭାଗ ରିହାତିର ବ୍ୟବସ୍ଥା ରହିଛି । ତଫସିଲ ଭୁକ୍ତ ଜାତି ବା ଜନଜାତି, ମହିଳା, କୃଷି ଓ ଆନୁସଙ୍ଗିକ ବିଷୟରେ ସ୍ନାତକଧାରୀ ହୋଇଥିଲେ ଏହି ଯୋଜନା ମାଧ୍ୟମରେ ମୂଳଧନ ନିବେଶର ୫୦ ପ୍ରତିଶତ ରିହାତି ପାଇବାର ବ୍ୟବସ୍ଥା ଅଛି । ରିହାତିର ସର୍ବୋଚ୍ଚ ସୀମା ପଚାଶ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି ।

## ପ୍ରାଣୀଧନ ବୀମାକରଣ ଯୋଜନା (LIS)

ଏହି ଯୋଜନା ଓଡ଼ିଶାର ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ବୀମା ପ୍ରିମିୟମର ମୂଲ୍ୟକୁ ସରକାର ୫୦% -୮୦% ବହନ କରୁଥିବା ବେଳେ ବଳକା ଚାଷୀମାନେ ବହନ କରିଥାନ୍ତି ।

ଜାତୀୟ ପ୍ରାଣୀଧନ ମିଶନ ଜରିଆରେ ପ୍ରାଣୀଧନ ବୀମା ଯୋଜନା ଆମ ରାଜ୍ୟର ସମସ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାରେ ଗାଈଗୋରୁଙ୍କର ବୀମା ଅବଧି ମଧ୍ୟରେ ଅସ୍ୱାଭାବିକ ମୃତ୍ୟୁ ଘଟିଲେ, ଚାଷୀକୁ ଗାଈର ସଂପୂର୍ଣ୍ଣ ମୂଲ୍ୟ ଯୋଗାଇ ଦିଆଯାଇଥାଏ ଯଦ୍ଦ୍ୱାରା ଚାଷୀ ପୁନଶ୍ଚ ଗାଈ କିଣି ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଗୋପାଳନରୁ ଆୟକୁ ସୁନିଶ୍ଚିତ କରିଥାଏ । ଏହି ଯୋଜନାରେ ଗାଈଗୋରୁଙ୍କୁ ଏକ ବର୍ଷ ଓ ତିନି ବର୍ଷ ପର୍ଯ୍ୟନ୍ତ ବୀମାଭୁକ୍ତ କରିବାର ବ୍ୟବସ୍ଥା ରହିଅଛି । ଏହି ଯୋଜନାରେ ବୀମାଭୁକ୍ତ କରାଇବା ପାଇଁ ଚାଷୀମାନଙ୍କୁ ପ୍ରିମିୟମ ବାବଦକୁ ଅଳ୍ପ ଅର୍ଥ ଦେବାକୁ ପଡିଥାଏ ଏବଂ ବଳକା ଅର୍ଥ ସରକାର ବହନ କରିଥାଆନ୍ତି ।

## ୫. ଜାତୀୟ ପଶୁ ରୋଗ ନିୟନ୍ତ୍ରଣ ଯୋଜନା (NADCP)

ଏହି ଯୋଜନାରେ କେନ୍ଦ୍ର ସରକାର ସମସ୍ତ ଖର୍ଚ୍ଚ ବହନ କରିଥାନ୍ତି । ମୁଖ୍ୟତଃ ଗୃହପାଳିତ ପଶୁମାନଙ୍କୁ ଟିକାଦାନ ମାଧ୍ୟମରେ ଫାଟୁଆ ସଂକ୍ରାମକ ରୋଗର ନିୟନ୍ତ୍ରଣ ବ୍ୟବସ୍ଥା କରାଯାଉଛି । ଏହି ଯୋଜନା ମାଧ୍ୟମରେ ଗୃହପାଳିତ ପଶୁମାନଙ୍କର ଫାଟୁଆ ରୋଗ ଟିକାକରଣ ଓ ସେମାନଙ୍କର ପଞ୍ଜୀକରଣ କରାଯାଉଛି ।

## ୬. ଆତ୍ମନିଯୁକ୍ତି ନିମନ୍ତେ ଦକ୍ଷତା ବୃଦ୍ଧି ଓ ସଚେତନ ଶିକ୍ଷା କାର୍ଯ୍ୟକ୍ରମ

ଏ ଯୋଜନା ମାଧ୍ୟମରେ ପ୍ରଶିକ୍ଷଣ ଦ୍ୱାରା ବିଭିନ୍ନ ପ୍ରାଣୀପାଳନ ତଥା ଶିକ୍ଷିତ ବେକାର ଯୁବକ/ଯୁବତୀଙ୍କ ଜ୍ଞାନକୌଶଳ ବୃଦ୍ଧି କରାଯାଇଥାଏ ଫଳରେ ପ୍ରାଣୀ ତଥା କୁକୁଡ଼ା ପାଳନ କରି ଆତ୍ମନିଯୁକ୍ତି ପାଇଥାନ୍ତି । ଏ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ବିଭିନ୍ନ ଉନ୍ନତ ଗୋପାଳନ, ଛେଳିପାଳନ, କୁକୁଡ଼ା ପାଳନ ସମ୍ବନ୍ଧୀୟ ସିନେମା ଦେଖାଇବା, ବାଛୁରୀ ଶୋଭାଯାତ୍ରା କରିବା, ପ୍ରଦର୍ଶନୀରେ ଭାଗ ନେବା, ଜିଲ୍ଲା ମହୋତ୍ସବମାନଙ୍କରେ ଯୋଗଦାନ କରିବା, ଟିଭି କାର୍ଯ୍ୟକ୍ରମ ତଥା ଗ୍ରାମସ୍ୟାଟ୍ କାର୍ଯ୍ୟକ୍ରମରେ ଯୋଗଦାନ ଇତ୍ୟାଦି କରାଯାଇଥାଏ ।

## ୭. ଜାତୀୟ କୃତ୍ରିମ ପ୍ରଜନନ ଯୋଜନା (NAIP)

ଦେଶୀୟ ଗୋ-ପ୍ରଜାତିମାନଙ୍କର ଉନ୍ନତି ନିମନ୍ତେ ଜାତୀୟ ଗୋକୁଳ ମିଶନ୍ ମାଧ୍ୟମରେ କେନ୍ଦ୍ରସରକାର ଏହି ସ୍ୱତନ୍ତ୍ର ଯୋଜନା ବିଗତ ବର୍ଷରୁ ଆରମ୍ଭ କରିଛନ୍ତି । ଏହି ଯୋଜନାରେ ଗୋ ମହିଷାଦୀଙ୍କୁ କୃତ୍ରିମ ପ୍ରଜନନ ସେବା ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଛି ।

## ୮. ଜାତୀୟ ପ୍ରାଣୀଧନ ମିଶନ୍ (NLM)

ଏହି ମିଶନ୍ ମାଧ୍ୟମରେ ରାଜ୍ୟରେ ଗୋ ସମ୍ପଦର ସାମୁହିକ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି । ଏହି ଯୋଜନାରେ ମୁଖ୍ୟତଃ ସବୁଜ ଗୋଖାଦ୍ୟ ଫସଲ ଉତ୍ପାଦନ ଏବଂ ବିନିଯୋଗ ପାଇଁ ଚାଷୀମାନଙ୍କୁ ଘାସ ଆଚାର ପାଇଁ ସହାୟତା, ରିହାତି ଦରରେ ଘାସକଟା ଯନ୍ତ୍ର ଆଦି ଯୋଗାଇବା ବ୍ୟବସ୍ଥା ଅଛି ।

## ୯. ରାଜ୍ୟ ଯୋଜନାରେ ସବୁଜ ଗୋଖାଦ୍ୟ ଫସଲ ପାଇଁ ପ୍ରୋତ୍ସାହନ

### କ. ସବୁଦିନିଆ ସବୁଜ ଗୋଖାଦ୍ୟ ଫସଲ ପାଇଁ ସହାୟତା

ସବୁଦିନିଆ ଘାସ ଚାଷ ଯୋଜନା ମାଧ୍ୟମରେ ଆଗ୍ରହୀ ଚାଷୀମାନଙ୍କୁ ତିନି ବର୍ଷ ପାଇଁ ଅନୁବନ୍ଧିତ କରି ଜଳସେଚନ ସୁବିଧା ଥିବା ଅଧା ଏକର ଠାରୁ ପାଞ୍ଚ ଏକର ପର୍ଯ୍ୟନ୍ତ ଜମିରେ ସବୁଦିନିଆ ଘାସ ଚାଷ କରିବା ପାଇଁ ଏକର ପିଛା ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଛି । ଏହି ସହାୟତା ଦୁଇଟି ଦଫାରେ ସିଧାସଳଖ ବ୍ୟାଙ୍କ ଖାତାକୁ ଦିଆଯିବ । ଯେଉଁ ଚାଷୀ ପାଞ୍ଚ ଏକରରୁ ଅଧିକା ଜମିରେ ସବୁଦିନିଆ ଘାସ ଚାଷ କରିବେ, ସେମାନଙ୍କୁ ପାଞ୍ଚ ଏକରରୁ ତଦୁର୍ଦ୍ଧ ଜମିରେ ଘାସ ଚାଷ ପାଇଁ ଏକର ପିଛା ୬ ହଜାର ଟଙ୍କା ଆର୍ଥିକ ସହାୟତାର ବ୍ୟବସ୍ଥା ରହିଛି ।

### ଖ. ଋତୁକାଳୀନ ଗୋଖାଦ୍ୟ ଫସଲ ପାଇଁ ମିନିକିଟ୍ ସହାୟତା

ଘାସ ମଞ୍ଜି ଆବଣ୍ଟନ ଯୋଜନା (ମିନିକିଟ୍ ପ୍ରୋଗ୍ରାମ୍) ମାଧ୍ୟମରେ ବିଭିନ୍ନ ଋତୁକାଳୀନ ଘାସ ମଞ୍ଜି ପୁଡ଼ିଆ ରାଜ୍ୟର ଆଗ୍ରହୀ ଚାଷୀମାନଙ୍କୁ ବଣ୍ଟନ କରାଯାଇଥାଏ । ଏଥିପାଇଁ ତୃଣ ଉନ୍ନୟନ ଅଫିସରମାନେ ଚାଷୀଙ୍କ ପାଇଁ ପ୍ରଶିକ୍ଷଣର ଆୟୋଜନ କରିଥାନ୍ତି । ଏହି ଯୋଜନା ତଫସିଲଭୁକ୍ତ ଜାତି, ଜନଜାତି, ମହିଳା, ଦୁଗ୍ଧ ସମବାୟ ସମିତି ସଭ୍ୟ/ ସଭ୍ୟା ସ୍ୱୟଂ ସହାୟକ ଗୋଷ୍ଠି ତଥା ଗୋଶାଳା ପାଇଁ ଉଦ୍ଦିଷ୍ଟ ।

## ଗ. ଆଜୋଲା ଚାଷ ପାଇଁ ସହାୟତା

ଭୂମିହୀନ ଚାଷୀ ଯେଉଁମାନେ ଦୁଧିଆଳୀ ଗୋ-ମହିଷାଦି ଏବଂ ଛେଳି ମେଣ୍ଢା ପାଳନ କରୁଛନ୍ତି, ସେମାନେ ଆଜୋଲାକୁ ଏକ ପୁଷ୍ଟିକର ଖାଦ୍ୟ ରୂପେ ବ୍ୟବହାର କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ । ଚାଷୀ ମାନଙ୍କୁ ନିଜ ବାଡ଼ିରେ ଆଜୋଲା କୁଣ୍ଡ କରିବା ପାଇଁ ୨ ହଜାର ଟଙ୍କାର ସହାୟତା ସିଧାସଳଖ ବ୍ୟାଙ୍କ ଖାତାକୁ ଦିଆଯାଉଛି । ଏହି ସହାୟତା ଦୁଇଟି ଦଫାରେ ଦିଆଯିବ । ଖାତ କରିବା ପାଇଁ ୩୦୦ ଟଙ୍କା, ସିପୋଲିନ୍ ସିଟ୍ ବାବଦକୁ ୧୪୦୦ ଟଙ୍କା ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ୩୦୦ ଟଙ୍କା ଦିଆଯାଉଛି ।

## ଘ. ଫସଲ ଉଦ୍ଧୃତାଂଶର ଉପଚାର ପାଇଁ ସହାୟତା

ଆଗ୍ରହୀ ଗୋପାଳକ ମାନଙ୍କୁ ନିଜର ୨୦ କ୍ୱିଣ୍ଟାଲ୍ ନଡ଼ା କିମ୍ବା ଅନ୍ୟାନ୍ୟ ଫସଲ ଉଦ୍ଧୃତାଂଶର ଉପଚାର ପାଇଁ ୪,୪୦୦ ଟଙ୍କାର ସହାୟତା ସିଧାସଳଖ ବ୍ୟାଙ୍କ ଖାତାକୁ ଦିଆଯାଉଛି । ଗୋପାଳକ ମାନେ ଅତିକମରେ ୨ ଗୋଟି ଗାଈ ରଖିଥିବା ଆବଶ୍ୟକ । ଦୁଗ୍ଧ ସମବାୟ ସମିତି ସଭ୍ୟ/ ସଭ୍ୟା, ମହିଳା ଓ ଗୋଖାଦ୍ୟ ସମବାୟ ସମିତିର ସଭ୍ୟ/ ସଭ୍ୟା ଆଦିଙ୍କୁ ଅଗ୍ରାଧିକାର ଦିଆଯିବ । ଏହି ସହାୟତା ଦୁଇଟି ଦଫାରେ ଦିଆଯିବ । ପ୍ରଥମେ ଆବଶ୍ୟକ ଉପାଦାନ ଯଥା - ୟୁରିଆ, ଲୁଣ, ଡ଼ାଇକାଲସିୟମ୍ ଫସଫେଟ, ମକା ଚୁନା, ପାଣି ଗୁଡ଼ କିଣି ୧୦ କ୍ୱିଣ୍ଟାଲ୍ ନଡ଼ା କିମ୍ବା ଅନ୍ୟାନ୍ୟ ଫସଲ ଉଦ୍ଧୃତାଂଶର ଉପଚାର କରିସାରିବା ପରେ ପ୍ରଥମ କିସ୍ତି ରାଶି ୨୨୦୦ ଟଙ୍କା ଦିଆଯିବ । ଦ୍ୱିତୀୟ ଦଫାରେ ସେହିପରି ୧୦ କ୍ୱିଣ୍ଟାଲ୍ ନଡ଼ା କିମ୍ବା ଅନ୍ୟାନ୍ୟ ଫସଲ ଉଦ୍ଧୃତାଂଶର ଉପଚାର କରିସାରିବା ପରେ ଦ୍ୱିତୀୟ କିସ୍ତି ରାଶି ୨୨୦୦ ଟଙ୍କା ଦିଆଯିବ ।

### ଙ. ମୋଟର ଚାଳିତ ଘାସକଟା ଯନ୍ତ୍ର ଯୋଗାଣ ଯୋଜନା

ଯେକୌଣସି ବର୍ଗର ଚାଷୀ ଯେଉଁମାନଙ୍କର ୫ ରୁ ୨୦ ଗୋଟି ଦୁଧିଆଳୀ ଗାଈ ଏବଂ ଘାସ ଚାଷ ପାଇଁ ନିଜସ୍ୱ ଜମି ଥିବ, ସେହି ଚାଷୀମାନଙ୍କୁ ଜାତୀୟ ପ୍ରାଣୀଧନ ମିଶନ ଆନୁକୂଲ୍ୟରେ ମୋଟର ଚାଳିତ ଘାସ କଟା ଯନ୍ତ୍ର ରିହାତି ମୂଲ୍ୟରେ ଯୋଗାଇବାର ବ୍ୟବସ୍ଥା ରହିଅଛି । ତଫସିଲଭୁକ୍ତ ଜାତି, ଜନଜାତି, ମହିଳା ଓ ଦୁଗ୍ଧ ଉଦ୍ୟମିତା ବିକାଶ ଯୋଜନା / ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନ୍ତର୍ଭୁକ୍ତ ଚାଷୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଏହି ଯୋଜନାରେ ସାମିଲ କରାଯିବାର ବ୍ୟବସ୍ଥା ରହିଅଛି । ଏହି ଯୋଜନାରେ ମୋଟର ଚାଳିତ ଘାସ କଟା ଯନ୍ତ୍ର ଆନୁମାନିକ ମୂଲ୍ୟ ୨୫୦୦୦ ଟଙ୍କା ହିସାବରେ ସରକାରଙ୍କ ତରଫରୁ ଟ. ୧୫,୫୦୦/- ର ରିହାତି ବ୍ୟବସ୍ଥା ରହିଅଛି ଏବଂ ବଳକା ଅର୍ଥ ଟ. ୯,୫୦୦/- ଚାଷୀ ବହନ କରିଥାଏ ।

### ଚ. ଘାସ ଆଚାର ପ୍ରସ୍ତୁତ କରିବା ପାଇଁ ସହାୟତା

ଯେକୌଣସି ବର୍ଗର ଚାଷୀ ଯେଉଁମାନଙ୍କର ୫ ରୁ ୨୦ ଗୋଟି ଦୁଧିଆଳୀ ଗାଈ ଏବଂ ନିଜ ଜମିରେ ବା ସମୂହ ଭାବେ ଘାସ ଚାଷ କରିଥିବେ, ସେମାନେ ଏହି ଯୋଜନାରେ ୫୫,୨୫୦ ଟଙ୍କା ସବସିଡ଼ି ପାଇପାରିବେ । ଏଥିରେ ପ୍ରଥମ ଦଫାରେ ସାଇଲେଜ ପିଟ କରିସାରିଲାପରେ ୧୫୦୦୦ ଟଙ୍କା, ଦ୍ୱିତୀୟ ଦଫାରେ ସବୁଜ ଘାସ ଆଚାର କରି ସାଇଲେଜ ପିଟରେ ରଖିସାରିବା ପରେ ପାଇବେ । ମୋଟର ଚାଳିତ ଘାସକଟା ଯନ୍ତ୍ର ବାବଦରେ ସିଧାସଳଖ ଯୋଗାଣକାରୀ ସଂସ୍ଥାକୁ ଘାସକଟା ଯନ୍ତ୍ର ଚାଷୀଙ୍କ ଘରେ ସ୍ଥାପନ କଲାପରେ ବ୍ୟାଙ୍କ ଚେକ୍ ମାଧ୍ୟମରେ ସର୍ବାଧିକ ୨୫୦୦୦ ଟଙ୍କା ଦିଆଯିବ । ଏହି ଯୋଜନାରେ ତଫସିଲଭୁକ୍ତ ଜାତି, ଜନଜାତି, ମହିଳା ତଥା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଡାଏରୀ ଉଦ୍ୟୋଗ ବିକାଶ ଯୋଜନାରେ ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ଉଦ୍ୟୋଗୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ ।

# ଗାଈ ଫାର୍ମରେ ଖାତାପତ୍ର ଅଭିଲେଖନ ଓ ଦୈନନ୍ଦିନ କାର୍ଯ୍ୟ

**ଫାର୍ମ ଖାତା ପତ୍ର ପରିଚାଳନା :-**

ଯେକୌଣସି ବ୍ୟବସାୟରେ ସଠିକ୍ ହିସାବ ରଖିବା ନିତ୍ୟାନ୍ତ ଆବଶ୍ୟକ । ହିସାବ ରଖିବାକୁ ହେଲେ, ଖାତାପତ୍ର ନିୟମିତ ଭାବେ ଲେଖିରଖିବା ଆବଶ୍ୟକ । ସାଧାରଣତଃ ଗୋ-ଉଦ୍ୟୋଗର ହିସାବ ଦୁଇଭାଗରେ ବିଭକ୍ତ କରାଯାଇଥାଏ ।

**(୧) ବୈଷୟିକ ଖାତା (ଗାଈମାନଙ୍କର ବିବରଣୀ ଲେଖି ରଖାଯାଏ)**

**(୨) ବ୍ୟବସାୟିକ ଖାତା (ଫାର୍ମ ପ୍ରତିଷ୍ଠା କରିବା ଠାରୁ ଆରମ୍ଭ କରି ପୌନଃପୁନିକ ଖର୍ଚ୍ଚର ହିସାବ ରଖାଯାଏ)**

**(୧) ବୈଷୟିକ ଖାତା**

(କ) ବଂଶଗତ ବିବରଣୀ ଖାତା :- ଏହି ଖାତାକୁ ବଂଶାବଳୀ ଖାତା ମଧ୍ୟ କୁହାଯାଏ । ପ୍ରତ୍ୟେକ ଗାଈର ବାପା, ମା, ଜେଜେବାପା, ଜେଜେମା ଆଦି ୨ ରୁ ୩ ଟି ପିଢିର ବିବରଣୀ ଯଥାସମ୍ଭବ ସଂଗ୍ରହ କରି ଏହି ଖାତାରେ ଲେଖାଯାଏ ।

(ଖ) ପ୍ରଜନନ ସମ୍ବନ୍ଧୀୟ ଖାତା :- ଏହି ଖାତାରେ ପ୍ରତି ଗାଈ ପାଇଁ ଅଲଗା ଅଲଗା ଫର୍ଦ୍ଦରେ ଲେଖାଯାଏ । ବାଛୁରୀ ଜନ୍ମ ତାରିଖ, କେବେ ପ୍ରଜନନ କରାଗଲା (ଇଞ୍ଜେକ୍ସନ ଦିଆଗଲା), ଗର୍ଭ ପରୀକ୍ଷା ତାରିଖ, ଗର୍ଭ ରଖିଲା ଅଥବା ଲେଉଟାଇଲା, ମାଈ କି ଅଣ୍ଡିରା ବାଛୁରୀ ଜନ୍ମ କଲା, ଗର୍ଭ ନରଖିଲେ ତା'ର ଚିକିତ୍ସା ଇତ୍ୟାଦି ପ୍ରଜନନ ସମ୍ବନ୍ଧୀୟ ସବିଶେଷ ବିବରଣୀ ଲେଖାଯାଏ ।

(ଗ) ସ୍ୱାସ୍ଥ୍ୟ ରକ୍ଷା ଖାତା :- ଏହି ଖାତାରେ ପ୍ରତି ଗାଈର ବିଭିନ୍ନ ସମୟରେ ହୋଇଥିବା ରୋଗ ଓ ତା'ର ଚିକିତ୍ସାର ବିସ୍ତୃତ ବିବରଣୀ ଥାଏ । ଏହା ସହ ଟୀକାକରଣ ଓ କୃମି ନାଶକ ଔଷଧ ଦେବା ସମ୍ବନ୍ଧୀୟ ବିବରଣୀ ଲେଖାଯାଏ ।

**(୨) ବ୍ୟବସାୟିକ ଖାତା**

(ଘ) ଦାନା ଖାତା :- ଗୋଖାଦ୍ୟ ରଖିବା ତାରିଖ, କାହାଠାରୁ ଦାନା ଅଣାଗଲା, ଦୈନିକ କେତେ ଖର୍ଚ୍ଚ ହେଲା, ଏବଂ ଦିନ ଶେଷରେ କେତେ ଦାନା ରହିଲା ତା'ର ହିସାବ ରଖାଯାଏ । ଗାଈର ଦୈନିକ ଖାଇବା ଦାନାର ହିସାବ ରଖାଯାଏ । ଏଥିରେ ନଡା ଏବଂ ସବୁଜ ଘାସର ମଧ୍ୟ ହିସାବ ରଖାଯାଏ ।

(ଙ) ଦୁଗ୍ଧ ଉତ୍ପାଦନ ଏବଂ ବିକ୍ରୟ ଖାତା :- ପ୍ରତ୍ୟେକ ଦିନ ପ୍ରତିଟି ଗାଈ ସକାଳେ ଏବଂ ସନ୍ଧ୍ୟାରେ ଦେଉଥିବା ଦୁଗ୍ଧର ପରିମାଣର ବିବରଣୀ ରଖାଯାଏ । ଦୁଗ୍ଧ ବିକ୍ରିର ବିବରଣୀ ମଧ୍ୟ ପ୍ରତ୍ୟେକ ଦିନ ରଖାଯାଏ । ଏଥିରେ କ୍ଷୀରରେ ଥିବା ଛେନା ଏବଂ ଘିଅ ଅଂଶ ବିବରଣୀ ମଧ୍ୟ ରଖାଯାଏ। ଲାକ୍ଟୋମିଟର ବ୍ୟବହାର କରି କ୍ଷୀରର ସାନ୍ଦ୍ରତା **(specific gravity)** ମାପି ଛେନା ଅଂଶ ହିସାବ କରିଯାଇଥାଏ । ଦୁଗ୍ଧ ସମବାୟ ସମିତିରେ କ୍ଷୀର ନମୂନା ପରୀକ୍ଷା ବିବରଣୀ ସଂଗ୍ରହ କରି ରଖନ୍ତୁ ।

(ଚ) ବୀମା ଖାତା :- ପ୍ରତ୍ୟେକ ଗାଈର ବୟସ, ରଙ୍ଗ, କାନ ନୋଳି ନମ୍ବର, ବୀମା ମୂଲ୍ୟ, ବୀମା କମ୍ପାନୀର ନାମ ଓ ଠିକଣା, ପଲିସି କାଗଜ, ବୀମା ପ୍ରିମିୟମ୍ ରାଶିର ପରିମାଣ, ବୀମା ଅବଧି ଓ ବୀମା କରଣର ତାରିଖ ଇତ୍ୟାଦି ଲେଖି ରଖାଯାଏ ।

(ଛ) ଆୟ ଓ ବ୍ୟୟ ଖାତା :- ଫାର୍ମ ପ୍ରତିଷ୍ଠା କରିବାରେ ପୁଞ୍ଜୀ ଲଗାଣ, ଦୈନନ୍ଦିନ ଆୟ ଓ ବ୍ୟୟର ବିଶଦ ବିବରଣୀ ଏହି ଖାତାରେ ଲେଖାଯାଏ। ବିଭିନ୍ନ କାର୍ଯ୍ୟ ଯଥା ଚିକିତ୍ସା, ଘାସ ଚାଷ, ଦାନା କ୍ରୟ, ଋଣ ପରିଶୋଧ ରାଶି ଇତ୍ୟାଦି ପାଇଁ ଖର୍ଚ୍ଚ ଏବଂ କ୍ଷୀର ବିକ୍ରି, ଅଖା ବିକ୍ରି, ବାଛୁରୀ ବିକ୍ରି ବାବଦ ଆଦାୟ ଟଙ୍କାର ଟିକିନିଖି ହିସାବ ରଖାଯାଏ ।

**ଦୈନିକ ଗୋପାଳନ ଫାର୍ମର କାର୍ଯ୍ୟସୂଚୀ :-**

ବ୍ୟବସାୟିକ ଭିତ୍ତିରେ ଗୋପାଳନ କରିବାକୁ ହେଲେ ଉଦ୍ୟୋଗୀ ମାନେ କେତେକ ପରିଚାଳନା ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ । ଫାର୍ମର ସୁପରିଚାଳନା ଉଦ୍ୟୋଗୀର କାର୍ଯ୍ୟଦକ୍ଷତା ଉପରେ ନିର୍ଭର କରିଥାଏ । ଦୈନିକ କାର୍ଯ୍ୟ ସଠିକ ସମୟରେ କରିବା ଦ୍ୱାରା ପରିଶ୍ରମ ବାବଦ ଖର୍ଚ୍ଚ କମିଥାଏ ତତ୍ ସହିତ ଉତ୍ପାଦନ ବଢିଥାଏ । ନିମ୍ନରେ ଦୈନିକ ଫାର୍ମ ପରିଚାଳନା କାର୍ଯ୍ୟ ନିର୍ଘଣ୍ଟର ଏକ ନମୁନା ପ୍ରଦାନ କରାଗଲା।

ପ୍ରଥମ ପର୍ଯ୍ୟାୟ (ସକାଳ ଓଳା)

| ସମୟ | କାର୍ଯ୍ୟ |
|---|---|
| ପ୍ରାତଃ ୪.୦୦ ରୁ ୫.୦୦ | ଗାଈମାନଙ୍କୁ ପରିଷ୍କାର କରିବା, ଦାନା କୁଣ୍ଡ ସଫା କରିବା, ଗୁହାଳରୁ ଗୋବର ସଫା କରିବା, ଦୈନିକ ଆବଶ୍ୟକ ଦାନା ପରିମାଣର ଅଧା ଦାନା ଦୁହିଁବା ପୂର୍ବରୁ ଦେବା ଉଚିତ । |
| ୫.୦୦ ରୁ ୫.୩୦ | ଗାଈ ଦୁହିଁବା, କ୍ଷୀରକୁ ପରିଷ୍କାର ପାତ୍ରରେ ରଖିବା ଏବଂ ବିକ୍ରିର ବ୍ୟବସ୍ଥା କରିବା, ପାଣି ପିଆଇବା ପାଇଁ ଗାଈମାନଙ୍କୁ ପାଣି ଦେବା ଏବଂ ଗାଈକୁ ଖୋଲା ଜାଗାରେ ବୁଲିବା ପାଇଁ ଛାଡିବା । |
| ୫.୩୦ ରୁ ୭.୦୦ | ଗାଈମାନଙ୍କୁ ଗୁହାଳକୁ ଆଣି ଘଷି କରି ଗାଧୋଇବା, ଗୁହାଳ ଘର ପରିଷ୍କାର କରିବା, ଦୁଧିଆଳୀ ଗାଈମାନଙ୍କୁ ନଡା ଏବଂ ଘାସ ଆଦି ଖାଇବାକୁ ଦେବା । |
| ୭.୦୦ ରୁ ୧୧.୦୦ | ଅସୁସ୍ଥ ଗାଈମାନଙ୍କୁ ଚିହ୍ନଟ କରି ଯଥାକ୍ରମେ ଚିକିତ୍ସା ଓ ପ୍ରଜନନ କରିବାର ବ୍ୟବସ୍ଥା କରିବା, କ୍ଷୀର ପାତ୍ର ଏବଂ ଫାର୍ମର ଅନ୍ୟ ଆସବାବ ପତ୍ର ସଫା କରି ଖରାରେ ଶୁଖାଇବା । |
| ୧୧.୦୦ ରୁ ୨.୦୦ | ବିଶ୍ରାମ ସମୟ । |

ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ (ଉପର ଓଳା)

| ସମୟ | କାର୍ଯ୍ୟ |
|---|---|
| **୨.୦୦ ରୁ ୨.୩୦** | ଗାଈମାନଙ୍କୁ ପରିଷ୍କାର କରିବା । |
| **୨.୩୦ ରୁ ୪.୦୦** | ଅବଶିଷ୍ଟ ଦାନା ଖୁଆଇବା ପରେ ଗାଈମାନଙ୍କୁ ଦୁହିଁବା, କ୍ଷୀରକୁ ପରିଷ୍କାର ପାତ୍ରରେ ରଖିବା, ବାଛୁରୀ ଅନ୍ୟ ଗାଈମାନଙ୍କୁ ଖାଦ୍ୟ ଦେବା । |
| **୪.୦୦ ରୁ ୫.୦୦** | କ୍ଷୀର ବିକ୍ରି ପାଇଁ ବ୍ୟବସ୍ଥା କରିବା, ଖାଲି କ୍ଷୀର ପାତ୍ର ଗୁଡିକ ପରବର୍ତ୍ତୀ ଦିନ ପାଇଁ ସଫା କରି ରଖିବା, ଗୁହାଳ ସଫା କରିବା । |
| **୫.୦୦ ରୁ ୭.୦୦** | ଫାର୍ମର ଅବଶିଷ୍ଟ କାର୍ଯ୍ୟ ଯଥା ଦାନା ପ୍ରସ୍ତୁତ କରିବା, ନଡା ଓ ଘାସ ଆଦି ଛୋଟ କରି କାଟି ରଖିବା, ଫାର୍ମକୁ ନଡା ଓ ଘାସ ଆଣିବାର ବନ୍ଦୋବସ୍ତ କରିବା, ଆବଶ୍ୟକତା ଅନୁସାରେ ଚିକିତ୍ସାର ବ୍ୟବସ୍ଥା କରିବା । |
| **ସନ୍ଧ୍ୟା ୭.୦୦ ରୁ ଭୋର ୪.୦୦** | ବିଶ୍ରାମ ସମୟ । ରାତ୍ର ଜଗୁଆଳ କାର୍ଯ୍ୟ । |

ଉପରୋକ୍ତ ସମସ୍ତ କାର୍ଯ୍ୟ ସାଧାରଣତଃ ଛୋଟ ଫାର୍ମରେ (ଅତିବେଶୀରେ ୧୦ ଗୋଟି ଗାଈ ପାଇଁ) ଗୋଟିଏ ଶ୍ରମିକ ମାଧ୍ୟମରେ କରାଯାଇଥାଏ ।